

ଡୁପ୍ଲାଣ୍ଟିସ୍‌ଙ୍କ ୧୩ତମ ବିଶ୍ୱ ରେକର୍ଡ

ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

VOLUME- 43 ISSUE-51 THURSDAY 14 AUGUST 2025 PAGE-12 ₹ 6.00

ବର୍ଷ-୪୩ ସଂଖ୍ୟା-୫୧ ଗୁରୁବାର ୧୪ ଅଗଷ୍ଟ ୨୦୨୫ ପୃଷ୍ଠା-୧୨ ଟ.୬.୦୦





### ତୃତୀୟ ଦିନରେ ଅମଲାଙ୍କ ଆନ୍ଦୋଳନ; ରାଜସ୍ୱ ବିଭାଗ କାର୍ଯ୍ୟରେ ଅଚଳାବସ୍ଥା

# ସଂଘକୁ ସରକାରଙ୍କ ନାଲିଆଖି

- ଅନୁପସ୍ଥିତିକୁ ଛୁଟି ରୂପେ ଗଣାଯିବ, ବନ୍ଦହେବ ଦରମା
- ଦରମା ବନ୍ଦ ଚେତାବନୀ ଦେଲେ ରାଜସ୍ୱ ମନ୍ତ୍ରୀ
- କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ବିଭାଗର ଚିଠି
- ସମୂହ ଛୁଟି ଜିଦ୍‌ରେ ଅଟଳ ରାଜସ୍ୱ ଅମଲା ସଂଘ
- ଦାବି ପୂରଣ ନ ହେବା ଯାଏଁ ପଛକୁ ହଟିବୁନି: ସଂଘ

**ଭୁବନେଶ୍ୱର, ୧୩।୮ (ସମିସ):** ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲାମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିବାରୁ ରାଜସ୍ୱ ବିଭାଗରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାଜସ୍ୱ ଅମଲାଙ୍କ ଏପରି ସମୂହ ଛୁଟି ନିଷ୍ପତ୍ତି ସରକାରଙ୍କୁ କ୍ଷୁବ୍ଧ କରିଛି । ସମୂହ ଛୁଟିରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡିକେ ସିଂ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ଆନ୍ଦୋଳନରତ ଅମଲାଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ମାତ୍ର ମନ୍ତ୍ରୀଙ୍କ ନାଲିଆଖି, ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବଙ୍କ ଧମକ ରାଜସ୍ୱ ଅମଲାଙ୍କୁ ଡରାଇ ପାରିନାହିଁ। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି, ସେ ପର୍ଯ୍ୟନ୍ତ ଅମଲାମାନେ ପଛକୁ ହଟିବେ ନାହିଁ ବୋଲି ସଂଘ ରୋକ୍‌ଠୋକ୍ କହିଛି ।

ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ କହିଛନ୍ତି ଯେ ଅମଲାଙ୍କ ବିନା ଲୋକଙ୍କ ପାଖରେ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ସରକାର ପ୍ରସ୍ତୁତ। ଆନ୍ଦୋଳନରୁ ନ ଓହରିଲେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଲୋକଙ୍କ କାମରେ ଅବହେଳା କଲେ ଦରମା ବନ୍ଦ ରହିବ। ଛୁଟି ବାତିଲ ହେବ, ଛୁଟି ମଞ୍ଜୁର ହେବ ନାହିଁ ବୋଲି ଜିଲ୍ଲପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପୃଷ୍ଠା-୭

## ୭ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

### ଦୁଇ ବର୍ଷରେ ଖୋଲିବ ୩୮ ମଡେଲ ମଣ୍ଡି

**ଭୁବନେଶ୍ୱର, ୧୩।୮ (ସମିସ):** ରାଜ୍ୟର ଚାଷୀ, ବ୍ୟବସାୟୀ ଓ ଅନ୍ୟାନ୍ୟ ଭାଗିଦାରମାନଙ୍କ ପାଇଁ ସମସ୍ତ ଜରୁରୀ ବିପଣନ ସଂକ୍ରାନ୍ତ କାର୍ଯ୍ୟକୁ ଗୋଟିଏ ଛାତ ତଳେ ସମନ୍ୱିତ କରାଯାଇପାରିବ। ଏଥିପାଇଁ ରାଜ୍ୟ ସରକାର ରାଜ୍ୟରେ ମଡେଲ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨ବର୍ଷ ମଧ୍ୟରେ ରାଜ୍ୟରେ ୩୮ ଟି ମଡେଲ ମଣ୍ଡି ସ୍ଥାପନ ହେବ ଓ ଏ ବାବଦରେ ୩୦୦କୋଟି ଟଙ୍କା ବ୍ୟୟ କରାଯିବ। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ପୃଷ୍ଠା-୭

- ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିଶ୍ୱସ୍ତରୀୟ ଏମ୍‌ଆର୍‌ଓ ସ୍ଥାପନ
- ୧୧୦ ସହରାଞ୍ଚଳରେ ୩୫୦ କୋଟିରେ ଲାଗିବ ଏଲ୍‌ଇଡି ଆଲୋକ
- ସମ୍ବଲପୁର, ହୀରାକୁଦ, ବୁର୍ଲା ସହରରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ

## ଋଣ ଚାପ ବିଷ ପିଇଲେ ଚାଷୀ

**ଟିଟିଲାଗଡ଼, ୧୩।୮ (ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବ୍ଲକ୍ କଣ୍ଡରା ଗାଁର ଚାଷୀ ଦୁର୍ଗାଚରଣ ଭୋଇ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଚାଷରେ କ୍ଷତି ହେବାରୁ ମାନସିକ ଭାରସାମ୍ୟ ହରାଇ ସେ ଏପରି କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଦୁର୍ଗାଚରଣ ଗ୍ରୁପରଣ ଆଣି ଚାଷରେ ଲଗାଇଥିଲେ। ଚାଷରେ କ୍ଷତି ହେବା ଦେଖି ମାନସିକସ୍ତରରେ ଭାଙ୍ଗିପଡି ବିଷ ପିଇ ଦେଇଥିଲେ। ତାଙ୍କୁ ପ୍ରଥମେ ଟିଟିଲାଗଡ଼ ମେଡିକାଲ ଏବଂ ପରେ ଅବସ୍ଥା ଗୁରୁତର ହେବାରୁ ଭବାନୀପାଟଣା ମେଡିକାଲକୁ ସ୍ଥାନାନ୍ତରିତ କରିବା ବେଳେ ଅଧାବାଟରେ ତାଙ୍କର ମୃତ୍ୟୁ ହୋଇଥିବା ମୃତ ଚାଷୀଙ୍କ ଭାଇ ଭାସ୍କର ଭୋଇ ସୂଚନା ଦେଇଛନ୍ତି।



# ଫଟୋ ଉଠାଇଲେ ଜରିମାନା

ସାଧାରଣତଃ ପର୍ଯ୍ୟଟକମାନେ କୌଣସି ସ୍ଥାନକୁ ବୁଲିବାକୁ ଗଲେ ସେଠାରେ ଫଟୋ ଉଠାଇଥାନ୍ତି । ଯାହାକୁ ପରବର୍ତ୍ତୀ ସମୟରେ ଦେଖି ପୁରୁଣା ସ୍ମୃତି ମନେ ପକାଇଥାନ୍ତି । କିନ୍ତୁ ଏପରି ଏକ ସ୍ଥାନ ରହିଛି, ଯେଉଁଠି ଫଟୋ ଉଠାଇବାକୁ ନିଷେଧ କରାଯାଇଛି । ଦୁବାଇରେ ଫଟୋଗ୍ରାଫିକୁ ନେଇ କଡ଼ା ନିୟମ ରହିଛି । ଏଠାରେ ଫଟୋ ଉଠାଇଲେ ଜରିମାନା ଏପରିକି ଜେଲଦଣ୍ଡ ଭୋଗିବାକୁ ପଡ଼ିଥାଏ । ଏଠାରେ ବୁର୍ଜ ଖଲିଫା ଭଳି ଅନେକ ସୁଉଚ୍ଚ ଅଟ୍ଟାଳିକା ରହିଛି, ଯେଉଁଠି ପର୍ଯ୍ୟଟକମାନେ ଫଟୋ ନ ଉଠାଇ ଫେରିବାକୁ ଚାହାନ୍ତିନି । ଏଠାରେ ବିନା ଅନୁମତିରେ କିଛି ସ୍ଥାନ, କିଛି ବ୍ୟକ୍ତି ବିଶେଷ ଓ ଘଟଣାର ଫଟୋ ନେବା ଦଣ୍ଡନୀୟ ଅପରାଧ ଭାବେ ଗଣାଯାଏ । ଭୁଲବଶତଃ ଯଦି କୌଣସି ବ୍ୟକ୍ତି ଏଭଳି ସ୍ଥାନରେ ଫଟୋ ଉଠାନ୍ତି, ଏଥିପାଇଁ ତାଙ୍କୁ ତାଙ୍କ ଯାତ୍ରାର ଦ୍ୱିଗୁଣା ଅର୍ଥରାଶି ଦେବାକୁ ପଡ଼ିଥାଏ । ଏଥିପାଇଁ ଏଠାରେ କୌଣସି ଅଜଣା ବ୍ୟକ୍ତିଙ୍କ ଫଟୋ ଉଠାଇବାକୁ ନିଷେଧ କରାଯାଇଛି । ଯଦି କୌଣସି ବ୍ୟକ୍ତି ରାସ୍ତାର ଫଟୋ ନେଉଥିବାବେଳେ ଭୁଲବଶତଃ କେହି ବ୍ୟକ୍ତି ଯଦି ତାଙ୍କ ସଙ୍ଗରେ ଆସିଥାନ୍ତି ତେବେ ଉକ୍ତ ବ୍ୟକ୍ତି ଜଣଙ୍କ ଅଭିଯୋଗ କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ପ୍ରଚଳିତ ନିୟମ ଅନୁଯାୟୀ, ଏଠାରେ ସରକାରୀ ଅଟ୍ଟାଳିକା, ଥାନା, ବିମାନବନ୍ଦର, ଦୂତାବାସର ଫଟୋ ଉଠାଇବାକୁ ନିଷେଧ କରାଯାଇଛି । ତେଣୁ ଯଦି କୌଣସି ବ୍ୟକ୍ତି ଥାନା କିମ୍ବା ସରକାରୀ କାର୍ଯ୍ୟାଳୟ ଆଗରେ ଫଟୋ ଉଠାନ୍ତି, ଏଥିପାଇଁ ତାଙ୍କୁ ଜେଲଦଣ୍ଡ ମିଳିଥାଏ । ବର୍ତ୍ତମାନ ସମୟରେ କୌଣସି ଘଟଣା ଘଟିଲେ ଲୋକମାନେ ସଙ୍ଗେ ସଙ୍ଗେ ଫୋନ୍ ବାହାର କରି ଭିଡିଓ କରୁଛନ୍ତି, କିନ୍ତୁ ଏଠାରେ ଏପରି କରିବା ଅପରାଧ । ଦୁର୍ଘଟଣା, ପୋଡ଼ାଜଳା, କୌଣସି ଆଇନଗତ କିମ୍ବା ପୁଲିସ୍ କାର୍ଯ୍ୟାନୁଷ୍ଠାନର ଫଟୋ ଉଠାଇବା ଏଠାରେ ଦଣ୍ଡନୀୟ ଅପରାଧ ।



## ଆଜିର ଇତିହାସ

- ୧୮୬୨- ବମ୍ବେ ଉଚ୍ଚ ନ୍ୟାୟାଳୟର ସ୍ଥାପନା ।
- ୧୯୧୭- ଚୀନ, ଜର୍ମାନୀ ଓ ଅଷ୍ଟ୍ରିଆ ବିରୋଧରେ ଯୁଦ୍ଧ ଘୋଷଣା କଲା ।
- ୧୯୨୩- ଭାରତର ଜଣାଶୁଣା ସାମ୍ବାଦିକ ତଥା ସ୍ତମ୍ଭକାର କୁଲଦୀପ ନାୟାରଙ୍କ ଜନ୍ମ ।
- ୧୯୪୭- ଭାରତର ବିଭାଜନ ହୋଇ ପାକିସ୍ତାନ ଅଲଗା ରାଷ୍ଟ୍ର ହେଲା ।
- ୨୦୧୧- ବଲିଉଡ୍ ଅଭିନେତା ଶମ୍ମି କପୁରଙ୍କ ବିୟୋଗ ।
- ୨୦୧୩- ମିଶରରେ ପୁଲିସ୍ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ହୋଇଥିବା ହିଂସାରେ ୬୩୮ ଲୋକଙ୍କ ପ୍ରାଣହାନି ।

# ଜଳବାୟୁ ପରିବର୍ତ୍ତନ ଯୋଗୁଁ ବଢ଼ୁଛି ଗ୍ରୋସରୀ ବିଲ୍



ସମ୍ପ୍ରତି ଜଳବାୟୁ ପରିବର୍ତ୍ତନ ଏକ ଉତ୍କଟ ସମସ୍ୟା ପାଲଟିଛି । ବିଶ୍ୱରେ ଦ୍ରୁତ ଗତିରେ ଦେଖା ଦେଉଥିବା ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ ଫସଲ ଉତ୍ପାଦନ ଉପରେ ପଡ଼ୁଛି । ଅଚାନକ ଦେଖା ଦେଉଥିବା ବନ୍ୟା ଏବଂ ମରୁଡ଼ି ଯୋଗୁଁ ଖାଦ୍ୟ ସାମଗ୍ରୀର ଉତ୍ପାଦନ ଏମିତି ହ୍ରାସ ପାଉଛି ଯେ, ଅନେକ ଜିନିଷର ମୂଲ୍ୟ ଅସ୍ୱାଭାବିକ ଭାବରେ ଦୁଇରୁ ତିନି ଗୁଣ ବୃଦ୍ଧି ପାଉଛି । ଅଷ୍ଟ୍ରେଲିଆରେ ଅନେକ ଖାଦ୍ୟ ସାମଗ୍ରୀର ଦାମ୍ ୩୦୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି । ସେହିପରି ୟୁରୋପରେ ଅଲିଭ୍ ତେଲର ଦାମ୍ ୫୦ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଆମେରିକାରେ ପନିପରିବା ଦର ୮୦ ପ୍ରତିଶତ ବଢ଼ିଛି । ବାର୍ସିଲୋନା ସୁପରକମ୍ପ୍ୟୁଟିଂ ସେଣ୍ଟର ଏବଂ ୟୁରୋପୀୟ ସେଣ୍ଟ୍ରାଲ ବ୍ୟାଙ୍କର ଗବେଷକମାନେ ସାରା ବିଶ୍ୱର ଜଳବାୟୁ ପରିବର୍ତ୍ତନ ଉପରେ ଗବେଷଣା କରି ଏହି କଥା କହିଛନ୍ତି । ଖାଦ୍ୟ ପାନୀୟର ଦାମ୍ ବଢ଼ିବାର ମୁଖ୍ୟ କାରଣ ଭାବେ ସେମାନେ ଖରାପ ପାଣିପାଗକୁ ଦାୟୀ କରିଛନ୍ତି । ଏହା ଜଳବାୟୁ ପରିବର୍ତ୍ତନ ସହିତ ଜଡ଼ିତ ଥିବା ସେମାନେ କହିଛନ୍ତି । ସେହିପରି ଏହି ଗବେଷକ ଦଳ ୨୦୨୨ ଏବଂ ୨୦୨୪ ମଧ୍ୟରେ ବିଶ୍ୱର ୧୬ଟି ପାଣିପାଗ ସମ୍ବନ୍ଧିତ ଘଟଣା ଉପରେ ଗବେଷଣା କରିଥିଲେ । ଗବେଷଣାନୁସାରେ, ଭାରତ ଓ ଚୀନ୍ ସମେତ ପୁରା ଏସିଆରେ ଋତୁକାଳୀନ ପରିବାର ଦାମ୍ ବୃଦ୍ଧି ପାଇବାରେ ଲାଗିଛି । ଜଳବାୟୁ ପରିବର୍ତ୍ତନ ଅସହ୍ୟ ଗରମ ଓ ଅଧିକ ବର୍ଷାର କାରଣ ହୋଇଥାଏ । ଏହାଯୋଗୁଁ ଅମଳ ହ୍ରାସ ପାଇବା ସହ ଜିନିଷଗୁଡ଼ିକର ଦାମ୍ ବଢ଼ିଚାଲେ । ତେବେ ଗ୍ରୋସରୀ ବିଲ୍ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ସ୍ପଷ୍ଟ ଭାବେ ଅନୁଭବ କରୁଥିବା ତମାମ ବିଶ୍ୱର ଗ୍ରାହକମାନେ କହିଛନ୍ତି ।

# ସୁରଜଙ୍କ ସହ କାମ କରିବେ ଆୟୁଷ୍ମାନ୍



ସୁରଜ୍ ବଡ଼ଜାତ୍ୟା କିଛିଦିନ ପୂର୍ବରୁ ସେ ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କୁ ନେଇ ଏକ ଫିଲ୍ମ କରିବେ ବୋଲି ଘୋଷଣା କରିଥିଲେ । ସଲମାନ୍ ଏଥିରେ ଲିଡ୍ ରୋଲରେ ଦେଖାଯିବା ସହ ଏଥିରେ ସେ 'ପ୍ରେମ୍' ଭୂମିକାରେ ନଜର ଆସିବେ ବୋଲି ସୁରଜ କହିଥିଲେ । ଏହାକୁ ନେଇ ସଲମାନ୍‌ଙ୍କ ପ୍ରଶଂସକମାନେ ବି ବେଶ୍ ଉତ୍ସାହିତ ଥିଲେ । କିନ୍ତୁ ଏବେ ଖବର ଆସିଛି ସୁରଜଙ୍କୁ ତାଙ୍କ ପ୍ରେମ୍ ମିଳିଯାଇଛି । ତେବେ ସୁରଜଙ୍କ ଫିଲ୍ମରେ ସଲମାନ୍‌ଙ୍କ ବଦଳରେ ଆୟୁଷ୍ମାନ୍ ଖୁରାନା ପ୍ରେମ୍ ଭୂମିକାରେ ନଜର ଆସିବେ । ସୁରଜ୍ ଇତିମଧ୍ୟରେ ମୁମ୍ବାଇରେ ଫିଲ୍ମର ସୁଟିଂ ଆରମ୍ଭ ମଧ୍ୟ କରି ଦେଇଛନ୍ତି । ଏହାର କାହାଣୀ ମୁମ୍ବାଇ ଉପରେ ଆଧାରିତ ହେବ । ଏଥିରେ ଆୟୁଷ୍ମାନ୍‌ଙ୍କ ବିପକ୍ଷରେ ଶରବରୀ ୱାଘ ନଜର ଆସିବେ । ସୁରଜ୍ ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଖାନ୍‌ଙ୍କ ସହ ଅନେକ ଫିଲ୍ମ କରିଛନ୍ତି । ତାଙ୍କର ଅଧିକାଂଶ ଫିଲ୍ମରେ ସଲମାନ୍ 'ପ୍ରେମ୍' ଭୂମିକାରେ ନଜର ଆସିଥାନ୍ତି । ଏହି ଫିଲ୍ମଗୁଡ଼ିକ ବ୍ଲକବଷ୍ଟର୍ ମଧ୍ୟ ସାବ୍ୟସ୍ତ ହୋଇଛି । ଏଗୁଡ଼ିକ ମଧ୍ୟରେ 'ମୈନେ ପ୍ୟାର୍ କିୟା', 'ହମ୍ ଆପକେ ହୈଁ କୌନ୍', 'ହମ୍ ସାଥ୍ ସାଥ୍ ହୈଁ', 'ପ୍ରେମ୍ ରତନ ଧନ ପାୟୋ' ଆଦି ଚଳଚ୍ଚିତ୍ର ରହିଛି । ଏବେ ସୁରଜ ସଲମାନ୍‌ଙ୍କ ବୟସକୁ ଆଖି ଆଗରେ ରଖି ସେଭଳି କାହାଣୀ ଖୋଜୁଛନ୍ତି । ସଲମାନ୍‌ଙ୍କ ମୁତାବିକ କାହାଣୀ ମିଳିଲେ ସେ ତାଙ୍କ ସହ କାମ କରିବେ ବୋଲି କହିଛନ୍ତି ।

# ନିଆରା ଢଙ୍ଗରେ ସଚେତନତା
## ୱେଟର୍ କାମ କରୁଛନ୍ତି ଡିମେନ୍ସିଆ ରୋଗୀ

ସାଧାରଣତଃ ରେସ୍ତୋରାଁ ଓ ହୋଟେଲଗୁଡ଼ିକରେ ସୁନ୍ଦର ଓ ଶିକ୍ଷିତ ଯୁବକ, ଯୁବତୀଙ୍କୁ ୱେଟର୍ ଭାବେ ନିଯୁକ୍ତି ଦିଆଯାଏ । ଏହି କ୍ରମରେ ଜାପାନରେ ଏମିତି ଏକ ରେସ୍ତୋରାଁ ଅଛି, ଯେଉଁଠି ଗ୍ରାହକଙ୍କୁ ଖାଦ୍ୟ ପରଷନ୍ତି ଡିମେନ୍ସିଆ ରୋଗୀ । ଡିମେନ୍ସିଆ ଏକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା । ଏଥିରେ ପୀଡ଼ିତ ଲୋକେ କୌଣସି କଥାକୁ ମନେ ରଖିପାରନ୍ତି ନାହିଁ । ତେବେ ଏହି ରେସ୍ତୋରାଁ ମାଧ୍ୟମରେ ଏହି ରୋଗ ପ୍ରତି ନିଆରା ଢଙ୍ଗରେ ଲୋକଙ୍କୁ ସଚେତନ କରାଉଛନ୍ତି ଏଠାକାର ଟେଲିଭିଜନ ନିର୍ଦ୍ଦେଶିକା ଶିରୋ ଓଗୁନି । ତାଙ୍କ ରେସ୍ତୋରାଁରେ ମୁଖ୍ୟତଃ ଡିମେନ୍ସିଆ ପୀଡ଼ିତଙ୍କୁ ହିଁ ନିଯୁକ୍ତି ମିଳିଥାଏ । କ୍ୱାଟୋରେ ଥିବା ଏହି ରେସ୍ତୋରାଁର ନାମ 'ଦ ରେଷ୍ଟୁରାଣ୍ଟ ଅଫ୍ ମିସ୍‌ଟେକେନ୍ ଅର୍ଡର୍ସ' । ଏଠାରେ ଗ୍ରାହକମାନଙ୍କୁ ସେମାନେ ଅର୍ଡର କରିଥିବା ଖାଦ୍ୟ ପରଷା ଯାଇ ନ ଥାଏ । ଏହି ରେସ୍ତୋରାଁରେ ୱେଟର୍ ଭାବେ କାମ କରିବା ପାଇଁ ଇଚ୍ଛା କରୁଥିବା ଲୋକେ ଡିମେନ୍ସିଆ ରୋଗୀ ହେବା ଜରୁରି । ଏକଦା ଶିରୋଙ୍କୁ ଏକ ନର୍ସିଂ ହୋମ୍‌ରେ ଡିମେନ୍ସିଆ ରୋଗୀଙ୍କ ଯୋଗୁଁ ଡମ୍ପଲିଂ ବଦଳରେ ବର୍ଗର ପରଷା ଯାଇଥିଲା । ଏହି ଘଟଣା ସଂସ୍ପର୍ଶରେ ଆସିବା ପରେ ସେ ଏଭଳି ଏକ ରେସ୍ତୋରାଁ ଖୋଲିବା ପାଇଁ ଚିନ୍ତା କଲେ । ତାଙ୍କର ଏହି ରେସ୍ତୋରାଁ ବର୍ଷ ବର୍ଷ ଧରି ଗ୍ରାହକଙ୍କୁ ଭୁଲଭାଲ ଖାଦ୍ୟ ପରଷି ଆସୁଛି । ଅବଶ୍ୟ ଏବେ କଣ୍ଟେଣ୍ଟ କ୍ରିଏଟର କୁଲଦୀପ ସିଙ୍ଘାନିଆ ଏହି ରେସ୍ତୋରାଁ ବାବଦରେ ସାମାଜିକ ଗଣମାଧ୍ୟମରେ ଜଣାଇବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି । ଏଠାରେ କୁଲଦୀପ ପନିର ପିଜ୍ଜା ଅର୍ଡର ଦେଇଥିଲେ । କିନ୍ତୁ ୱେଟର କୁକିଜ୍ ପରଷିବାରୁ ସେ ଆଶ୍ଚର୍ଯ୍ୟ ହୋଇଥିଲେ । ଏହାପରେ ସେ ଜାଣିବାକୁ ପାଇଥିଲେ ଯେ, ଏହି ରେସ୍ତୋରାଁ ଗ୍ରାହକଙ୍କୁ ଭୁଲ ଖାଦ୍ୟ ପରଷିବା ପାଇଁ ହିଁ ଖ୍ୟାତ । ସେହିପରି ଏଠାକୁ ଆସୁଥିବା ୯୯ ପ୍ରତିଶତ ଗ୍ରାହକ ସେମାନେ ଅର୍ଡର ଦେଇ ନ ଥିବା ଖାଦ୍ୟ ମିଳିବା ପରେ ବି ମନ ଖୁସିରେ ଫେରୁଥିବା କୁଲଦୀପ କହିଛନ୍ତି । କୁଲଦୀପଙ୍କର ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି ।




# ଏଆଇକୁ ପ୍ରଶ୍ନ ପଚାରି ଚିକିତ୍ସା କରାଇବା ଠିକ୍ ନା ଭୁଲ

ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ଲୋକେ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନ ପଚାରୁଥିବାର ଦେଖାଯାଉଛି । ଏଇ ଯେମିତି କେତେବେଳେ ଡାକ୍ତରଙ୍କ ପାଖକୁ ଯିବା ଦରକାର, କେଉଁ ଲକ୍ଷଣ କେଉଁ ରୋଗର ଏବଂ ଏକ ନିର୍ଦ୍ଦିଷ୍ଟ ରୋଗ ପାଇଁ ଏହି ଔଷଧ ଠିକ୍ କି ନୁହେଁ ଭଳି ଅନେକ ପ୍ରଶ୍ନ ଏଆଇକୁ ପଚରାଯାଉଛି । ତେବେ ଏଆଇରୁ ମିଳୁଥିବା ଉତ୍ତର କେତେ ଦୂର ଭରସାଯୋଗ୍ୟ, ସେ କଥା କେହି ଚିନ୍ତା କରି ନ ଥାନ୍ତି । ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ଲୋକଙ୍କର ଏହି ଭରସା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉକ୍ତ ଗବେଷଣାନୁସାରେ, ଏବେ ଅଧିକାଂଶ ଟପ୍ ଏଆଇ ମଡେଲ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନର ଉତ୍ତର ରଖୁଛନ୍ତି । କେବଳ ସେତିକି ନୁହେଁ, ଡାକ୍ତରଙ୍କ ଭଳି ସେମାନେ ଫଲୋଅପ୍ ପ୍ରଶ୍ନ ମଧ୍ୟ ପଚାରୁଛନ୍ତି । ତେବେ ଏହି ଗବେଷଣାର ମୁଖ୍ୟ ଗବେଷକ କହିଛନ୍ତି, ୨୦୨୩ ମସିହାରେ ଯେତେବେଳେ ସେ ଏନେଇ ଏକ ଗବେଷଣା କରିଥିଲେ, ସେତେବେଳେ ସମସ୍ତ ବଡ଼ ବଡ଼ ଏଆଇ ମଡେଲଗୁଡ଼ିକ ନିଜକୁ ଡାକ୍ତର ବୋଲି କହି ନ ଥିଲେ । ଏପରିକି ଅନେକଥର ଏଆଇ ପ୍ରଶ୍ନର ଉତ୍ତର ନ ଦେବା ପାଇଁ ବି ସ୍ପଷ୍ଟ ଭାବେ କହି ଦେଉଥିଲା । ହେଲେ ୨୦୨୫ରେ ଏହି ଦୃଶ୍ୟ ସମ୍ପୂର୍ଣ୍ଣ ବଦଳି ଯାଇଥିବା ସେ କହିଛନ୍ତି । ଏବେ ଏଆଇ ବିନା କୌଣସି ଚେତାବନୀରେ ଡାକ୍ତରୀ ପରାମର୍ଶ ପ୍ରଦାନ କରୁଛି । ଓପନ ଏଆଇ, ଆନ୍ଥ୍ରୋପିକ୍, ଡିପ୍‌ସିକ୍, ଗୁଗଲ ଭଳି ସମୁଦାୟ ୧୫ଟି ବଡ଼ ଏଆଇ ମଡେଲର ୫୦୦ ଡାକ୍ତରୀ ପରାମର୍ଶ ଏବଂ ୧୫୦୦ ମେଡିକାଲ ଇମେଜ ଉପରେ ଏହି ଗବେଷଣା କରାଯାଇଥିଲା । ଯାହାର ଫଳାଫଳ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା । ତେବେ ଏଆଇ ଯେତେବେଳେ ପ୍ରତିଟି ପ୍ରଶ୍ନର ଉତ୍ତର ବେଶ୍ ଆତ୍ମବିଶ୍ୱାସର ଦିଏ ସେତେବେଳେ ଲୋକେ ତାଙ୍କ ସାମ୍ନାରେ ଡାକ୍ତରଙ୍କ ବଦଳରେ ମେସିନ୍ ବସିଥିବା କଥା ଭୁଲିଯାନ୍ତି । ଗବେଷକଙ୍କ କହିବା କଥା, ଭୁଲ୍ ସୂଚନା ରୋଗୀଙ୍କ ଜୀବନ ମଧ୍ୟ ନେଇପାରେ । ସେହିପରି ଏମ୍‌ଆଇଟିର ଏଆଇ ବିଶେଷଜ୍ଞଙ୍କ କହିବା କଥା, ଲୋକେ ଯେଭଳି ଏହି ଟୁଲ୍‌କୁ ଅଧିକ ବ୍ୟବହାର କରିବେ, କମ୍ପାନିଗୁଡ଼ିକ ଜାଣିଶୁଣି ଲୋକଙ୍କ ଭରସା ଜିତିବା ଲାଗି ଚେତାବନୀଗୁଡ଼ିକ ହଟେଇ ଦେଉଛନ୍ତି । ଏହାଦ୍ୱାରା ସାଧାରଣ ଲୋକଙ୍କୁ ହିଁ ଅସୁବିଧାର ସାମ୍ନା କରିବାକୁ ପଡ଼ିବ । ଆହୁରି ମଧ୍ୟ ଗବେଷକମାନେ କହିଛନ୍ତି ଯେ, ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଶ୍ନରେ ଏଆଇ କିଛି ସତର୍କତା ଅବଲମ୍ବନ କରିଥାଏ । ହେଲେ ମେଡିକାଲ ଇମରଜେନ୍ସି, ଗମ୍ଭୀର ରୋଗ ଆଦି କ୍ଷେତ୍ରରେ ଏହା ବିନା ଦ୍ୱିଧାରେ ପରାମର୍ଶ ଦେଇଥାଏ । ହେଲେ ପ୍ରକୃତରେ ମେସିନ୍ କିଛି ବୁଝି ନ ଥାଏ, କେବଳ ଯାହା ଡାଟା ପ୍ରୋସେସିଂ କରିଥାଏ । ତେଣୁ ଏଆଇ ଏକ ଉତ୍ତମ ଟୁଲ୍ ହୋଇଥିବା ବେଳେ ଏହା କେବେବି ଡାକ୍ତରଙ୍କ ବିକଳ୍ପ ହୋଇପାରିବ ନାହିଁ । ସେହିପରି ଗବେଷକଙ୍କ କହିବା କଥା, ଏଆଇକୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ପ୍ରଶ୍ନ ପଚାରିବା ପରେ ଡାକ୍ତରଙ୍କ ଠାରୁ ତାହା ଯାଞ୍ଚ କରିନେବା ଆବଶ୍ୟକ ।



# ପାଣିରେ ମିଳେଇବ ପ୍ଲାଷ୍ଟିକ୍

ସାଧାରଣତଃ ପ୍ଲାଷ୍ଟିକ୍ ମାଟିରେ ଶୀଘ୍ର ବିଘଟନ ହୋଇ ନ ଥାଏ । ଫଳରେ ଏହା ମାଟିରେ ପଡ଼ି ରହି ପରିବେଶ ପ୍ରଦୂଷଣର କାରଣ ସାଜେ । କେବଳ ଯେ, ଏହା ମୃତ୍ତିକାକୁ ପ୍ରଦୂଷଣ କରୁଛି କି ତାହା ନୁହେଁ ନିୟମିତ ସମୁଦ୍ରରେ ହଜାର ହଜାର ଟନ୍ ପ୍ଲାଷ୍ଟିକ୍ ମିଶି ସାମୁଦ୍ରିକ ଜୀବଙ୍କ ପାଇଁ ମଧ୍ୟ ଏହା ଏକ ବିପଜ୍ଜନକ ପରିବେଶ ସୃଷ୍ଟି କରୁଛି । ତେବେ ଏଥିରୁ ରକ୍ଷା ପାଇବା ଲାଗି ଜାପାନର ବୈଜ୍ଞାନିକମାନେ ଏକ ନୂଆ ପ୍ରକାରର ପ୍ଲାଷ୍ଟିକ୍ ବିକଶିତ କରିଛନ୍ତି । ଯାହାକି ସମୁଦ୍ରର କ୍ଷାରୀୟ ଜଳ ସଂସ୍ପର୍ଶରେ ଆସିବାର କିଛି ସମୟ ମଧ୍ୟରେ ମିଳେଇ ଯିବ । ଟୋକିଓ ବିଶ୍ୱବିଦ୍ୟାଳୟ ଏବଂ ରିକେନ ସେଣ୍ଟରର ବୈଜ୍ଞାନିକମାନେ ମିଶି ଏହାକୁ ବିକଶିତ କରିଛନ୍ତି । ଏହି ନୂଆ ଅନୁସନ୍ଧାନ ସମୁଦ୍ରକୁ ପରିଷ୍କାର ତଥା ସଫା ରଖିବାରେ ସାହାଯ୍ୟ କରିବ । ଏହା ସହ ଭବିଷ୍ୟତରେ ପ୍ଲାଷ୍ଟିକ୍ ସମସ୍ୟାକୁ କମ୍ କରିବାର ଏକ ସୁନ୍ଦର ବିକଳ୍ପ ହେବ ବୋଲି କୁହାଯାଇପାରିବ । ନୂତନ ପ୍ଲାଷ୍ଟିକ୍‌ର ବିଶେଷତ୍ୱ ହେଉଛି, ଏଥିରୁ କୌଣସି ପ୍ରକାର ବିଷାକ୍ତ ପଦାର୍ଥ କିମ୍ବା ମାଇକ୍ରୋପ୍ଲାଷ୍ଟିକ୍ ନିର୍ଗତ ହୁଏ ନାହିଁ । ତେବେ ଏହି ନୂତନ ପ୍ଲାଷ୍ଟିକ୍ ଦେଖିବାକୁ ସାଧାରଣ ପ୍ଲାଷ୍ଟିକ୍ ଭଳି । ଏହାର ଅନ୍ୟତମ ବିଶେଷତ୍ୱ ହେଉଛି ଲୁଣି ପାଣି ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ଛୋଟ ଛୋଟ ଖଣ୍ଡରେ ଭାଙ୍ଗିଯାଏ । ଏହାପରେ ପାଣିରେ ରହୁଥିବା ଜୀବାଣୁଗୁଡ଼ିକ ଏହାକୁ ପୂରାପୂରି ନଷ୍ଟ କରିଦେଇଥାନ୍ତି । ତେବେ ଏହି ନୂତନ ପ୍ଲାଷ୍ଟିକ୍ କେବଳ ସମୁଦ୍ର ଜଳରେ ନୁହେଁ, ଲୁଣିଆ ଭୂମିରେ ବି ଧୀରେ ଧୀରେ ନଷ୍ଟ ହୋଇଯାଏ । ସେହିପରି ଏହି ପ୍ଲାଷ୍ଟିକ୍ ମାଟିରେ ପଡ଼ିବାର ୮ ଦିନ ମଧ୍ୟରେ ଏହା ବିଘଟିତ ହୋଇଥାଏ । ଅନ୍ୟପଟେ ଏହା ବିଷାକ୍ତ ମଧ୍ୟ ନୁହେଁ । ତେଣୁ ଏହାକୁ ଜାଳିଲେ ଏଥିରୁ ଅଙ୍ଗାରକାମ୍ଳ ନିର୍ଗତ ହୁଏ ନାହିଁ । ଏହିପରି ଭାବେ ଏହି ପ୍ଲାଷ୍ଟିକ୍ ପରିବେଶର କ୍ଷତି କରିବ ନାହିଁ ।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ପରିବାର ସହ ହସଖୁସିର ସମୟ ଅତିବାହିତ କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ନିବେଶରୁ ଦୂରେଇ ରୁହନ୍ତୁ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ । ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିପାରେ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ସିଂହ:** ଚାକିରିରେ ସଫଳତା ମିଳିବ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଉଧାର ଟଙ୍କା ଫେରି ପାଇବେ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିପାରେ । ରାଜନୀତିରେ ସଫଳତା ମିଳିବ । ଚକ୍ଷୁ ସମସ୍ୟା ଭୋଗିପାରନ୍ତି । ଦୀର୍ଘ ଦିନର ଆଶା ପୂରଣ ହେବ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଆଖି ବୁଜି ଅନ୍ୟମାନଙ୍କ ଉପରେ ଭରସା କରନ୍ତୁନି । ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ପିଲାମାନେ ପଢ଼ାପଢ଼ିରେ ଅଧିକ ଧ୍ୟାନ ଦେବେ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

**୫୫ ଦିନ ପରେ ଉଦ୍ଧାର ହେଲେ ନାବାଳିକା**

# ଝିଅକୁ ଖୋଜିବାକୁ ପରିବାରକୁ ମାଗୁଥିଲେ ଟଙ୍କା; ଏଏସଆଇ ନିଲମ୍ବିତ

ଭଦ୍ରକ,୧୩।୮(ସମିସ): ନିଲମ୍ବିତ ହେଲେ ଧାମନଗର ଥାନା ଏଏସଆଇ ନେପାଳ ସାହା। ଜଣେ ନାବାଳିକାଙ୍କ ଅପହରଣ ଘଟଣାରେ କାର୍ଯ୍ୟରେ ଅବହେଳା ଏବଂ ନାବାଳିକାକୁ ଖୋଜିବା ପାଇଁ ପରିବାରକୁ ଟଙ୍କା ମାଗିବା ଅଭିଯୋଗରେ ଏସ୍‌ପି ଏସପି ମନୋଜ କୁମାର ରାଉତ ଶ୍ରୀ ସାହାଙ୍କୁ ନିଲମ୍ବନ କରିଛନ୍ତି। ଘଟଣାରୁ ପ୍ରକାଶଯେ, ଜୁନ ୧୭ ତାରିଖରେ ଭଦ୍ରକ ଜିଲ୍ଲା ଧାମନଗର ଥାନା କାଙ୍କରା ଗ୍ରାମର ଜନୈକା ନାବାଳିକା ଛାତ୍ରୀଙ୍କୁ ସେହି ଥାନା ଅନ୍ତର୍ଗତ ତାଳପଦା ଗ୍ରାମର ଜଣେ ଯୁବକ ଯୁବକ ଏବଂ ତାର ଦୁଇଜଣ ସାଙ୍ଗଙ୍କ ସହଯୋଗରେ ଅପହରଣ କରି ନେଇଥିବା ଛାତ୍ରୀଙ୍କ ମାଆ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଏଏସଆଇ ନେପାଳ ସାହାଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଥିଲେ; ହେଲେ ତଦନ୍ତକାରୀ ଅଧିକାରୀ ଛାତ୍ରୀ ଏବଂଓ ଅପହରଣ କରିଥିବା ଯୁବକକୁ ଠାବ କରିପାରିନଥିଲେ। ତେବେ ଅଭିଯୋଗର ୫୫ ଦିନ ପରେ ଧାମନଗର ପୁଲିସ ଏକ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ଗତ ୧୧ ତାରିଖ ବିଳମ୍ବିତ ରାତିରେ କେନ୍ଦୁଝର ଜିଲ୍ଲାର ଏକ ଭଡାଘରୁ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିଥିଲେ। ନାବାଳିକାକୁ ଡାକ୍ତର ମାଇନା କରିବା ପରେ ଭଦ୍ରକ ଆସିଆନାରେ ରଖାଯାଇଛି। ଏପଟେ ନାବାଳିକାକୁ ଖୋଜିବାରେ ବିଳମ୍ବ ନେଇ ପରିବାର ଲୋକେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଧାମନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ୧୧ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତଦନ୍ତକାରୀ ଅଧିକାରୀ ଏଏସଆଇ ନେପାଳ ସାହାଙ୍କୁ ଭଦ୍ରକ ଏସପି ନିଲମ୍ବିତ କରିଛନ୍ତି। ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଦୁଇ ସହଯୋଗୀଙ୍କ ମଧ୍ୟରୁ ପୁଲିସ ଜଣକୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ଜଣେ ସହଯୋଗୀ ଫେରାର ଅଛନ୍ତି। ସେମାନଙ୍କୁ ପୁଲିସ ଖୁବଶୀଘ୍ର ଗିରଫ କରିବ ବୋଲି ଏସପି କହିଛନ୍ତି।

**ସୁଭଦ୍ରା ପେଞ୍ଚ**

# ପ୍ରଥମ କିସ୍ତି ଦେଲେ; ଦ୍ୱିତୀୟ କିସ୍ତିକୁ ମାରିଦେଲେ

## ୨୧ ଜୀବିତ ହିତାଧିକାରୀଙ୍କୁ ମୃତ ଦର୍ଶାଇଲା 'ସୁଭଦ୍ରା' ପୋର୍ଟାଲ


ସାକ୍ଷୀଗୋପାଳ,୧୩।୮(ସମିସ): ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା 'ସୁଭଦ୍ରା' ଯୋଜନାର ଏକ ବଡ଼ ବ୍ୟତିକ୍ରମ ଦେଖାଯାଇଛି ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ରେ। ଜୀବିତ ଥିବା ୨୧ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ପୋର୍ଟାଲ୍‌ରେ ମୃତ ବୋଲି ଦର୍ଶାଯାଇଛି। ଫଳରେ ଉକ୍ତ ୨୧ ହିତାଧିକାରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟା ସମାଧାନ ନିମନ୍ତେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ସୁଫଳ ମିଳୁନାହିଁ ବୋଲି ଉକ୍ତ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ନୂଆ ସମେଶ୍ୱରପୁର ପଞ୍ଚାୟତର ସୁଭଦ୍ରା ହିତାଧିକାରୀ ପ୍ରତିମା ମିଶ୍ର ସ୍ୱାମୀ ଗଙ୍ଗାଧର ମିଶ୍ର। ୧୯୮୮ରେ ତାଙ୍କର ଜନ୍ମ। ସୁଭଦ୍ରାର ପ୍ରଥମ କିସ୍ତି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସାକ୍ଷୀଗୋପାଳ ବ୍ରାଞ୍ଚରେ ଥିବା ଆକାଉଣ୍ଟ ଜରିଆରେ ସେ ପାଇଥିଲେ। ମାତ୍ର ଦ୍ୱିତୀୟ କିସ୍ତି ଟଙ୍କା ତାଙ୍କ ଆକାଉଣ୍ଟକୁ ଆସି ନ ଥିଲା। ଏ ସମ୍ପର୍କରେ ସେ ଏକ ଜନସେବା କେନ୍ଦ୍ରରେ ବୁଝାସୁଝା କରିଥିଲେ ହେଁ ସେଠାରେ ତାଙ୍କୁ ମୃତ ବୋଲି ଦର୍ଶାଯାଇ ଉକ୍ତ ଯୋଜନାରୁ ତାଙ୍କୁ ବାଦ୍ ଦିଆଯାଇଛି ବୋଲି ଜାଣିବାକୁ ପାଇଥିଲେ। ତୁରନ୍ତ ଏ ସମ୍ପର୍କରେ ସେ ବ୍ଲକ୍‌ରେ ଥିବା ସୁଭଦ୍ରା ହେଲ୍ପ ଡେସ୍କ ସହିତ ଯୋଗାଯୋଗ କରିଥିଲେ। ମାତ୍ର ତାଙ୍କ ଅଭିଯୋଗର କୌଣସି ପ୍ରତିକ୍ରିୟା ଏଯାଏଁ ମିଳିନଥିବା ସେ ଅଭିଯୋଗ କରିଛନ୍ତି। ସେହିପରି ଅଞ୍ଜଳି ପ୍ରଧାନ, ସିପ୍ରା ସାହୁ, ନିବେଦିତା ପ୍ରଧାନ ପ୍ରମୁଖଙ୍କୁ ମୃତ ଦର୍ଶାଇ ସୁଭଦ୍ରା ଦ୍ୱିତୀୟ କିସ୍ତିରୁ ବଞ୍ଚିତ କରାଯାଇଛି।

ଗତ ଅକ୍ଷୟ ତୃତୀୟା ଦିନ ସତ୍ୟବାଦୀରେ ଅନୁଷ୍ଠିତ ଅଖିମୁଠି ଅନୁକୂଳ ଅବସରରେ ଏକ ସ୍ୱତନ୍ତ୍ର ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଉକ୍ତ ହିତାଧିକାରୀମାନେ ଏ ସମ୍ପର୍କରେ ଅବଗତ କରିବା ସହ ଏକ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଏହା ମଧ୍ୟରେ ଗତ ଗହ୍ମା ପୂର୍ଣ୍ଣିମା ଓ ରକ୍ଷା ବନ୍ଧନ ଅବସରରେ ସୁଭଦ୍ରାର ତୃତୀୟ କିସ୍ତି ଟଙ୍କା ମିଳିସାରିଛି। ଏହି ହିତାଧିକାରୀମାନେ ସୁଭଦ୍ରା ଯୋଜନାରୁ ବଞ୍ଚିତ ରହିଥିବାବେଳେ ଏହି ପ୍ରମୁଖ ସମସ୍ୟାର ସମାଧାନ କରିବା ନିମନ୍ତେ ସେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାଶ କହିଛନ୍ତି, ପ୍ରତିମା ମିଶ୍ର ଏ ସମ୍ପର୍କରେ ଆମ ବିଭାଗରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ମୁଁ ତାଙ୍କର ସମସ୍ତ ପ୍ରମାଣପତ୍ର ଯାଞ୍ଚ କରିବା ସହ ତାଙ୍କ ବିଷୟରେ ସମସ୍ତ ତଥ୍ୟ ଯୋଗାଡ଼ କରି ଘଟଣାର ସତ୍ୟତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସୁଭଦ୍ରା ଯୋଜନାରେ ସତ୍ୟବାଦୀ ବ୍ଲକ୍‌ରେ ୩୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇସାରିବା ପରେ ସେମାନଙ୍କୁ ସୁଭଦ୍ରା ପୋର୍ଟାଲରେ ମୃତ ଦର୍ଶାଯାଇଛି। ସେଥିମଧ୍ୟରୁ ଆମ ବିଭାଗ ପକ୍ଷରୁ ପ୍ରତ୍ୟକ୍ଷ ଭାବରେ ଯାଞ୍ଚ କରାଯାଇଥିଲା। ସମୁଦାୟ ୩୧ ମୃତ ହିତାଧିକାରୀଙ୍କ ମଧ୍ୟରେ ଏବେ ୨୧ ଜଣ ଜୀବିତ ରହିଥିବାବେଳେ ୧୦ ଜଣ ହିତାଧିକାରୀଙ୍କର ପ୍ରକୃତରେ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖୁବ୍‌ଶୀଘ୍ର ସଂଶୋଧନ କରାଯିବା ସହ ବାଦ୍ ପଡ଼ିଥିବା ଏହି ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାରେ ସାମିଲ୍ କରି ସହାୟତା ଅର୍ଥ ପ୍ରଦାନ କରାଯିବ।

**■ ବୁର୍ଲା ଭିମସାରରେ ଅଘଟଣ**

# ପ୍ରଥମ ମହଲାରୁ ଡେଇଁ ରୋଗୀଙ୍କ ଆତ୍ମହତ୍ୟା ଉଦ୍ୟମ



ସମ୍ବଲପୁର, ୧୩।୮(ସମିସ): ବୁର୍ଲା ଭିମସାରରେ ଏକ ଅଘଟଣ ଘଟିଛି। ଜଣେ ରୋଗୀ ଭିମସାର୍ ଡାକ୍ତରଖାନାର ପ୍ରଥମ ମହଲାରୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ବରଗଡ଼ ଜିଲ୍ଲା ବିଜେପୁର ଥାନା ଅନ୍ତର୍ଗତ ଭାଟିଗାଓଁର ସୁବୀର ସିରଦାର(୨୮) ବୋଲି ଜଣାପଡ଼ିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭିମସାର କାଜୁଆଲଟିରେ ଭର୍ତ୍ତି କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ମଙ୍ଗଳବାର ରାତିରେ ଭାଟିଗାଓଁର ସୁବୀର ସିରଦାର ଏକ ଧାରୁଆ ଅସ୍ତ୍ରରେ ନିଜ ତଣ୍ଟି କାଟି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ତାଙ୍କୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ, ଅବସ୍ଥା ଗୁରୁତର ହେବାରୁ ଆଜି ଭୋର ସକାଳୁ ତାଙ୍କୁ ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ଭିମସାର କାଜୁଆଲଟିରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଷ୍ଟ୍ରେଚରରେ ଅସ୍ତ୍ରୋପଚାର ପାଇଁ ପ୍ରାୟ ସାଢ଼େ ୧୧ଟା ସମୟରେ ପ୍ରଥମ ମହଲାରେ ଥିବା କର୍ଣ୍ଣ, ନାସା ଓ ଗଳା (ଇଏନ୍‌ଟି) ବିଭାଗ ଅସ୍ତ୍ରୋପଚାର କକ୍ଷ ସମ୍ମୁଖକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ପରିବାରବର୍ଗଙ୍କ ସହ ଅପେକ୍ଷା କରିବାକୁ କୁହାଯାଇଥିଲା। ଏହି ସମୟରେ ସେଠାରୁ ସେ କୌଶଳକ୍ରମେ ଖସିଯାଇ ପ୍ରଥମ ମହଲା ଛାତରୁ ତଳକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ସ୍ୱାସ୍ଥ୍ୟ କର୍ମୀ, ସୁରକ୍ଷାକର୍ମୀ ଓ ଅନ୍ୟମାନେ ଉଦ୍ଧାର କରି ଭିମସାରରେ ଭର୍ତ୍ତି କରିଥିଲେ। ଏନେଇ ଭିମସାର ଅଧୀକ୍ଷକ ପ୍ରଫେସର ଲାଲମୋହନ ନାୟକ କହିଛନ୍ତି ଯେ, ସୁବୀରଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ରହିଛି। ସମସ୍ତ ପାରାମିଟର ଷ୍ଟେବୁଲ ହେବାପରେ ଇଏନ୍‌ଟି ବିଭାଗ ଅସ୍ତ୍ରୋପଚାର କରାଯିବ ବୋଲି କହିଛନ୍ତି।

# ହୀରାକୁଦ ଜଳସ୍ତର ୬୧୩.୬୦ ଫୁଟ୍

ସମ୍ବଲପୁର, ୧୩।୮ (ସମିସ):ବୁଧବାର ଅପରାହ୍ଣ ୩ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୬୦ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୨,୧୪୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪୦,୧୬୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୫,୫୯୦ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୩୬୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୯.୩୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୫.୩୦ ମିମି ବର୍ଷା ହୋଇନଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୭୭ ଫୁଟ୍ ରହିଥିଲା।

**■ ଫକୀରମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା**

# କୋର୍ଟରେ ପୁଲିସ ସିଡି ଦାଖଲ କରି ନ ପାରିବାରୁ ହେଲାନି ଶୁଣାଣି

ବାଲେଶ୍ୱର,୧୩।୮(ସମିସ): ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ସହଦେବଖୁଣ୍ଟା ପୁଲିସ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଏବଂ ବିଇଡି ବିଭାଗର ଏଚଓଡ଼ି ସମୀର ସାହୁଙ୍କ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏପରିକି ଗତ ଜୁଲାଇ ମାସ ୧୨ତାରିଖ ଅର୍ଥାତ ଘଟଣା ଦିନ ହିଁ ସହଦେବଖୁଣ୍ଟା ପୁଲିସ ସମୀରଙ୍କୁ ଗିରଫ କରିଥିଲା। ତେବେ ସେ ଏସଡିଜେଏମ କୋର୍ଟରେ ତାଙ୍କର ବେଲ ପାଇଁ ଆବେଦନ କରିଥିଲେ ହେଲେ ସେଠାରେ ତାଙ୍କର ବେଲ ନା ମଞ୍ଜୁର ହେବାରୁ ତାଙ୍କର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ପରେ ସେ ଚଳିତ ମାସ ୧ତାରିଖରେ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟରେ ବେଲ ପାଇଁ ଆବେଦନ କରିଥିଲେ। ଏପରିକି ତାଙ୍କର ବେଲ ଆବେଦନ ନମ୍ବର ୬୩୦/୨୦୨୫ ରହିଥିଲା। ଏହି ବେଲ ଆବେଦନ ଉପରେ ୧୨ତାରିଖରେ ତାଙ୍କର ଶୁଣାଣୀ ଥିଲା ଏବଂ ପୁଲିସକୁ ଏନେଇ ସିଡି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ହେଲେ ସହଦେବଖୁଣ୍ଟା ପୁଲିସ ମଙ୍ଗଳବାର ସିଡି ଦାଖଲ ନକରିବାରୁ ଜିଲ୍ଲା ଓ ଦୌରା ଜଜ ଆସନ୍ତା୧୮ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଉକ୍ତଦିନ ତାଙ୍କର ବେଲ ଉପରେ ଶୁଣାଣୀ ହେବ ବୋଲି ଜଣାଯାଇଛି।

> **ଆସନ୍ତା ୧୮ ତାରିଖରେ ସିଡି ଦାଖଲ କରିବାକୁ ପୁଲିସକୁ କୋର୍ଟଙ୍କ ନିର୍ଦ୍ଦେଶ**

**ପଞ୍ଚାୟତିରାଜ ବିଭାଗରେ ବାବୁ ପ୍ରୀତି**

# ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ

ଭୁବନେଶ୍ୱର,୧୩।୮(ସମିସ): ରାଜ୍ୟରେ ବିଡିଓଙ୍କୁ କ୍ଷମତାଶାଳୀ କରାଇ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି ସରକାର। ପୂର୍ବରୁ ୨ ଲକ୍ଷରୁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ଫାଇଲରେ ବ୍ଲକ୍ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ବାଧ୍ୟତାମୂଳକ ଥିଲା; ହେଲେ ଏବେ ୨ ଲକ୍ଷରୁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ବିଡିଓଙ୍କ ଦସ୍ତଖତରେ ହେବ। ଏଥିପାଇଁ ଆଉ ବ୍ଲକ ଅଧ୍ୟକ୍ଷଙ୍କ କାଉଣ୍ଟର ଦସ୍ତଖତ ଆବଶ୍ୟକ ପଡ଼ିବ ନାହିଁ। ରାଜ୍ୟ ପଞ୍ଚାୟତିରାଜ ବିଭାଗର ଏପରି ନିଷ୍ପତ୍ତି ପରେ ବିରୋଧୀ ବିଜେଡି ଓ କଂଗ୍ରେସ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ରାଜ୍ୟ ସରକାର ଭୟରେ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିଛନ୍ତି ବୋଲି ଉଭୟ ବିରୋଧୀ ଅଭିଯୋଗ କରିଛନ୍ତି। ରାଜ୍ୟର ଅଧିକାଂଶ ବ୍ଲକରେ ଏବେ ବିଜେଡି ସମର୍ଥିତ ଅଧ୍ୟକ୍ଷ ରହିଛନ୍ତି। ତେଣୁ ତଳସ୍ତରରେ ବିଜେପି ସେମାନଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାରେ ବ୍ୟର୍ଥ ହୋଇଛି ଓ ବ୍ଲକ୍‌ଗୁଡ଼ିକରେ ବିଜେପିର କାଟତି ଚଳୁନାହିଁ। ତେଣୁ ବ୍ଲକ୍ ଅଧ୍ୟକ୍ଷଙ୍କ କ୍ଷମତା ଉପରେ ଅଙ୍କୁଶ ଲଗାଇବାକୁ ସରକାର ପଞ୍ଚାୟତିରାଜ ବ୍ୟବସ୍ଥା ନିୟମରେ ଏହି ବଡ଼ ପରିବର୍ତ୍ତନ କରି ବିଡ଼ିଓଙ୍କ ଜରିଆରେ କାମ ହାସଲ କରିବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି।

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବିଧାୟକ ଅରୁଣ ସାହୁ ଏହି ନିଷ୍ପତ୍ତିକୁ ବିରୋଧ କରିବା ସହ ସରକାରଙ୍କୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ବର୍ତ୍ତମାନ ଗଣତାନ୍ତ୍ରିକ ପଦ୍ଧତିକୁ ମାରି ଦେବାକୁ ଯାଉଛନ୍ତି। ଏମାନେ ଭୋଟ ଚୋରିରୁ ବ୍ଲକ ଚୋରିକୁ ଗଲେଣି। ବ୍ଲକ୍ ପ୍ରତିନିଧିଙ୍କ କ୍ଷମତା କମାଇ ସମ୍ବିଧାନକୁ ହତ୍ୟା କରୁଛନ୍ତି। ଆମେ ବାବୁଙ୍କ କ୍ଷମତା ହ୍ରାସ କରି ଜନ ପ୍ରତିନିଧିଙ୍କୁ କ୍ଷମତା ଦେବୁ ବୋଲି କହୁଥିଲେ, ମାତ୍ର ଏବେ ଜନପ୍ରତିନିଧିଙ୍କ କ୍ଷମତା ହ୍ରାସ କରି ବାବୁମାନଙ୍କୁ କ୍ଷମତା ଦେଉଛନ୍ତି। ବର୍ତ୍ତମାନ ବିଜେଡିର ୯୦ ଭାଗ ବ୍ଲକ ଅଧ୍ୟକ୍ଷ। ସେମାନଙ୍କୁ ହଟାଇବାକୁ ଉଦ୍ୟମ କରି ବିଫଳ ହେବା ପରେ ଏବେ ଅଧ୍ୟକ୍ଷମାନଙ୍କ କ୍ଷମତା ହ୍ରାସ ଯୋଜନା କରିଛନ୍ତି। ଏପରି କ୍ଷମତା ହ୍ରାସ କରିବା ହତ୍ୟା ସହ ସମାନ। ଏ ନିଷ୍ପତ୍ତି ପରିବର୍ତ୍ତନ ନ ହେଲେ ବ୍ଲକର ଅଧ୍ୟକ୍ଷ କୋର୍ଟର ଆଶ୍ରୟ ନେବେ ବୋଲି ଶ୍ରୀ ସାହୁ କହିଛନ୍ତି।

ପିସିସି ସଭାପତି ଭକ୍ତଚରଣ ଦାସ ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ପଞ୍ଚାୟତସ୍ତରରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ କ୍ଷମତା ହସ୍ତାନ୍ତର କରାଯାଇଛି। କିନ୍ତୁ ଓଡ଼ିଶା ସରକାର ପଞ୍ଚାୟତ ବ୍ୟବସ୍ଥାର ଖୋଲା ଉଲଂଘନ କରି ନିର୍ବାଚିତ ପ୍ରତିନିଧି ମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରିବା ପାଇଁ ପ୍ରୟାସ କରିଛନ୍ତି। ଏହା ଏକ ହୀନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଚକ୍ରାନ୍ତ। ପ୍ରଦେଶ କଂଗ୍ରେସ ସରକାରଙ୍କ ଏହି ନିଷ୍ପତ୍ତିକୁ ଦୃଢ ଭାବରେ ବିରୋଧ କରୁଛି। ଏଥିପାଇଁ କଂଗ୍ରେସ ରାଜନୈତିକ ଲଢେଇ ସହ ଆଇନଗତ ଲଢେଇ କରିବ ବୋଲି ପିସିସି ସଭାପତି କହିଛନ୍ତି। ସାମ୍ବିଧାନିକ ଅନୁଷ୍ଠାନ ଗୁଡିକୁ ନଷ୍ଟ କରିବା ଦିଗରେ ବିଜେପି ସବୁବେଳେ କାର୍ଯ୍ୟ କରି ଆସୁଛି। ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କୁ ଉପେକ୍ଷା କରି ବିଡିଓଙ୍କ ହାତରେ ନିରଙ୍କୁଶ କ୍ଷମତା ପଞ୍ଚାୟତିରାଜ ପରି ପବିତ୍ର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ହତ୍ୟା ଆଉ କିଛି ନୁହେଁ ବୋଲି ଶ୍ରୀ ଦାସ କ୍ଷୋଭର ସହ କହିଛନ୍ତି।

> **■ ଏମାନେ ଭୋଟ ଚୋରିରୁ ବ୍ଲକ ଚୋରିକୁ ଗଲେଣି: ଅରୁଣ**
> **■ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଅଦାଲତ ଯିବୁ: ଭକ୍ତ**

# ୧୭ ଯାଏଁ ବର୍ଷା

ଭୁବନେଶ୍ୱର,୧୩।୮(ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି । ପଶ୍ଚିମ କେନ୍ଦ୍ରୀୟ ଓ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏହି ଲଘୁଚାପ ଯୋଗୁ ୧୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି। ବୁଧବାର କଟକ ଭୁବନେଶ୍ୱର ସମେତ ଭାବନୀପାଟଣା, କୋରାପୁଟ, ମାଲକାନଗିରି, ଢେଙ୍କାନାଳ ଆଦି ଜିଲ୍ଲାରେ ବର୍ଷା ହୋଇଛି। ଗୁରୁବାର କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବ, ତେବେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ମଧ୍ୟ ବର୍ଷା ଆଶଙ୍କା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ବୁଧବାର ସକାଳ ସୁଦ୍ଧା ଆନ୍ଧ୍ର ଉପକୂଳ ସଂଲଗ୍ନ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଆସନ୍ତା ୨୨-୨୩ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଦ୍ୱିତୀୟ ଲଘୁଚାପ ଦ୍ୱାରା ରାଜ୍ୟରେ ବିସ୍ତୃତ ଓ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ସୃଷ୍ଟ ଲଘୁଚାପଟି ଉତ୍ତରକୁ ଗତି କରି ୧୬ରେ ଓଡ଼ିଶା ଉପକୂଳ ଏବଂ ୧୯ରେ ପଶ୍ଚିମ ଓଡ଼ିଶା ଅତିକ୍ରମ କରି ଛତିଶଗଡ଼ ଦେଇ ମଧ୍ୟପ୍ରଦେଶ ଯିବାର ସମ୍ଭାବନା ରହିଛି। ଏହାଦ୍ୱାରା ୧୪ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶା ସହ ବଲାଙ୍ଗିର, ସମ୍ବଲପୁରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହୋଇପାରେ। ଅନ୍ୟପଟେ ଚତୁର୍ଥ ସପ୍ତାହରେ ସମ୍ଭାବ୍ୟ ଲଘୁଚାପ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇ ୨୬ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ବା ଆଭ୍ୟନ୍ତରୀଣରେ ରହିବ। ଏହାଦ୍ୱାରା ସେହି ଦକ୍ଷିଣ ଓଡ଼ିଶା ସମେତ ସାରା ରାଜ୍ୟରେ ବର୍ଷା ହେବ। ଅଗଷ୍ଟ ୧୫ରେ ପୁରୀ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ଜୟପୁର, ସକାଳ ଓଳି ପାଗ ଶୁଖିଲା ରହିବ। ଭୁବନେଶ୍ୱରରେ ସକାଳ ୧୦ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସମ୍ଭାବନା ଅଛି ଓ ମଧ୍ୟାହ୍ନରେ ବର୍ଷାର ସମ୍ଭାବନା ଅଧିକ ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଅନ୍ୟପଟେ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିଥିବା ଯୋଗୁଁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

> **ଆଗାମୀ ସପ୍ତାହରେ ପୁଣି ଏକ ଲଘୁଚାପ**

**■ ଫାର୍ମାସୀ ଅଫିସର ଓ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି**

# ଚୂଡ଼ାନ୍ତ ପରୀକ୍ଷାଫଳ ପରେ ବି ମିଳୁନି ନିଯୁକ୍ତିପତ୍ର

ଭୁବନେଶ୍ୱର, ୧୩।୮(ସମିସ): ଫାର୍ମାସୀ ଅଫିସର ଓ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ମିଳୁନି। ପ୍ରାୟ ୨ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାର ଚୂଡ଼ାନ୍ତ ପରୀକ୍ଷା ଫଳ ଗତ ଜୁନ୍ ୧୬ରେ ପ୍ରକାଶ ପାଇ ସାରିଛି। ଜିଲ୍ଲାୱାରୀ ନିଯୁକ୍ତି ତାଲିକା ସାର୍ବଜନୀନ ହୋଇଥିଲେ ମଧ୍ୟ ସେମାନଙ୍କୁ ନିଯୁକ୍ତି ଦିଆଯାଇନି। ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶନର ୨ ମାସ ପରେ ମଧ୍ୟ କାହିଁକି ନିଯୁକ୍ତି ଦିଆଯାଉନି ବୋଲି କୃତୀ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ, ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ୨୦୨୩ ଡିସେମ୍ବର ୧୫ରେ ଆଶାୟୀଙ୍କ ଠାରୁ ପ୍ରାର୍ଥିପତ୍ର ଗ୍ରହଣ କରାଯାଇଥିଲା। ଏହାର ପ୍ରାୟ ୮ମାସ ପରେ ପରୀକ୍ଷା ଏବଂ ଗତ ଜୁନ୍ ୧୬ରେ ଚୁଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି। ଇତି ମଧ୍ୟରେ ପ୍ରାୟ ୨ ମାସ ବିତିଯାଇଥିଲେ ମଧ୍ୟ ମନୋନୀତ ପ୍ରାର୍ଥୀଙ୍କୁ କାହିଁକି ନିଯୁକ୍ତିପତ୍ର ପ୍ରଦାନ କରାଯାଉ ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ସମୟ ଗଡୁଥିବାରୁ ସେମାନଙ୍କ ମଧ୍ୟରେ ଉଭୟ ମାନସିକ ଓ ଆର୍ଥିକ ଚାପ ବଢୁଥିବା ଅଭିଯୋଗ ହୋଇଛି। ଏଣୁ ତୁରନ୍ତ ନିଯୁକ୍ତି ଦେବାକୁ କୃତୀ ପରୀକ୍ଷାର୍ଥୀ ଏବଂ ଫାର୍ମାସିଷ୍ଟ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି।

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣା; କ୍ରାଇମ୍‌ବ୍ରାଞ୍ଚକୁ ମିଳିଲା ଗୁରୁତ୍ୱପୂର୍ଣ୍ଣ ତଥ୍ୟ**

# ଉପସଭାପତିଙ୍କ ଲାପ୍‌ଟପ୍‌ରୁ ପେନ୍‌ଡ୍ରାଇଭ୍‌ରେ ଯାଇଥିଲା ପ୍ରଶ୍ନପତ୍ର

କଟକ,୧୩।୮(ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣାରେ ଗିରଫ ଦୁଇ ଅଭିଯୁକ୍ତ ତଥା (ମାଧ୍ୟମିକ ଶିକ୍ଷା ପରିଷଦ) ବୋର୍ଡର ଡାଟାଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ଶିକ୍ଷକ ନେତା ବିଜୟ ମିଶ୍ରଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନେଇ ମାରାଥନ ଜେରା କରିଛି କ୍ରାଇମବ୍ରାଞ୍ଚ। ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜେରା ସମୟରେ କ୍ରାଇମବ୍ରାଞ୍ଚ ହାସଲ କରିଛି। ଲିକ୍ ହୋଇଥିବା ପ୍ରଶ୍ନପତ୍ର ପ୍ରଥମେ ନୟାଗଡକୁ ଯାଇଥିଲା। ଉଭୟ ଅଭିଯୁକ୍ତ ଏହା ସ୍ୱୀକାର କରିଛନ୍ତି। କ୍ରାଇମବ୍ରାଞ୍ଚ ଆଗରେ ସେମାନେ ସତ କଥା ମାନିଛନ୍ତି। ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ହୋଇଥିବା ଅନ୍ୟତମ ଅଭିଯୁକ୍ତ ବୋର୍ଡ ଉପସଭାପତି ନିହାର ମହାନ୍ତିଙ୍କ ଲାପଟପରୁ ମୁଖ୍ୟ କାର୍ପଟଦାର ଜିତନ ମହାରଣା ପେନ୍‌ଡ୍ରାଇଭରେ ଓଟିଇଟି ପ୍ରଶ୍ନକୁ କପି କରିଥିଲେ ଓ ଏହାର ଏକ ହାର୍ଡ କପି ମଧ୍ୟ ସେହି ଠାରେ ବାହାର କରିଥିଲେ। ପରେ ସେ ଏହି ପେନ୍‌ଡ୍ରାଇଭ ଓ ହାର୍ଡ କପିକୁ ବନ୍ଦ ଲଫାଫାରେ ଭର୍ତ୍ତି କରି ନିଜ ଗାଡିରେ ଜଣେ ଡ୍ରାଇଭରଙ୍କୁ ନେଇ ନୟାଗଡ ଅଭିମୁଖେ ଯାଇଥିଲେ। ସେଠାରେ ସେ ଗିରଫ ଅଭିଯୁକ୍ତ ବିଜୟ ମିଶ୍ରଙ୍କ ଭାଇଙ୍କୁ ଏହାକୁ ହସ୍ତାନ୍ତର କରିଥିଲେ। ଏ ସମ୍ପର୍କରେ ଜିତନ ଓ ବିଜୟ ସତ ଉଗାଳିବା ପରେ କ୍ରାଇମବ୍ରାଞ୍ଚ ଆଜି ସମ୍ପୃକ୍ତ ଗାଡିର ଡ୍ରାଇଭର ଓ ଓ ବିଜୟଙ୍କ ଭାଇଙ୍କୁ ପଚରାଉଚୁରା କରିଥିବା ଜଣାପଡିଛି। ତେବେ ଡ୍ରାଇଭର ଜଣକ ଏହି ଘଟଣା ସମ୍ପର୍କରେ ପୂର୍ବରୁ ଜାଣିଥିଲା ନା କେବଳ ନିଜର ପାରିଶ୍ରମିକ ପାଇଁ ଯାଇଥିଲା ତାହାର ଯାଞ୍ଚ କରୁଛି କ୍ରାଇମବ୍ରାଞ୍ଚ। ସେହିଭଳି ବିଜୟଙ୍କ ଭାଇଙ୍କୁ ଯେହେତୁ ଏହି ଲିକ୍ ହୋଇଥିବା ପ୍ରଶ୍ନପତ୍ର ହସ୍ତାନ୍ତର ହୋଇଥିଲା ଏଣୁ ତାଙ୍କ ପାଇଁ ଅଡୁଆ ବଢ଼ିଛି। କାରଣ ବିଜୟଙ୍କ ଭାଇ ସମ୍ଭବତଃ ଜାଣିଥିଲେ ଯେ ଜିତନଙ୍କ ଠାରୁ କଣ ଗ୍ରହଣ କରି କେଉଁ ଠାରେ ଦେବାକୁ ପଡ଼ିବ। କାରଣ ନୟାଗଡରୁ ରାୟଗଡାର ଆମ୍ବଦଳାକୁ ହିଁ ବିଜୟଙ୍କ ଭାଇ ସେହି ଲଫାଫା ନେଇ ଯାଇ ବିଜୟ ଓ ତାଙ୍କ ଅନ୍ୟ ସହଯୋଗୀ ମାନଙ୍କୁ ପ୍ରଦାନ କରିଥିଲେ। ଏଣୁ ବିଜୟଙ୍କ ଭାଇର ଯଦି ଘଟଣାରେ ସିଧାସଳଖ ସମ୍ପୃକ୍ତି ଥିବା ନେଇ ଅନୁମାନ କରାଯାଉଛି। ଏହା ପ୍ରମାଣିତ ହେଲେ ତାଙ୍କୁ ମଧ୍ୟ ଦିନେ ଦୁଇ ଦିନ ଭିତରେ ଗିରଫ କରାଯିବାର ସମ୍ଭାବନା ରହିଛି। ଏହି ଘଟଣାରେ ସମ୍ପୃକ୍ତିରୁ ବର୍ତ୍ତିବା ପାଇଁ ଅଭିଯୁକ୍ତ ଦ୍ୱୟ ବେଶ୍ ଚତୁରତାର ସହ କାର୍ଯ୍ୟ କରିଥିଲେ ବୋଲି ଉଭୟ ବିଜୟ ଓ ଜିତନଙ୍କୁ ଜେରାରୁ ସ୍ପଷ୍ଟ ହୋଇଛି। ବୋର୍ଡ କାର୍ଯ୍ୟାଳୟରୁ ଜିତନ ପ୍ରଶ୍ନପତ୍ରକୁ ପେନ୍‌ଡ୍ରାଇଭରେ କପି କରି ଆଣିବା ପରେ ବିଜୟଙ୍କ ସହ ତାଙ୍କର ଫୋନ ଯୋଗେ ବାର୍ତ୍ତାଳାପ ହୋଇଥିଲା। କିଭଳି ସମସ୍ତଙ୍କ ନଜରରୁ ବର୍ତ୍ତି ସହଜରେ କୋ÷ଣସି ପ୍ରମାଣ ନ ଛାଡି ପ୍ରଶ୍ନପତ୍ରକୁ ଲିକ୍ କରାଯିବ ତାହାର ଉପାୟ ପାଞ୍ଚିଥିଲେ ବିଜୟ। ବିଜୟଙ୍କ ଯୋଜନା ମୁତାବକ ଜିତନ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ ବୋଲି କ୍ରାଇମବ୍ରାଞ୍ଚ ଉଭୟଙ୍କୁ ସାମ୍ନାସାମ୍ନି ଜେରା କରି ଏହା ଜାଣିବାକୁ ପାଇଛି। ଏପରିକି ଏହି ଘଟଣାରେ ବିଜୟଙ୍କ ଭାଇକୁ କ୍ରାଇମବ୍ରାଞ୍ଚ ଅଭିଯୁକ୍ତ ଭାବେ ଗ୍ରହଣ କରି ତାଙ୍କ ସହ ପୂର୍ବରୁ ଗିରଫ ହୋଇଥିବା ଶିକ୍ଷକ, ବୋର୍ଡ ଉପସଭାପତି କିମ୍ବା ଆଉ କାହାର ସମ୍ପର୍କ ରହିଛି ତାହାର ଖୋଳତାଡ କରୁଛି। ଏଥିପାଇଁ ଆବଶ୍ୟକ ହେଲେ ଅନ୍ୟ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି କ୍ରାଇମବ୍ରାଞ୍ଚ ଜେରା କରିପାରେ ବୋଲି ଚର୍ଚ୍ଚା ହେଉଛି।

> **■ ପେନ୍‌ଡ୍ରାଇଭ୍ ଓ ହାର୍ଡକପିକୁ ନେଇ ପ୍ରଥମେ ନୟାଗଡ଼ ଯାଇଥିଲେ ଜିତନ**
> **■ ପ୍ରଶ୍ନପତ୍ର ଗ୍ରହଣ କରିଥିବା ବିଜୟଙ୍କ ଭାଇ ଅଡୁଆରେ**

**ପରିବହନ ବିଭାଗ ବେଫିକର**

# ଦୁଇଗୁଣ ଭଡ଼ା ନେଉଛନ୍ତି ଘରୋଇ ବସ୍

ଭୁବନେଶ୍ୱର, ୧୩।୮(ସମିସ): ଦିନକେଇଟା ପରେ ପାର୍ବଣ ଋତୁ ଆରମ୍ଭ ହୋଇଯିବ। ସହରରୁ ଗାଁ ଓ ଗାଁରୁ ସହରକୁ ଲୋକମାନଙ୍କ ଯାତାୟତ ବଢ଼ିବ। ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଆଦି ସହରରୁ ଲୋକମାନେ ଗ୍ରାମାଞ୍ଚଳକୁ ବସ୍ ଯୋଗେ ଯିବେ। ଏହି ସମୟରେ ଯାତ୍ରୀଙ୍କ ଭିତର ଫାଇଦା ଉଠାଉଛନ୍ତି କିଛି ଘରୋଇ ବସ୍। ଏଜେଣ୍ଟଙ୍କ ଜରିଆରେ ନିର୍ଦ୍ଧାରିତ ଭଡ଼ାଠୁ ଅଧିକ ନେଉଛନ୍ତି। ଏମିତିକି ଅନ୍‌ଲାଇନ୍ ଟିକେଟ୍‌ରେ ଅଧିକାଂଶ ସମୟରେ ଯାତ୍ରୀଙ୍କଠୁ ଦୁଇଗୁଣା ଭଡ଼ା ନେବାକୁ ପଛାଉନାହାନ୍ତି। ନିୟମିତ ରାଜଧାନୀରୁ ଦୂରଦୂରାନ୍ତକୁ ଯାତ୍ରା କରୁଥିବା କିଛି ଯାତ୍ରୀ ଏଭଳି ଅଭିଯୋଗ କରିଛନ୍ତି।

ବସିବା ସିଟ୍ ଉପରେ ଥିବା ଏକମାତ୍ର ସ୍ଲିପର୍ ସିଟ୍‌ରେ ଦୁଇଜଣ ଲେଖାଏଁ ଯାତ୍ରୀଙ୍କୁ ନେଇ ଦୁଇଟି ଭଡା ଆଦାୟ କରୁଛନ୍ତି। ସ୍ଲିପର୍‌ରେ ଯେତିକି ଭଡ଼ା ରହିଛି, ତା'ଠୁ ଅଧିକ ଭଡା ଯାତ୍ରୀଙ୍କଠୁ ନିଆଯାଉଛି। ପାର୍ବଣ ସମୟ ଆସିଲେ, ଜାଣିଶୁଣି ଘରୋଇ ବସ୍ ମାଲିକ ଓ କିଛି ଏଜେଣ୍ଟ ବସ୍ ସିଟ୍‌ର କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ପରବର୍ତ୍ତୀ ସମୟରେ ଯାତ୍ରୀମାନଙ୍କଠୁ ଅଧିକ ଭଡ଼ା ନେଇ ବସ୍‌ରେ ସେହି ସିଟ୍ ଦେଉଛନ୍ତି। କେବଳ ଏତିକି ନୁହେଁ ନାଇଟ୍ କୋଚ୍ ବସ୍‌ରେ ଜଣେ ଯାତ୍ରୀଙ୍କ ପାଇଁ ସ୍ଲିପର୍ ବ୍ୟବସ୍ଥା ରହିଛି। ସିଟ୍ ଭଡ଼ାଠୁ ସାମାନ୍ୟ ଅଧିକ ନେଉଛନ୍ତି। ହେଲେ କିଛି ବସ୍‌ରେ ଗୋଟିଏ ସ୍ଲିପର୍ ସିଟ୍‌ରେ ଦୁଇଜଣ ଯାତ୍ରୀଙ୍କୁ ଦୈନିକ ରାଜ୍ୟର ପ୍ରମୁଖ ସହର ଓ ଗାଁରୁ ଶହ ଶହ ଯାତ୍ରୀ ଭୁବନେଶ୍ୱରକୁ ଆସୁଛନ୍ତି। ଭଦ୍ରକ, ଚାନ୍ଦବାଲି, ବାଲେଶ୍ୱର, ବାରିପଦା, ମୟୂରଭଞ୍ଜ, ଯାଜପୁର, ଜଗତସିଂହପୁର, କେନ୍ଦ୍ରାପଡା, ସାଲେପୁର, କୋରାପୁଟ, ରାୟଗଡା, କଳାହାଣ୍ଡି, ଫୁଲବାଣୀ, ଅନୁଗୋଳ, ଢ଼େଙ୍କାନାଳ ଆଦି ସହରକୁ ରାଜଧାନୀରୁ ଦୈନିକ ଶତାଧିକ ଘରୋଇ ନାଇଟ୍ କୋଚ୍ ବସ୍ ଯାତାୟତ କରିଥାଏ। ବିଶେଷକରି ଦୁର୍ଗା, ଲକ୍ଷ୍ମୀ ଓ କାଳୀ ପୂଜା ସମୟରେ ଦୁଇଗୁଣା ଯାତ୍ରୀ ଯାତାୟତ କରିଥାନ୍ତି। କାଳୀପୂଜା ଓ ଲକ୍ଷ୍ମୀପୂଜା ପାଇଁ ଅନେକ ଯାତ୍ରୀ ଗାଁକୁ ଯାଇଥାନ୍ତି। ଏଥିପାଇଁ ଦେଢ଼ ମାସ ଆଗରୁ ଟିକେଟ୍ ବୁକିଂ ହୋଇଥାଏ। ବିଶେଷକରି ଗ୍ରାମାଞ୍ଚଳକୁ ଯାତାୟତ କରୁଥିବା ବସ୍‌ରେ ଅଧିକ ଭିଡ଼ ପରିଲକ୍ଷିତ ହୋଇଥାଏ। ଏହି ଅଞ୍ଚଳକୁ ଯାଉଥିବା ବସ୍‌ରେ ଯାତ୍ରୀଙ୍କଠୁ ଭଡ଼ା ଅଧିକ ଆଦାୟ କରାଯାଇଥାଏ। ଅନ୍‌ଲାଇନ୍‌ରେ ବୁକିଂ ହେଉଥିବା ଟିକେଟ୍‌ରେ ଅଫ୍‌ଲାଇନ୍ ଟିକେଟ୍‌ଠାରୁ ଢ଼େର ଅଧିକ ଯାତ୍ରୀଙ୍କଠୁ ନିଆଯାଉଛି। ବେଳେବେଳେ ଦୁଇଗୁଣା ଭଡା ମଧ୍ୟ ନିଆଯାଉଛି। ଏ ସଂକ୍ରାନ୍ତରେ ଯାତ୍ରୀମାନେ ଅନେକ ସମୟରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିୟମିତ ବ୍ୟବଧାନରେ ବସ୍‌ଗୁଡ଼ିକ ଯାଞ୍ଚ କରାଯାଉ ନଥିବାରୁ କିଛି ବସ୍ ମାଲିକ ମାସ ମାସ ଧରି ଯାତ୍ରୀଙ୍କଠୁ ଲୁଟି ଚାଲିଛନ୍ତି। ଯଦି କୌଣସି ଯାତ୍ରୀ ଶେଷ ମୁହୂର୍ତ୍ତରେ ଟିକେଟ୍ ବାତିଲ କରିବାକୁ ଚାହୁଁଛି, ତାକୁ ତା'ର ଟିକେଟ୍ ଅର୍ଥ ଫେରସ୍ତ କରାଯାଉ ନାହିଁ। ପାର୍ବଣ ସମୟରେ ଅଧିକ ଭଡ଼ା ନେଉଥିବା ବସ୍ ଲିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

| ନିର୍ଦ୍ଧାରିତ ଭଡ଼ା |
| --- |
| ସାଧାରଣ ବସ୍- ଟ. ୦.୮୮/କିମି |
| ଦ୍ରୁତଗାମୀ ବସ୍- ଟ. ୦.୯୨/କିମି |
| ଡିଲକ୍ସ ବସ୍- ଟ. ୧.୨୭/ କିମି |
| ଏସି ଡିଲକ୍ସ ବସ୍- ଟ. ୧.୫୫/କିମି |
| ସୁପର୍ ପ୍ରିମିୟମ୍ ବସ୍- ଟ. ୨.୪୧/କିମି |

# ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୩।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନରେ ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବ୍ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଏମ୍‌ଏଲ୍‌ଏ ଲ୍ୟାଡ୍(ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି) ଓ ସିଏମ୍-ଏସ୍‌ଏ(ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା)ର ସରଳୀକୃତ ମାର୍ଗଦର୍ଶିକାକୁ ମଧ୍ୟ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ପରିବର୍ତ୍ତିତ ନିର୍ଦ୍ଦେଶାବଳୀ ପ୍ରଶାସନିକ ପ୍ରକ୍ରିୟାରେ ସରଳତା ଆଣିବା ସହିତ ଜନସାଧାରଣଙ୍କ ପାଇଁ ଅତି ଆବଶ୍ୟକ ଓ ଛୋଟ ଛୋଟ ମୌଳିକ ଭିତ୍ତିଭୂମିଗୁଡିକୁ ଶୀଘ୍ର ଓ ସ୍ୱଚ୍ଛତାର ସହ ସମ୍ପାଦନ କରିବାରେ ସହାୟକ ହେବ।

ନୂଆ ମାର୍ଗଦର୍ଶିକାରେ ବିଭିନ୍ନ କ୍ଷେତ୍ରକୁ ଧ୍ୟାନ ଦିଆଯିବା ସହ ଅତ୍ୟାବଶ୍ୟକ ପ୍ରକଳ୍ପଗୁଡିକୁ ଗ୍ରହଣ କରିବାର ବ୍ୟବସ୍ଥା ଥିବାବେଳେ ଅନାବଶ୍ୟକ ପ୍ରକଳ୍ପଗୁଡ଼ିକୁ ବାଦ୍ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହା ସହିତ ପ୍ରକଳ୍ପର ସୁପାରିସଠାରୁ ଅନୁମୋଦନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ (କାର୍ଯ୍ୟାଦେଶ ପର୍ଯ୍ୟନ୍ତ) ସମୟ ଅବଧି ୩୦ ଦିନ ରଖାଯାଇଛି। ସେହିପରି ପରିବର୍ତ୍ତିତ ସିଏମ୍-ଏସ୍‌ଏ ମାର୍ଗଦର୍ଶିକା ଦ୍ୱାରା ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ ଭାବେ କାର୍ଯ୍ୟକାରୀ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ନୂତନ ଏମ୍‌ଏଲ୍‌ଏ ଲ୍ୟାଡ୍ ୱେବପୋର୍ଟାଲରେ ବିଧାୟକମାନଙ୍କ ଦ୍ୱାରା ପ୍ରକଳ୍ପ ସୁପାରିସ, ପ୍ରକଳ୍ପ ଆବଶ୍ୟକତାର ତର୍ଜମା, ଯୋଜନା ଓ ବ୍ୟୟ ଅଟକଳ ପ୍ରସ୍ତୁତି, ପ୍ରକଳ୍ପର ଅନୁମୋଦନ, କାର୍ଯ୍ୟାଦେଶ, ତଦାରଖ, ନିରୀକ୍ଷଣ, ବ୍ୟୟ ଓ କାର୍ଯ୍ୟ ସମ୍ପାଦନ ଆଦି ନିର୍ଦ୍ଧାରିତ ସମୟରେ ସମ୍ପାଦନ କରାଯାଇପାରିବ। ଏହି ପୋର୍ଟାଲ ମାଧ୍ୟମରେ ବିଧାୟକମାନେ ସେମାନଙ୍କର ନିର୍ବାଚନମଣ୍ଡଳୀରେ ସୁପାରିସ କରିଥିବା ସମସ୍ତ ପ୍ରକଳ୍ପର ବାସ୍ତବ ସ୍ଥିତି ବିଷୟରେ ଅବଗତ ହୋଇପାରିବେ ଓ ଜନସାଧାରଣଙ୍କ ପାଇଁ ଯୋଜନା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଏହି ପୋର୍ଟାଲରେ ଉପଲବ୍ଧ ହେବ।

# ୫ ଶହ ବୋତଲ କଫସିରପ୍ ଜବତ, ଜଣେ ଗିରଫ



ବଲାଙ୍ଗିର,୧୩।୮ (ସମିସ): ବଲାଙ୍ଗିର ସହରରେ ବେଆଇନ କଫସିରପ୍ ନିଶା କାରବାର ବନ୍ଦ ହେବାର ନା ନେଉନାହିଁ। ନିୟମିତ ପୁଲିସ ଚଢ଼ଉ ଚାଲିଛି କିନ୍ତୁ ବେଧଡକ ବେପାର ଚାଲିଛି। କିଛି ଦିନ ପରେ ପୁଣି କଫସିରପ୍ କାରବାର ଉପରେ ଚଢ଼ାଉ ଆରମ୍ଭ ହୋଇଛି। ବୁଧବାର ଟାଉନ ପୁଲିସ ବେଆଇନ କଫ ସିରପ୍ ଚଳାଇଥିବା ରାଜା ଜେନାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଠାରୁ ୫୦ଶହ ବୋତଲ କଫସିରପ୍ ମଧ ଜବତ ହୋଇଛି।ଏନେଇ ଟାଉନ ଥାନାରେ ସାମ୍ବାଦିକ ସମ୍ମିଳନୀରେ ସଦରଏସ୍‌ଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି।ସୂଚନା ଅନୁସାରେ ବଲାଙ୍ଗିର ସହର ହାଟପଦାପଡ଼ାର ରାଜା ଜେନା ଓରଫ ରାଜକୁମାର ଗତ କିଛି ବର୍ଷ ହେଲେ କଫସିରପ୍ କାରବାର ଚଳାଇ ଆସୁଥିବା ଅଭିଯୋଗ ପାଇଥିଲା। ଟାଉନ ଥାନା ଏସ ଆଇ ଚର୍ଚିଲ ମିଶ୍ରଙ୍କ ନେତୃତ୍ୱ ରେ ଏକ ଟିମ୍ ଚଢଉ କରିଥିଲା। ତେବେ ରାଜା ପାଖରୁ ପୁଲିସ ୫ ଶହ ବୋତଲ କଫସିରପ୍ ଜବତ କରିଥିଲା। ତେବେ ରାଜା କିଛି ବର୍ଷ ହେଲା ଏହି କାରବାର ଚଳାଇ ଆସୁଥିବା ବେଳେ ପୂର୍ବରୁ ମଧ ଅନେକ ଅପରାଧିକ ମାମଲାରେ ସେ ଗିରଫ ହୋଇସାରିଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା।ପୁଲିସ ସୂଚନା ଅନୁସାରେ ରାଜା ଜେନା ନାମରେ ଟାଉନ ଥାନା ରେ ୨୦୨୧ରେ କେସ ନଂ ୫୨୨, ୨୦୧୮ରେ କେସ ନଂ ୨୮୯, ୨୦୧୬ ରେ କେସ ନଂ ୧୪୯,୨୦୨୨ରେ କେସ ନଂ ୧୧୦, ୨୦୧୯ରେ କେସ ନଂ ୫୦୬, ୨୦୨୨ରେ କେସ ନଂ ୧୪୮, ୨୦୨୩ ରେ କେସ ନଂ ୧୨୦, ୨୦୨୫ରେ କେସ ନଂ ୪୫୫ ମାମଲା ରୁଜୁ ହୋଇଥିବା ବେଳେ କଣ୍ଟାବାଞ୍ଜି ଥାନାରେ ୨୦୨୩ ରେ କେସ ନଂ ୨୬୦ରେ ମାମଲା ରୁଜୁ ହୋଇଥିବା ବେଳେ ସେ ଅନେକ ମାମଲା ରେ ଗିରଫ ହୋଇ ଜେଲ ମଧ ଯାଇଛି। ତେବେ ରାଜା ଜେନାକୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଏସଡିପିଓ ଶ୍ରୀ ଉପାଧ୍ୟାୟ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଟାଉନ ଥାନା ଅଧିକାରୀ ଅବନୀ ସାହୁ ଓ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ମୁରିବାହାଲ ବନାଞ୍ଚଳରେ ୬୦ ଟିକିଆ ହାତୀପଲ

# ଉଜାଡୁଛନ୍ତି ଫସଲ , ଭାଙ୍ଗୁଛନ୍ତି ଘର

ମୁରିବାହାଲ,୧୩।୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଟିଖାଳି ସଂରକ୍ଷିତ ରେଞ୍ଜ ଜଙ୍ଗଲରେ ୬୦ଟିକିଆ ହାତୀପଲ ଉପଦ୍ରବ କରୁଥିବା ଦେଖିବାକୁ ମିଳିଛି। ହାତୀମାନେ ଦୀର୍ଘ ୧ବର୍ଷରୁ ଏହି ଜଙ୍ଗଲରେ ରହିଆସୁଛନ୍ତି। କେତେବେଳେ ଲୋକଙ୍କ ଘର ଦ୍ୱାର ଭାଙ୍ଗୁଛନ୍ତି କେତେବେଳେ ଚାଷୀଙ୍କ ଚାଷ ନଷ୍ଟ କରିବାରେ ଲାଗିଛନ୍ତି। ସନ୍ଧ୍ୟା ହେଲେ ଚାଷଜମିରେ ପଶି ଚାଷ ନଷ୍ଟ କରୁଛନ୍ତି। ହାତୀଙ୍କ ପାଇଁ ଅଞ୍ଚଳ ଅନ୍ଧାର ରହୁଛି। ହାତୀପଲ ମୁରିବାହାଲ ରେଞ୍ଜ ଯଇଁନ୍ତରା, ଗୁଲୁମି, ଗୁଡିଘାଟ, ମୁରିବାହାଲ, ଡ଼ଙ୍ଗାବାଞ୍ଜି ସେକ୍ସନ ଅଞ୍ଚଳରେ ବୁଲିବୁଲି ଚାଷ ନଷ୍ଟ କରିବାରେ ଲାଗିଛନ୍ତି। ସୋମବାର ଗୁଡିଘାଟସ୍ଥିତ ବିଜାମାଲ ଗ୍ରାମର ଘାସିରାମ ସା,ଘନଶ୍ୟାମ ସା, ପୁରୁଷୋତ୍ତମ ସା, ଚିତ୍ରୁ ଯାନୀ, ଧରଣୀଧର ଭୋଇ, ଅହଲ୍ୟା ମୁଦୁଲି, ଟିକନୁ ପ୍ରଧାନ, ବାସୁଦେବ ପ୍ରଧାନ, ଅକ୍ଷ ପ୍ରଧାନ, ମଦନ ପ୍ରଧାନ, ଗିରିଧାରୀ ନାଏକଙ୍କ ଧାନପଲା, ପନି ପରିବା, କଦଳୀ ତଥା



ଅନେକ ଚାଷ ଜମିରେ ପଶି ନଷ୍ଟ କରିଛନ୍ତି।ବନବିଭାଗ କିଛି ପଦକ୍ଷେପ ନେଉନଥିବା ଅଞ୍ଚଳରେବାସୀ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ବନଅଧିକାରୀଙ୍କୁ ପଚାରିବାରୁ ଦୀର୍ଘ ଦିନଧରି ରହିଆସୁଥିବା ହାତୀପଲଙ୍କ ପାଇଁ ଅସହାୟ ଅବସ୍ଥାରେ ଆମେ ରହିଛୁ। ଯେଉଁ ଚାଷୀମାନଙ୍କ ଚାଷକ୍ଷତି ହେଇଛି ସେମାନେ ଆବେଦନ କଲେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ମୁରିବାହାଲ ରେଞ୍ଜର କହିଛନ୍ତି। ହାତୀପଲ ଘଉଡ଼ାଇ ହେଉ ନଥିବାରୁ ସେମାନଙ୍କ ଗତିବିଧି ପ୍ରତି ନଜର ରଖାଯାଉଛି। ସେପଟେ ହାତୀପଲଙ୍କ ପାଇଁ ବିଦ୍ୟୁତ ବିଚ୍ଛିନ୍ନ ରହୁଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବ୍ୟାଘାତ ହେଉଛି। ବର୍ଷା ଦିନ ଥିବାରୁ ମଶାଙ୍କ ଆକ୍ରାନ୍ତ ବଢ଼ିବାରେ ଲାଗିଛି ଯାହା ଲୋକଙ୍କ ପାଇଁ ରହିବା ବସିବା କଷ୍ଟକର ସାଜିଛି। ଶୀଘ୍ର ପଦକ୍ଷେପ ନେଇ ହାତୀପଲଙ୍କୁ ଘଉଡ଼ାଇ ଚାଷୀଙ୍କ କ୍ଷତିପୂରଣ ଯଥାଶୀଘ୍ର ଯୋଗାଇ ଦେବା ପାଇଁ ଅଞ୍ଚଳରେ ଦାବି କରିଛନ୍ତି।

# ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ






## ● ମୁରିବାହାଲ ଡିଗ୍ରୀ କଲେଜ

ମୁରିବାହାଲ,୧୩।୮ (ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଡିଗ୍ରୀ କଲେଜରେ ସ୍ୱାଧୀନତା ଦିବସ ଉପଲକ୍ଷେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅବସରରେ ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟରୁ ଫରେଷ୍ଟ ଅଫିସ ପର୍ଯ୍ୟନ୍ତ ରାଲି ହୋଇଥିଲା।ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ,ଅଧ୍ୟାପକ ,ଅଧ୍ୟାପିକା ଓ କର୍ମଚାରୀ ରାଲିରେ ଯୋଗ ଦେଇଥିଲେ।ଡିଗ୍ରୀ କଲେଜର ଅଧକ୍ଷ ସରୋଜ କୁମାର ନାୟକ, ଓଡ଼ିଆ ବିଭାଗ ଅଧ୍ୟାପକ ଦିଲୀପ କୁମାର ପଶାୟତ, ଇଂରାଜୀ ବିଭାଗ ଅଧ୍ୟାପକ ସୋମେଶ ଦତ୍ତ ହୋତା, ବାଣିଜ୍ୟ ବିଭାଗର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ପଧାନ ଇତିହାସ ବିଭାଗ ଅଧ୍ୟାପକ ଗୁଣସାଗର ମେହେର, ଅଧ୍ୟାପକ ଘନଶ୍ୟାମ ଖମାରୀ, ଛନ୍ଦା ଚରଣ ଖୁଣ୍ଟିଆ, ପ୍ରେମଚାନ୍ଦ ତାଣ୍ଡି, ଭିଙ୍ଗରାଜ ରଣା, ପର୍ଶୁରାମ ବାଗ, ବାବୁଲା ନାୟକ, ଅନିରୁଦ୍ଧ ପଧାନ, ଲଳିତ ବଘାର, ଅଭୟାନନ୍ଦ ଦାସ, ବିଜୟ କଲତା, ସମାଜ ସେବୀ ରମେଶ ବାଗ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ସାମିଲ ଥିଲେ।

## ● ପଞ୍ଚାୟତ ସମିତି ମହାବିଦ୍ୟାଳୟ

ବେଲପଡା: ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଅଧକ୍ଷ ସୁରେଶଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ମହାବିଦ୍ୟାଳୟରେ ସମ୍ମିଳନୀ କକ୍ଷରେ ଛାତ୍ରଛାତ୍ରୀ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ଗହଣରେ ଜାତୀୟତା ଭାବର ଉଦ୍ରେକ ଓ ଦେଶପ୍ରତି ଓ ଜାତିପ୍ରତି ଉପରେ ଆଲୋଚନା ହୋଇଥିଲା।ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ସୁଲେକେଲା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶ୍ରୀମାନ ପଦ୍ମମୁଖ ପାଣିଗ୍ରାହୀ, ସମ୍ମାନିତ ଅତିଥି ମହାବିଦ୍ୟାଳୟର ବରିଷ୍ଠ ଶିକ୍ଷା ପ୍ରାଧ୍ୟାପକ ତନ୍ମୟ କୁମାର ପାଣିଗ୍ରାହୀ,ମୁଖ୍ୟବକ୍ତା ଓଡ଼ିଆ ବିଭାଗର ମୁଖ୍ୟ ଶ୍ରୀମାନ ମନୋଜ କୁମାର ମହାକୁଡ଼, ଇଂରାଜୀ ଶିକ୍ଷାର ପ୍ରାଧ୍ୟାପକ ଦୁର୍ବାଦଳ ଖୀବେଳା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମହାବିଦ୍ୟାଳୟରୁ ବେଲପଡା ସହରକୁ ତ୍ରିରଙ୍ଗା ରାଲି କରାଯାଇଥିଲା। ଶେଷରେ ସୁଦାମ ଚନ୍ଦ୍ର ମହାପାତ୍ରଧନ୍ୟବାଦ ଅର୍ପଣ କରିଥିଲେ।

## ● ଲୋଇସିଂହା କଲେଜ

ବଲାଙ୍ଗିର: ବଲାଙ୍ଗିର ଜିଲ୍ଲା ଲୋଇସିଂହା କଲେଜ୍‌ରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମକୁ କଲେଜ୍ ଅଧକ୍ଷ ବିଭୁଦେନ୍ଦୁ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏନ୍‌ସିସି, ରେଡ୍‌କ୍ରସ, ଏନଏସ୍‌ଏସ୍ ବିଭାଗ ଓ କଲେଜ୍ ଛାତ୍ରଛାତ୍ରୀ ୨୬ ମିଟର ଲମ୍ବ ପତାକା ଧରି ଶୋଭାଯାତ୍ରା ରେ ବାହାରି ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସହ କଲେଜର ଅଧ୍ୟାପକ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।



# ସ୍କୁଲ୍ ନୁ କଲେଜ୍ ଗାଁ ନୁ ସହର୍ ତହଁକ୍ ପୁହୁଁଚିଲା ଘର୍ କେ ଘର୍

ବଲାଙ୍ଗିର,୧୩।୮ (ସମିସ):କୋଶଲୀ ଭାଷା ସାହିତ୍ୟର ଅଗ୍ରଣୀ ଅନୁଷ୍ଠାନ ତହଁକ କୁଟୁମ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ କରି ବେଶ ଚର୍ଚ୍ଚାରେ ରହିଥାଏ। କୋଶଲୀ ଭାଷା ସାହିତ୍ୟକୁ ଛୋଟପିଲାଙ୍କ ପାଖରୁ ନେଇ ଗ୍ରାମାଞ୍ଚଳକୁ ଯାଇ ସାଧାରଣ ଜନତାଙ୍କ ପାଖରେ ଆମ ଅଞ୍ଚଳର ସାହିତ୍ୟ, କଳା, ଲୋକଗୀତ ଏବଂ ଇତିହାସ କୁ ନେଇ " ସ୍କୁଲ ନୁ କଲେଜ୍ ଗାଁ ନୁ ସହର୍' ତହଁକ୍ ପୁହୁଁଚିଲା ଘର୍ କେ ଘର୍'କାର୍ଯ୍ୟକ୍ରମ କରିଆସୁଛି। ବୁଧବାର ବଲାଙ୍ଗିର ସହରର ରୋଜାଲିଆ ନର୍ସି ଏକାଡେମୀ ଠାରେ ତହଁକ୍ କୁଟୁମ୍ ପକ୍ଷରୁ ନର୍ସି ଛାତ୍ରଛାତ୍ରୀଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ରାଜେଶ ଦଣ୍ଡସେନା,ମୁଖ୍ୟ ସମ୍ପାଦକ ଅର୍ଜୁନ କୁମାର ସାହୁ, ପୁଇନ୍ତଲା ବ୍ଲକ୍ ସମ୍ପାଦକ ମିଲନ କୁମାର ପଣ୍ଡା ଏବଂ ମୁରିବାହାଲ ବ୍ଲକ୍ ସମ୍ପାଦକ ଭରତ ମେହେର ପ୍ରମୁଖ ଯୋଗଦେଇ ସଚେତନତା କବିତା, ଗିତି କବିତା ଏବଂ ହାସ୍ୟ କବିତା ବୋଲି ଯୁବ ସମାଜକୁ ବାର୍ତ୍ତା ଦେଇଥିଲେ। କେବଳ ଇଂରାଜୀ ଏବଂ ହିନ୍ଦୀ ମୟ ପରିବେଶରେ ଆମେ ହଜିନଯାଇ କେମିତି ଆମ ଶବ୍ଦ ଏବଂ ଆମ ଭାଷାକୁ ବଞ୍ଚାଇ ରଖିବା ସେ ଉପରେ ଆମକୁ ଧ୍ୟାନ ଦେବାକୁ ହେବବୋଲି କବିଗଣ ଉଦ୍‌ବୋଧନ ଦେଇଥିଲେ।ଏହି ଅବସରରେ ଏକାଡେମୀର ଅଧକ୍ଷା ଅରୁଣା ଟପ୍ପୋ, ଏଓ ଅଲକାନନ୍ଦ ବର୍ଗତ୍ତୀ,ଦେବବ୍ରତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏକାଡେମୀର ଛାତ୍ରୀ ଶର୍ମିଷ୍ଠା ନାଗ ଏକ ସୁନ୍ଦର କବିତା କହିଥିବାରୁ ତହଁକ୍ କୁଟୁମ୍ ପକ୍ଷରୁ ତାଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ମଧ ଏପରି ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ କରିବାପାଇଁ ଏକାଡେମୀ ପକ୍ଷରୁ ଅନୁରୋଧ କରାଯାଇଥିଲେ। ଶେଷରେ ଏଓ ଅଲକାନନ୍ଦ ବର୍ଗତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସକାଳ' ବଲାଙ୍ଗିର ଜିଲ୍ଲା ବନ୍ଧୁମିଳନ



ବଲାଙ୍ଗିର,୧୩।୮ (ସମିସ): ଦୈନିକ ଖବରକାଗଜ 'ସକାଳ' ପକ୍ଷରୁ ବଲାଙ୍ଗିର ଜିଲ୍ଲାସ୍ତରୀୟ ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ହରିଶଙ୍କର ବନ୍ ବିଭାଗ ଡାକ ବଙ୍ଗଳାରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରତିନିଧି ଅଭିଳାଷ ହୋତାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ 'ସକାଳ' ଏଜିଏମ୍ ନରୋତ୍ତମ ଗୁରୁ, ମାର୍କେଟିଂ ନିର୍ବାହୀ ବ୍ରିଜେଶ ଷଡ଼ଙ୍ଗୀ, ପ୍ରସାର ନିର୍ବାହୀ ସୁଦାମ ପଧାନ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ 'ସକାଳ'କୁ କିଭଳି ଆହୁରି ଲୋକଦୃତ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକ୍‌ର ପ୍ରତିନିଧି ଯୋଗ ଦେଇଥିଲେ।

## ● ସଂସ୍କୃତ ସପ୍ତାହ ଉଦ୍‌ଯାପିତ 'ସଂସ୍କୃତ ଭାଷା ଭାରତୀୟଙ୍କ ହୃଦୟର ଭାଷା'

ବଲାଙ୍ଗିର,୧୩।୮ (ସମିସ):ପୁଇଁତଲା ବ୍ଲକ୍ ଅନ୍ତର୍ଗତ ବୁବେଲ ନିଧିସାଗର ନୋଡାଲ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଡ. ଆଭା ଆର୍ଯ୍ୟାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମରେ ବୃକ୍ଷରୋପଣ,ସଂସ୍କୃତ ଶ୍ଳୋକ,ସଂଗୀତ,ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗିରିଜା ବାଙ୍କୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୁଇଁତଲା ବ୍ଲକ୍ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ସଂସ୍କୃତ ଭାଷା ଭାରତୀୟଙ୍କ ହୃଦୟର ଭାଷା ଓ ଏହାର ସୁରକ୍ଷାମାନବ ସଂସ୍କୃତି ର ସୁରକ୍ଷା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ପର୍ଶୁରାମ ସାହୁ ସଂସ୍କୃତ ପରି ଶ୍ରୁତି ମଧୁର ଭାଷା ବିଶ୍ୱରେ ବିରଳ ବୋଲି କହିଥିଲେ। ସ୍ୱାଗତ ଭାଷଣ ଶିକ୍ଷକ ମିଥୁନ କୁଅଁର ଦେଇଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜନା ଶିକ୍ଷୟିତ୍ରୀ ଯୋଗେଶ୍ୱରୀ କୁମ୍ଭାର ଓ ଧନ୍ୟବାଦ ଦେଇଥିଲେ ଶିକ୍ଷକ ସୁଭାଶିଷ ମିଶ୍ର। ଶେଷରେ ମୁଖ୍ୟଅତିଥି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।



# ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ ଓ ସ୍ୱାଗତ ଉତ୍ସବ

ଦେଓଗାଁ,୧୩।୮ (ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟିର ପୂର୍ବତନ ଅଧକ୍ଷ ତଥା ବରିଷ୍ଠ ନେତା ଉମାଶଙ୍କର ସିଂ ଚାରାରୋପଣର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ଗତକୁପ କାଉନ୍‌ସେଲର ତଥା ଅଧ୍ୟାପକ ଟିଙ୍କୁ ମେହେର ପରିଚାଳନା କରିଥିଲେ।ପରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷ କଳା, ବାଣିଜ୍ୟ ଓ ବୈଷୟିକ ଶିକ୍ଷା ବିଭାଗର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିଥିଲେ। ଅଧକ୍ଷ ବସନ୍ତ କୁମାର ମନହୀରାଙ୍କ ସଭା ପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ରଂଜନ କୁମାର ପାଣିଗ୍ରାହୀ,ଧୋବାଇ ଚରଣ ପଟେଲ, ଅଧ୍ୟାପକ ଟିଙ୍କୁ ମେହେର, ଚୁଳମଣି ମାଝି, ହୃଷିକେଶ ପ୍ରଧାନ, ଅଧ୍ୟାପିକା ପ୍ରତିଭା ମୁନା, ଜ୍ୟୋତି ଶର୍ମା, ପ୍ରଶାନ୍ତ ଥନାପତି, ଡିଇଓ. ବାଳଶଙ୍କର ମେହେର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଉକ୍ତ ସ୍ୱାଗତ କାର୍ଯ୍ୟକ୍ରମରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱାଗତ କାର୍ଯ୍ୟକ୍ରମକୁ ଛାତ୍ରଛାତ୍ରୀ ଶୁଭଶ୍ରୀ ଥନାପତି, ମୁନମୁନ୍ ଷଡଙ୍ଗୀ, ଦିପକ ମେହେର ପରିଚାଳନା କରିଥିବା ବେଳେ ନିବେଦିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ବ୍ଲକ୍‌ସ୍ତରୀୟ ଶିକ୍ଷଣ ଉପକରଣ ପ୍ରସ୍ତୁତି କର୍ମଶାଳା



ବଲାଙ୍ଗିର,୧୩।୮ (ସମିସ):ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ୍ ଅନ୍ତର୍ଗତ ମଲମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ତିନି ଦିନିଆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାର ଉଦ୍‌ଘାଟନି ସଭାରେ ରତ୍ନମୟୀ ପୁରୋହିତ, ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ପୁଇଁନ୍ତଲା ଓ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ,ବଲାଙ୍ଗିରର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଶ୍ରୀମତୀ ଆରତୀ ସାହୁ ଉପସ୍ଥିତ ରହି କର୍ମଶାଳାର ରୂପରେଖ ଉପସ୍ଥାପନ କରିଥିଲେ।କର୍ମଶାଳାର ଦ୍ୱିତୀୟ ଦିବସରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରିଣୀ ଶ୍ରୀମତୀ ସେବକଶ୍ରୀ ଭୋଇ ଏବଂ ଜିଲ୍ଲା ଶିକ୍ଷାବିଜ୍ଞାନ ସଂଯୋଜିକା ଡ. ମଧୁମିତା ଦାଶ ଯୋଗ ଦେଇ ନିର୍ମାଣ କରାଯାଇ ଥିବା ଶିକ୍ଷଣ ସାମଗ୍ରୀକୁ ଅବଲୋକନ କରି ଏକ ଅନୁକୂଳ ପରିବେଶ ସୃଷ୍ଟି ହେବ ସେଥିପାଇଁ ଦିଗଦର୍ଶନ ଦେଇଥିଲେ। ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇ ଶିଶୁ ବାଟିକାରୁ ତୃତୀୟ ଶ୍ରେଣୀ ଶିକ୍ଷାର୍ଥୀଙ୍କ ମୌଳିକ ସାକ୍ଷରତା ତଥା ସଂଖ୍ୟା ଜ୍ଞାନର ଶିକ୍ଷଣ କାର୍ଯ୍ୟ ପରିଚାଳନା ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। କର୍ମଶାଳାରେ ପ୍ରଧାନଶିକ୍ଷକ ତ୍ରିନାଥ ପାତ୍ର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ପଟେଲ, ରଞ୍ଜିତ ମିଶ୍ର,ଅଜିତ କୁମାର ଶତପଥୀ, ତରଣୀ ସେନ ଧରୁଆ,ସତ୍ୟ ନାରାୟଣ ସାହୁ ପ୍ରମୁଖ ସାଧନକର୍ମୀ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ପୁଇଁନ୍ତଲା ଶ୍ରୀମତୀ ପୁରୋହିତ ଓ ପୁଇଁନ୍ତଲା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଛମନ ପ୍ରଧାନ ଏହିପରି ସାମଗ୍ରୀର ବ୍ୟବହାର ଦ୍ୱାରା ଶିକ୍ଷାର୍ଥୀଙ୍କ ଶିକ୍ଷଣ ଆନନ୍ଦଦାୟକ, ଆଗ୍ରହଦ୍ଦୀପକ ହେବା ସହ ଶିକ୍ଷଣ ଦୀର୍ଘସ୍ଥାୟୀ ହୋଇପାରିବ ଆଲୋକପାତ କରିଥିଲେ।ଶେଷରେ ମଲମଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବାମାଲଗାଁରେ କଙ୍ଗାରୁ କୋର୍ଟ

# ଯୁବକଙ୍କ ହାତଗୋଡ଼ ବାନ୍ଧି ପିଟିଲେ

ସଇଁତଲା,୧୩।୮ (ସମିସ):ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଭଦ୍ରାପଞ୍ଚାୟତ ଯୁବାମାଲ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଁରେ କଙ୍ଗାରୁକୋର୍ଟ କରି ଜଣେ ଯୁବକଙ୍କ ହାତଗୋଡ଼ ବାନ୍ଧି ନିର୍ଦ୍ଧୁମ ମାଡ଼ ମାରିବା ସହ ଲହୁଲୁହାଣ ହୋଇଥିବା ଜଣାପଡିଛି। ଯୁବକଙ୍କ ହାତଗୋଡ ବାନ୍ଧି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିବା ସହ କଙ୍ଗାରୁ କୋର୍ଟ କରାଯାଇଥିବା ନେଇ ସାମାଜିକ ଗଣମାଧମରେ ଭିଡିଓ ଭାଇରାଲ ହେଉଛି।


ସୂଚନା ମୁତାବକ ଗାଁର ଦୂର୍ବାଦଳ ଭୋଇ କୌଣସି କାରଣରୁ ମଙ୍ଗଳବାର ସନ୍ଧ୍ୟା ୯ ଟା ପରେ କୌଣସି କାମ ପାଇଁ ଗାଁ ରାସ୍ତାରେ ବୁଲୁଥିଲେ। ତେବେ କୌଣସି କାରଣରୁ ଗାଁର ଜଗତରାମ ଭୋଇ ଓ ଖଗେଶ୍ୱର ଭୋଇଙ୍କ ସହ ଦୁର୍ବାଦଳ ସହ କଥା କଟାକଟି ହେଇଥିଲା।ତେବେ ପରବର୍ତ୍ତୀ ସମୟରେ ଜଗତରାମ, ଖଗେଶ୍ୱର ଓ କିଛି ଯୁବକଙ୍କ ସହ ଦୂର୍ବାଦଳଙ୍କ ଘରକୁ ଯାଇ ତାଙ୍କୁ ଘରୁ ଯାଇ ରାସ୍ତାରେ ଘୋଷାଡି ଘୋଷାଡି ଆଣି ମାଡ଼ ମାରି ରାକ୍ତାକ୍ତ କରିବା ସହ ଦୁଇ ହାତ ଗୋଡ ବାନ୍ଧି



ପ୍ରବଳ ମାଡ ଦେଇଥିଲେ। ପରେ ଏକ ବିଦ୍ୟୁତ୍ ଖୁଣ୍ଟରେ ତାଙ୍କୁ ବାନ୍ଧିଥିଲେ।ତେବେ ଦୁର୍ବାଦଳଙ୍କ ପରିବାର ଜାଣିବା ପରେ ଲୋକେ ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜକୁ ନେଇଥିଲେ। ଏହାକୁ ନେଇ ଦୂର୍ବାଦଳର ମାଆ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଜଗତରାମ ଓ ଖଗେ ଭୋଇ ଘଟଣାକୁ ଅସ୍ୱୀକାର କରିବା ସହ ଦୁର୍ବାଦଳ ଖରାବ ଉଦେଶ୍ୟ ରଖି ତାଙ୍କ ଘରକୁ ଏକ କୁରାଢ଼ି ଧରି ବସିଥିବା ବେଳେ ତାଙ୍କ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। କୁରାଢ଼ି ଦୂର୍ବାଦଳ ର ଗୋଡ ଉପରେ ବାଜି ରକ୍ତାକ୍ତ ହୋଇଥିବା କହିଛନ୍ତି। ତେବେ ଦୁଇ ଜଣକ ପକ୍ଷକୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ପୁଲିସ ଜଣକକୁ ଅଟକ ରଖି ପଚରାଉଚରା କରୁଛି।ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଉକ୍ତ ଦୁଇ ଜଣ ଯୁବକ କରିଥିବା ଜଣାପଡିଛି। ପୁଲିସ ଦୁଇ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଥିବା ସଇଁତଲା ଥାନା ଅଧିକାରୀ ସୁଶାନ୍ତ ବଡ଼େଇ ସୂଚନା ଦେଇଛନ୍ତି।

# ସରକାରୀ ମହିଳା ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଉଦ୍‌ଯାପିତ

ବଲାଙ୍ଗିର,୧୩।୮ (ସମିସ):ସରକାରୀ ମହିଳା ମହାବିଦ୍ୟାଳୟ ଓ ସଂସ୍କୃତଭାରତୀ ମିଳିତ ଆନୁକୂଲ୍ୟରେ ବିଶ୍ୱ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ସମ୍ମିଳନୀରେ ମହାବିଦ୍ୟାଳୟର ଅଧକ୍ଷ ଡଃ.ଅରବିନ୍ଦ କୁମାର ଓଝା ସଭାପତିତ୍ୱ କରିଥିବା ବେଳେ, ମୁଖ୍ୟବକ୍ତା ଭାବେ ଦଧିବାମନ ମହାବିଦ୍ୟାଳୟ,ଭଟଲୀର ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ ଆୟୁଷ୍ମନ୍ତ ଷଡଙ୍ଗୀ ଯୋଗଦେଇ ସଂସ୍କୃତଭାଷାର ବହୁବିଧ ଦିଗ ଉପରେ ଆଲୋଚନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଭାଗୀୟ ମୁଖ୍ୟ ଡଃ. ସଦାଶିବ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଆଦର୍ଶ ମହାପାତ୍ର ବେଦମନ୍ତ୍ର ପାଠ କରିଥିଲେ। ସପ୍ତାହ ବ୍ୟାପୀ କରାଯାଇଥିବା ସମସ୍ତ କାର୍ଯ୍ୟକ୍ରମର ବିବରଣୀ ଡଃ. ସମୀର କୁମାର ବିଶ୍ୱାଲ ପ୍ରଦାନ କରିଥିଲେ। ଯଥା - ଉକ୍ତ ସପ୍ତାହର ପ୍ରଥମ ଦିବସରେ ଆଭାସୀୟ ମାଧମରେ ଛାତ୍ରୀମାନଙ୍କ ଦ୍ୱାରା ଅଭିନନ୍ଦନ ପତ୍ର ନିର୍ମାଣ, ଦ୍ୱିତୀୟ ଦିବସରେ ମହାବିଦ୍ୟାଳୟ ପରିସରରେ ଚନ୍ଦନ,ତିଳକ ଅର୍ପଣ, ତୃତୀୟରେ ବଲାଙ୍ଗୀର ସ୍ଥିତ ଶ୍ରୀ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ଶ୍ରୀମଭାଗବଦ୍ ଗୀତା ର ଶ୍ଳୋକ ପଠନ, ଚତୁର୍ଥରେ ପଥରଚେପା ସ୍ଥିତ ପାର୍ବତୀ ଗିରି ବାଳ ନିକେତନରେ ରକ୍ଷାବନ୍ଧନ, ପଞ୍ଚମରେ ସ୍ୱଗୃହେ ସଂସ୍କୃତ ଦିବସ ପାଳନ, ଷଷ୍ଠରେ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ପୁସ୍ତକ ବିକ୍ରୟ ଏବଂ ସପ୍ତମ ଦିବସରେ ମହାବିଦ୍ୟାଳୟର ଛାତ୍ରୀଙ୍କ ମଧ୍ୟରେ ଅନେକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣରେ ଅଧ୍ୟାପକ ରଂଜିତ କୁମାର ପାତ୍ର ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବକୁ ଅଧ୍ୟାପକ ଅଜିତ କୁମାର ପଣ୍ଡା ସଂଚାଳନ କରିଥିବା ବେଳେ ଛାତ୍ରୀ ଫଗୁନୀ ମାଝୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶେଷରେ ଅଧ୍ୟାପିକା ସରସ୍ୱତୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



## ଚେନ୍ନାଇରୁ ଫେରିଲା ନାବାଳକ ଶ୍ରମିକର ଶବ

କୋକସରା,୧୩।୮ (ସମିସ): ଚେନ୍ନାଇ ସହରକୁ ଦାଦନ ଖଟିବାକୁ ଯାଇଥିବା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଦୁର୍ଗମ କୁଟୁରୁ ଗ୍ରାମର ଜଣେ ନାବାଳକ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଛି। ମୃତ ନାବାଳକ ଜଣକ ସ୍ୱର୍ଗତ ବାଲଚନ୍ଦ ମାଝୀଙ୍କ ପୁଅ ଡମ୍ବରୁ ମାଝି(୧୭)। ସେ ଗତ କିଛି ଦିନ ତଳେ ଜଣେ ଦାଦାନ ସର୍ଦ୍ଦାରଙ୍କ ପ୍ରଲୋଭନରେ ପଡ଼ି ଚେନ୍ନାଇ ସହରର ପଣ୍ଡିଚେରୀର ଏକ ଠିକା ସଂସ୍ଥାରେ ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ। ତେବେ ଗତ ସୋମବାର ଦିନ କୋଠା କାମ କରୁଥିବା ସମୟରେ ଛାତରୁ ପଡି ମୃତ୍ୟୁ ଘଟିଥିଲା। ଠିକା ସଂସ୍ଥା ସହାୟତାରେ ବୁଧବାର ଆମ୍ବୁଲାନ୍ସ ଯୋଗେ ଗାଁରେ ମରଶରୀର ପହଞ୍ଚିଛି। ଶବ ଫେରିବା ପରେ ପରିବାର ଓ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ଆମ୍ବୁଲାନ୍ସକୁ ଅଟକ ରଖି ପରେ ଛାଡିଥିଲେ।

## ମଦ କାରବାରରେ ୩ କୋର୍ଟ ଚାଲାଣ

ଜୁନାଗଡ,୧୩।୮ (ସମିସ): ଜୁନାଗଡ ଅବକାରୀ ବିଭାଗ ଚଢ଼ଉ କରି ରଣପୁରରୁ ୧୦୯୦ ଲିଟର ଦେଶୀ ମଦ ଜବତ କରଛି। ଏହି ଘଟଣାରେ ରୋହିତ ବିହାର, ଅଜୟ ବିହାର, ପ୍ରେମଲତା ବିହାରଙ୍କୁ ଗିରଫ କରିଛି। ଏହାସହ ୩୫୦୦ କେଜି ପୋଚ ଜବତ କରି ନଷ୍ଟ କରିଛି। ସାଗରିକା ପ୍ରଧାନ, ଲକ୍ଷ୍ମୀପ୍ରିୟା ମଲିକ ପ୍ରମୁଖ ଏହି ଚଢଉର ନେତୃତ୍ୱ ନେଇଥିଲେ।

## ୩୦ ଖଣ୍ଡ ଶାଳ କାଠ ଜବତ

ଭବାନୀପାଟଣା,୧୩।୮ (ସମିସ): କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ଅଧୀନ ନର୍ଲା ରେଞ୍ଜର ଗୁନାଙ୍ଗଗୁଛା ଗ୍ରାମ ନିକଟରେ ଚୋରା ଚାଲାଣ ହେଉଥିବା ୩୦ ଖଣ୍ଡ ଶାଳ କାଠ ବନ ବିଭାଗ ଜବତ କରିଛି। ଏହା ସହ ଏକ କାର୍ ଜବତ କରାଯାଇଥିବା ଜଣାପଡ଼ିଛି। ନର୍ଲା ରେଞ୍ଜ ଅଧିକାରୀ ଭାରତ ବନ୍ଧୁ ଶବରଙ୍କ ନେତୃତ୍ୱରେ କରାଯାଇଥିବା ଏହି ଚଢ଼ଉରେ ଫରେଷ୍ଟର ଭବାନୀ ଶଙ୍କର ନାଏକ ଓ ଗାର୍ଡ ସଂଯୁକ୍ତା ନାଏକ ପ୍ରମୁଖ ସାମିଲ ହୋଇଥିଲେ।

## ବାଲି ଚୋରାଚାଲାଣ ଅଭିଯୋଗରେ ୪ ଟ୍ରାକ୍ଟର ଜବତ

କଲମପୁର,୧୩।୮ (ସମିସ): ଜିଲ୍ଲା ଖଣି ବିଭାଗ ବେଆଇନ ବାଲି ଚୋରାଚାଲାଣ ଅଭିଯୋଗରେ କଲମପୁର ଅଞ୍ଚଳରୁ ୪ଟି ଟ୍ରାକ୍ଟର ଜବତ କରିଛି। ଏଗୁଡ଼ିକୁ ପୁଲିସ ଜିମା ଦେଇଛି। କଲମପୁର ଅଞ୍ଚଳ ଖଣି ଖାଦାନ ଲୁଟେରାଙ୍କ ଚରାଭୂଇଁ ପାଲଟିଛି। କାଁ ଭାଁ ଚଢ଼ଉ କରି ଜିଲ୍ଲା ଖଣି ବିଭାଗ କାମ ସାରିଦେଉଛି। ବିଭାଗରେ ମାନବସମ୍ବଳର ଅଭାବ ଯୋଗୁଁ ପର୍ଯ୍ୟାପ୍ତ ଚଢଉ କରାଯାଇ ପାରୁ ନ ଥିବା ସଫେଇ ଦେଇ ନିଜ ଉପରୁ ଦୋଷ ଛଡାଇ ଚାଲିଛି। ନଦୀ ଘାଟରୁ ଦୈନିକ ଶହ ଶହ ଟ୍ରିପ୍ ବାଲି ଚାଲାଣ ହେଉଛି। ରାଜସ୍ୱ ବିଭାଗର ସୂଚନା ଅନୁଯାୟୀ ଦେପୁର, କର୍ମେଲ ଡଙ୍ଗରିଗୁଡା ସରକାରୀ କାଗଜ ପତ୍ରରେ ଚାଲୁଥିବା ବେଳେ ଅସଂଖ୍ୟ ଘାଟ ବିନା କାଗଜପତ୍ରରେ ଚାଲୁଛି। ଏହା ଫଳରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଇବାରେ ଲାଗିଛନ୍ତି। ମଣ୍ଡଳ, ଖଣ୍ଡି ଡଙ୍ଗରିଗୁଡା, ପାତ୍ରବସା ଘା ନେଇ ବିଭାଗ ପକ୍ଷରୁ ସବିଶେଷ ବିବରଣୀ ମିଳିପାରିନି। ବଙ୍କାପଲା, ତେନ୍ତୁଳିଖୁଣ୍ଟି, ପରୁଆଗୁଡା, ସାନକୁଟ୍ଟ, ବିରିପୁର ଆଦି ଅନେକ ଘାଟରେ ବାଲି ଚୋରାଚାଲାଣ ହେବାରେ ଲାଗିଛି। କିଛି ଦିନ ତଳେ ଖଣି ବିଭାଗ ୨ଟି ହାଇୱା ଜବତ କରି ପୁଲିସ ଜିମା ଦେଇଥିଲା। ପୁଲିସ ମଧ୍ୟ ୬ଟି ଟ୍ରାକ୍ଟର ଜବତ କରିଥିଲା।

## ଦିନ ଦ୍ୱି ପ୍ରହରରେ ମଟର ସାଇକେଲ ଚୋରି

କର୍ଲାମୁଣ୍ଡା,୧୩।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଝାରମୁଣ୍ଡା ଓ ବ୍ରାହ୍ମନୀମୁଣ୍ଡା ରାସ୍ତାରେ ବୁଧବାର ଦିନ ଦ୍ୱି ପ୍ରହରରେ ଜଣେ ବାଇକ୍ ଆରୋହୀଙ୍କୁ ମାଡ଼ମାରି ଦୁର୍ବୃତ୍ତ ମଟରସାଇକଲ ଓ ଅନ୍ୟାନ୍ୟ ସାମଗ୍ରୀ ଛଡାଇ ନେଇଛନ୍ତି। ବଲାଙ୍ଗୀର ତାଳପାଲି ପଡାର ରବୀନ୍ଦ୍ର ସେଠୀ ଏହି ଡକାୟତିର ଶିକାର ହୋଇଛନ୍ତି। ସେ କର୍ଲାମୁଣ୍ଡା ଆସି ବଲାଙ୍ଗୀର ଫେରୁଥିଲେ। ରିଷିଡା ପଟୁ ୩ ଜଣ ଯୁବକ ମାକ୍ସ ପିନ୍ଧି ରବୀନ୍ଦ୍ରଙ୍କୁ ଅଟକାଇଥିଲେ। ଏହାପରେ ମାଡ଼ମାରି ମଟର ସାଇକେଲ ଓ ଏଟିଏମ୍ କାର୍ଡ, ମନିପର୍ସ, ହେଲମେଟ, ମୋବାଇଲ ଛଡାଇ ନେଇ ଫେରାର ମାରିଥିଲେ। ରବୀନ୍ଦ୍ର ଏ ନେଇ କର୍ଲାମୁଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଥବୀର ବରିହା କହିଛନ୍ତି ଯେ, ତଦନ୍ତ ଚାଲିଛି। ଅନ୍ୟପଟେ ଏହି ବ୍ଲକର ରିଷିଡାରୁ ମଧ୍ୟ ସଞ୍ଜୟ ଜୈନଙ୍କ ଘର ସାମ୍ନାରୁ ମଧ୍ୟ ତାଙ୍କ ମଟରସାଇକଲ ଚୋରି ହୋଇଛି।

## ରାସ୍ତା ଉପରେ ଭାଙ୍ଗି ପଡ଼ିଲା ଗଛ

କଲମପୁର,୧୩।୮ (ସମିସ): ଦୀର୍ଘ ଦିନର ବ୍ୟବଧାନ ପରେ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ କଲମପୁର ଅଞ୍ଚଳରେ ଅସରାଏ ବର୍ଷା ହୋଇଛି। ଏହି ସମୟରେ ଇଚ୍ଛାପୁର ଛକ ନିକଟରେ ଲାଗିଥିବା ପଥପାର୍ଶ୍ୱ ଗଛ ଭାଙ୍ଗି ପଡିଛି। ଏହାଫଳରେ କଲମପୁର-ଜୁନାଗଡ ମୁଖ୍ୟ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ବନ୍ଦ ହୋଇ ଯାଇଥିଲା। ଗଛ ଭାଙ୍ଗି ପଡିବା ବେଳକୁ ଏକ ବୋଲେରୋରେ ଗୋଟିଏ ପରିବାର କଲମପୁର ପଟରୁ ଜୁନାଗଡ ପଟକୁ ଯାଉଥିଲେ। ଗଛ ଭାଙ୍ଗୁଥିବା ଜାଣି ଗାଡ଼ି ଚାଳକ ବିଲ ଭିତରକୁ ଗାଡିକୁ ନେଇଯାଇ ପରିବାରର ଲୋକଙ୍କୁ ବଞ୍ଚାଇ ଦେଇଥିଲେ। ଯାତାୟାତରେ ପ୍ରତିବନ୍ଧକ ହେବାରୁ ଉଭୟ ପାର୍ଶ୍ୱରେ ପଥଚାରୀମାନେ ଦୀର୍ଘ ସମୟଧରି ଅଟକି ରହିଥିଲେ। କଲମପୁର ଦମକଳ ବାହିନୀ ଯାଇ ଗଛ କାଟିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

### ଉଚ୍ଚ ବିଦ୍ୟାଳୟରେ ନାମଲେଖାରୁ ବଞ୍ଚିତ ପ୍ରସଙ୍ଗ

# ଆବାସିକ ବିଦ୍ୟାଳୟରେ ପଢ଼ିବେ ଛାତ୍ରଛାତ୍ରୀ

ଲାଞ୍ଜିଗଡ଼,୧୩।୮ (ସମିସ)



'ସକାଳ' ପ୍ରଭାବ

ସରକାରଙ୍କ ନିର୍ଦ୍ଦେଶ କ୍ରମେ କେହି ଅପାଠୁଆ ରହିବେ ନାହିଁ ବା କେହି ଅଧାରୁ ପାଠ ଛାଡିବେନାହିଁ। ସେଥିପାଇଁ ପ୍ରତ୍ୟେକ ଗାଁରେ ବିଦ୍ୟାଳୟ ନିର୍ମାଣ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ପୋଷାକଠାରୁ ଆରମ୍ଭ କରି ବହିପତ୍ର, ଖେଳ ଉପକରଣ ସମେତ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏତେ ସବୁ ସରକାରୀ ବ୍ୟବସ୍ଥା ଭିତରେ ୧୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢିବାକୁ ଇଚ୍ଛା ଥିଲେ ବି ଅଧା ପାଠୁଆ ହୋଇ ଗାଁରେ ରହୁଛନ୍ତି। ଏହାକୁ ନେଇ ୧୦ ତାରିଖ 'ସକାଳ'ରେ ଖବର ପ୍ରକାଶ ପାଇଛି। ଏହାପରେ ବ୍ଲକ୍ ପ୍ରଶାସନ ତତ୍ପରତା ଦେଖାଇଛି। ବୁଧବାର ଲାଞ୍ଜିଗଡ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପଙ୍କଜ ବଳିଆରସିଂ ଓ ଭଟାଙ୍ଗପଦର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ମାଝୀ ପରାବାହାଲି ଗାଁରେ ପହଞ୍ଚି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ସହ ଆଲୋଚନା କରିଛନ୍ତି। ସମସ୍ତ ଛାତ୍ରଛାତ୍ରୀ ଆବାସିକ ବିଦ୍ୟାଳୟରେ ରହି ପାଠ ପଢ଼ିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଭଟାଙ୍ଗପଦର ପଞ୍ଚାୟତପରାବାହାଲି ଗାଁରେ ପାଠ ପଢିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଣୁ ପିଲାମାନେ ବନପାହାଡ଼ ଘେରା ଆବୁଡ଼ା ଖାବୁଡ଼ା ରାସ୍ତା ଦେଇ ୪କିମି ଆମପଦର ଗାଁ ପ୍ରାଥମିକ ବିଦ୍ୟାଳୟକୁ ଯାଇଥାନ୍ତି। ସେହି ସ୍କୁଲରେ କିନ୍ତୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହଛି। ଏଣୁ ଛାତ୍ରଛାତ୍ରୀ ୫ମ ଶ୍ରେଣୀ ପରେ ପଢିବା ସମ୍ଭବ ହୋଇ ନ ଥାଏ। ପଢିବାର ଇଚ୍ଛା ଶକ୍ତି ଥିଲେ ମଧ୍ୟ ଅନେକ ଶିଶୁ ଅଧାରୁ ଘରେ ରହୁଛନ୍ତି। ଗାଁର ଛାତ୍ରଛାତ୍ରୀ ଏଥ ୫ମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଭଟାଙ୍ଗପଦର ଓ କାଉଗୁଡ଼ା ଆବାସିକ ବିଦ୍ୟାଳୟକୁ ଯାଇଥିଲେ; ହେଲେ ସେହି ବିଦ୍ୟାଳୟରେ ନାମ ଲେଖା ସମ୍ପୂର୍ଣ୍ଣ ହୋଇସାରିଛି। ଆଉ ନାମ ଲେଖି ହେବ ନାହିଁ ବୋଲି ସ୍କୁଲ କର୍ତ୍ତୃପକ୍ଷ କହିଥିଲେ। ଏଣୁ ଅଭିଭାବକମାନେ ଚିନ୍ତାରେ ପଡିଛନ୍ତି। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପରେ ବ୍ଲକ ପ୍ରଶାସନ ଗାଁରେ ପହଞ୍ଚି ସେମାନଙ୍କୁ ଆଶା ଦେଇଛି। ଘଟଣାର ତଦନ୍ତ କରିଛି। ପିଲାମାନେ ଆବାସିକ ବିଦ୍ୟାଳୟରେ ରହି ପାଠ ପଢ଼ିବେ। ଏଥିଲାଗି ଆବଶ୍ୟକ ବ୍ୟବସ୍ଥା କରାଯିବ। ଦୁଇ ଅଧିକାରୀ ଏହି ପ୍ରତିଶ୍ରୁତି ଦେଲା ପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଖୁସିବ୍ୟକ୍ତ କରିଛନ୍ତି।

## ବର୍ଷା ପବନରେ ଭାଙ୍ଗିଲା ୧୦ରୁ ଅଧିକ ବିଦ୍ୟୁତ୍ ଖମ୍ବ

ସିନାପାଲି,୧୩।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଉପାନ୍ତ ଅଞ୍ଚଳରେ ବର୍ଷା ସାଙ୍ଗକୁ ପବନ ହୋଇଛି। ଏଥିଯୋଗୁ ଘାଟମାଳ ପଞ୍ଚାୟତ ତାଲାକୋଟ ଅଞ୍ଚଳକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ଖୁଣ୍ଟ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଯାଇଛି। ଏହା ଫଳରେ ଉପାନ୍ତ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ବନ୍ଦ ରହିଛି। ଅନେକ ଖୁଣ୍ଟ ତଳେ ପଡିଛି। ଅବଶ୍ୟ ବିଭାଗୀୟ କର୍ମଚାରୀ ସୁଧାର ଆଣିବା ପାଇଁ ଉଦ୍ୟମ ଚଳାଇଛନ୍ତି। ତାଲାକୋଟ ଅଞ୍ଚଳକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ଯୋଗାଣରେ ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିବାରୁ ଏହା ତଳେ ପଡି ଯାଇଥିବା ଲୋକେ ଅଭିଯୋଗ କରିଛନ୍ତି। ଖମ୍ବ ପୋତା କାର୍ଯ୍ୟରେ ଆବଶ୍ୟକ ଅନୁସାରେ ଗାତରେ କଂକ୍ରିଟକରଣ କରାଯାଇ ନ ଥିଲା। କେବଳ ମାଟି ଖୋଳି ଖମ୍ବ ପୋତାଯାଇଥିଲା। ଏଣୁ ଏଭଳି ଅବସ୍ଥା ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା ପାଶ୍ୱର୍ରେ ଥିବା ବିଦ୍ୟୁତ ଖମ୍ବ ପୋତା କାର୍ଯ୍ୟ ସମୟରେ ମଧ ଅଞ୍ଚଳର ଜନସାଧାରଣ ଓ ଜନପ୍ରତିନିଧି ଠିକ୍ ଭାବରେ କାର୍ଯ୍ୟ ହେଉ ନ ଥିବା ସେତେବେଳେ ଅଭିଯୋଗ କରିଥିଲେ; ହେଲେ ଦାୟିତ୍ୱରେ ଥିବା ଠିକାଦାର କିମ୍ବା ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ନ ଥିଲେ। ତେଣୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଯନ୍ତ୍ରୀ, ଅଧିକାରୀ, ଓ ଠିକାଦାରଙ୍କ ଅବହେଳା ତଥା ଖାମଖିଆଲି ମନୋଭାବ ପାଇଁ ଖମ୍ବ ପୋତା କାମରେ ଅନିୟମିତତା ହୋଇଛି। ଏଥିଯୋଗୁ ବିଦ୍ୟୁତ୍ ଖମ୍ବ ଭାଙ୍ଗି ତଳେ ଖସି ପଡିଛି। ନଙ୍ଗଲବୋଡ ଓ ଘାଟମାଲ ପଞ୍ଚାୟତର ଅଞ୍ଚଳବାସୀ ଅନ୍ଧାରରେ ସମୟ କାଟୁଛନ୍ତି। ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବା ସହ ବିଦ୍ୟୁତ ଯୋଗାଣ କରିବାକୁ ଦାବି କରିଛନ୍ତି।

## ୧୪ରୁ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ଧାରଣା

ନୂଆପଡା,୧୩।୮ (ସମିସ): ନୂଆପଡା ଜିଲ୍ଲାରେ କାର୍ଯ୍ୟରତ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀମାନେ ୧୪ ତାରିଖରୁ ଧାରଣା ଦେବେ। ଦାବି ପୂରଣ ହେବା ଯାଏଁ ସେମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଧାରଣା ଦେବେ ବୋଲି ସ୍ଥିର କରିଛନ୍ତି। ନୂଆପଡ଼ା ଭଳି ଏକ ଉପାନ୍ତ ଜିଲ୍ଲାରେ ଦୀର୍ଘ ୧୬ ବର୍ଷ ଧରି ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନେ କାମ କରିଆସିଛନ୍ତି। ଏମାନଙ୍କୁ କିନ୍ତୁ ପଦୋନ୍ନତିରେ ବିଭାଗ ଚରମ ଅବହେଳା କରୁଛି। ୨୦୨୫ ଜାନୁଆରୀ ମାସ ଶେଷ ସୁଦ୍ଧା ଏମାନଙ୍କୁ ପଦୋନ୍ନତି ଦେବାପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏନେଇ ବୈଠକ ବସି ସାରିଛି। ବିଭିନ୍ନ ଆଳ ଦେଖାଇ କିନ୍ତୁ ଫଳାଫଳ ପ୍ରକାଶ କରାଯାଉନି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏ ସମ୍ପର୍କରେ ବାମର୍ୱାର ଡେପୁଟି କଲେକଟର ଏବଂ ଜିଲ୍ଲାପାଳଙ୍କୁ ଅବଗତ କରୁଛନ୍ତି। ଏହା ସତ୍ତ୍ୱେ କୌଣସି ସୁଫଳ ମିଳୁନି। ଏଣୁ ନୂଆପଡା ଜିଲ୍ଲାର ସମସ୍ତ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ମାନସିକ, ଶାରୀରିକ ଓ ଅର୍ଥିକ ଦୃଷ୍ଟି କୋଣରୁ ଭାଙ୍ଗି ପଡିଛନ୍ତି। ତେଣୁ ଏହି ଚରମ ଅବହେଳା ଓ ଅନ୍ୟାୟର ପ୍ରତିବାଦ ସ୍ୱରୂପ ଜିଲ୍ଲାର ସମସ୍ତ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି।

## ବୋର୍ଡାରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

ଭବାନୀପାଟଣା,୧୩।୮ (ସମିସ): ବୋର୍ଡା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି।

ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ ଏଥିରେ ପୌରାହିତ୍ୟ କରିଥିଲେ। ଭବାନୀପାଟଣା ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ସୁରେଶ୍ୱରୀ ବାଘ, ଐଶର୍ଯ୍ୟା ପ୍ରଧାନ, ସ୍ଥାନୀୟ ସାମ୍ବାଦିକ ରୋଶନଲାଲ ଛତର ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀ ଗୀତାଞ୍ଜଳି ରଣା, ସୁନିତା ହୋତା, ବିସ୍ମିତା ବେହେରା ଓ ନିହାରିକା କର ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିରଞ୍ଚି ବାଗ ମଞ୍ଚ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ନିରାକାର ଗହୀର ଧନ୍ୟବାଦ ଅର୍ପଣ କରିଥିଲେ। ନିତ୍ୟାନନ୍ଦ ବାଗ, ବନ୍ଦନା ଭୋଇ, ଦୀପ୍ତିମୟୀ ରଣା, ଆଶୁତୋଷ ପଧାନ, ସୌମ୍ୟା ମଧୁରିମା, ସାଗର ହରପାଲ, ଯୁଗଳ ଚରଣ ସାହୁ, ସୋମାଲୀନ ରାଉତ, ଅଭିଳାଷ ପଣ୍ଡା, ସୁଜିତ ସାହୁ, ମନୋଜ ଶବର, ବିରଞ୍ଚି ଜାଲ, ବିଜୟ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଗୋଲାମୁଣ୍ଡା/ଧର୍ମଗଡ଼,୧୩।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ ନାଏକ, ଦୀପକ ବେହେରା, ଲକ୍ଷ୍ମଣ ସାହୁ, ଅକ୍ଷମ ସଂଘ ସଂପାଦକ ଡୋଲାମଣି ପ୍ରଧାନ, ବରିଷ୍ଠ ସାମ୍ବାଦିକ ଦାମୋଦର ଦାସ, ସାମାଜିକକର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ, ଜାତୀୟ ଦୃଷ୍ଟିହୀନ ସଂଘ ସଦସ୍ୟ ଚନ୍ଦ୍ରଶେଖର ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ୫୪୭ ଜଣଙ୍କ ପଞ୍ଜିକୃତ ହୋଇଥିଲା। ୨୨୪ ଜଣ ପ୍ରମାଣପତ୍ର ପାଇଁ ମନୋନୀତ ହୋଇଥିଲେ। ୧୫ ଜଣଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ୪ ଜଣଙ୍କୁ ହୁଇଲ ଚେୟାର,୧୨ ଜଣଙ୍କୁ ବସ୍ ପାସ୍ ଓ ୧୨ ଜଣଙ୍କୁ ଟ୍ରେନ ପାସ୍ ପ୍ରଦାନ କରାଯାଇଛି।

## ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ରାଷ୍ଟ୍ରପତି ଭବନରୁ ନିମନ୍ତ୍ରଣ

ନୂଆପଡା,୧୩।୮ (ସମିସ): ନୂଆପଡା ଜିଲ୍ଲା ସିନାପାଲି ଗ୍ରାମର ବିଶିଷ୍ଟ ଭାଷାବିତ ଓ ଲେଖକ ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ରପତିଙ୍କ ଭବନରୁ ନିମନ୍ତ୍ରଣ କରାଯାଇଛି। ସ୍ୱତନ୍ତ୍ର ଅତିଥି ରୂପେ ସେ ଯୋଗ ଦେବେ।



ଭାରତର ବିଶିଷ୍ଟ ୫୦ ଜଣ ବୁଦ୍ଧିଜୀବୀ, କଳାକାର, ଲେଖକ, ଶିଳ୍ପୀ, ସାହିତ୍ୟିକ, ସଂଗୀତଜ୍ଞ, ବୈଜ୍ଞାନିକଙ୍କୁ ରାଷ୍ଟ୍ରପତିଙ୍କ 'ଆଟ ହୋମ' କାର୍ଯ୍ୟକ୍ରମରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ଏହା ମଧ୍ୟରେ ଡକ୍ଟର ମିଶ୍ର ରହିଛନ୍ତି।

## ସାନ୍ଦୁଲ ନଦୀ ବ୍ରିଜ୍ ଉପରେ ପାଣି ଜମୁଛି

ମ. ରାମପୁର,୧୩।୮ (ସମିସ): କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ପୂର୍ତ୍ତ ବିଭାଗ ଅଧୀନରେ ଥିବା ମୁଖ୍ୟ ରାସ୍ତା ଶେରଗଡ଼ ନିକଟ ଜାମ ପଦରରେ ଥିବା ସାନ୍ଦୁଲ ନଦୀ ବ୍ରିଜ ଉପରେ ପାଣି ଜମୁଛି। ଏଣୁ ଲୋକଙ୍କ ଯାତାୟାତରେ ସମସ୍ୟା ଦେଖାଦେଇଛି। ଭବାନୀପାଟଣାରୁ ମ. ରାମପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ଏହି ରାସ୍ତା ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ବ୍ରିଜଟି ଦୀର୍ଘ ଦିନରୁ ନିର୍ମାଣ ଥିବା ହେତୁ ଏବେ ତାହା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ତାହା କିନ୍ତୁ ମରାମତି କରାଯାଉନି।



## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କର୍ଲାମୁଣ୍ଡା,୧୩।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଯୋରାଡବରା ସ୍ଥିତ ପ୍ରାଥମିକ କୃଷି ସମବାୟ ସମିତିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଉଦ୍‌ଘାଟିତ ହୋଇଛି। ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ସମ୍ମାନୀତ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷା କୁନି ସାହୁ, କଳାହାଣ୍ଡି କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, କଳାହାଣ୍ଡି ଯୁଗ୍ମ ରେଜିଷ୍ଟ୍ରାର ପ୍ରମୋଦ ସାହୁ, କଳାହାଣ୍ଡି ଉପ ନିବନ୍ଧକ (ସମବାୟ ସମିତି ସମୂହ) ସ୍ୱରୂପ କର, ନବାର୍ଡ ଡିଡିଏମ୍ ମହେଶ୍ୱର ଦାଶ, କଳାହାଣ୍ଡି କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବନଲତା ଧଳ, ସମ୍ବଲପୁର ଜିଲ୍ଲା ବରିଷ୍ଠ ଏଆରସିଏସ ମଧୁସୂଦନ ମେହେର, ଭବାନୀପାଟଣା ସହକାରୀ ନିବନ୍ଧକ (ସମବାୟ ସମିତି ସମୂହ) ଅଜିତ ବରଗ୍ଡି, ମ.ରାମପୁର ଶାଖା ପରିଚାଳକ ମନୋରଞ୍ଜନ ଚାନ୍ଦ, ଯୋରାଡବରା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଦେବରାଜ ରଣା ପ୍ରମୁଖ ଯୋଗ ଦେଇଥିଲେ।

## ଦଶମ ଶ୍ରେଣୀରେ ବିଜ୍ଞାନ ପଢ଼ାଇଲେ ଜିଲ୍ଲାପାଳ

ନୂଆପଡା,୧୩।୮ (ସମିସ): ନୂଆପଡା ଜିଲ୍ଲାର ଉପାନ୍ତ ସିଆଲଟି ସେବାଶ୍ରମ ହାଇସ୍କୁଲକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଅଚାନକ ଗସ୍ତ କରିଛନ୍ତି। ସେ ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ କରି ସମୀକ୍ଷା କରିଛନ୍ତି। ଏହା ସହ ପିଲାଙ୍କୁ ପାଠ ପଢାରେ ଉତ୍ସାହିତ କରିବାକୁ ଯାଇ ଦଶମ ଶ୍ରେଣୀରେ ବିଜ୍ଞାନ ପଢାଇଛନ୍ତି। ବୁଧବାର ମଧ୍ୟାହ୍ନ ୧୨ଟାରେ ସେ ବିଦ୍ୟାଳୟରେ ପହଞ୍ଚିଥିଲେ। କାଗଜପତ୍ର ଯାଞ୍ଚ ପୂର୍ବକ ସମୀକ୍ଷା କରିଥିଲେ। ପ୍ରଧାନ ଶିକ୍ଷକ ପ୍ରଶାନ୍ତ ପତିଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

## ମାଟି ତଳେ ମାଓବାଦୀ ପୋତିଥିବା ବିଭିନ୍ନ ସାମଗ୍ରୀ ଜବତ

ନୂଆପଡ଼ା,୧୩।୮ (ସମିସ): ଓଡ଼ିଶା-ଛତିଶଗଡ ସୀମାନ୍ତ ଛତିଶଗଡ ରାଜ୍ୟ ମଇନପୁର ଥାନା ପଣ୍ଡରୀପାନି-ସିକାସର୍ ଗାଁ ଜଙ୍ଗଲରେ ମାଓବାଦୀମାନେ ମାଟି ତଳେ ପୋତିଥିବା ବିଭିନ୍ନ ଜିନିଷ ଜବତ ହୋଇଛି। ଆଇଇଡି ନିର୍ମାଣ ପାଇଁ ଥିବା ୬ଟି ପ୍ରେସର କୁକର, ଗୋଟିଏ କଲର ପ୍ରିଣ୍ଟର, ଔଷଧ, ମାଓବାଦୀ ସାହିତ୍ୟ ଆଦି ମିଳିଛି। ଛତିଶଗଡ ପୁଲିସ ଏ ସବୁ ଜବତ କରିଛି। ବିଶେଷ ସୂତ୍ରରୁ ସୂଚନା ପାଇ ଗରିଆବନ୍ଧ ଜିଲ୍ଲା ପୁଲିସ, ଇ-୩୦ ଓ ଡି-୬୨ ସିଆରପିଏ ମଇନପୁର ଥାନା ଅଞ୍ଚଳର ପଣ୍ଡରିପାନି-ସିକାସର ଗାଁ ନିକଟ ଜଙ୍ଗଲରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଏବେ ମଧ ସେହି ଅଞ୍ଚଳରେ କମ୍ବି ଅପରେସନ ଜୋରଦାର କରାଯାଇଛି। ମାଓବାଦୀମାନେ ଏକ ବଡ



ଧରଣର ବିସ୍ଫୋରଣ କରିବାକୁ ଯୋଜନା କରୁଥିଲେ। ଏହି ଅଞ୍ଚଳ ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟକୁ ଲାଗି ରହିଛି ବୋଲି ଗରିଆବନ୍ଧ ଆଡିସନାଲ ଏସ୍‌ପି ଧୀରେନ୍ଦ୍ର ପଟେଲ ସୂଚନା ଦେଇଛନ୍ତି।

## ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ

କୋମନା,୧୩।୮ (ସମିସ): ନୂଆପଡା ଜିଲ୍ଲା କୋମନା ବ୍ଲକ୍ ପଣ୍ଡରାପଥରସ୍ଥିତ ମଦର ଟେରେସା ସେବା ସଙ୍ଗଠନ ତରଫରୁ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଶତାଧିକ ଲୋକ ତ୍ରିରଙ୍ଗା ଧରି ଗାଁ ପରିକ୍ରମା କରିଥିଲେ। ମଦର ଟେରେସା ସଂଗଠକ ଶେଷଦେବ ପ୍ରଧାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଙ୍ଗଠନ କାର୍ଯ୍ୟକର୍ତ୍ତା ନିଳାମ୍ବର ରାଉତ, ତେଜୁରାମ ନାଏକ, ଫକୀର ରାଉତ ପ୍ରମୁଖ ସହଯୋଗ କରିଥିଲେ।

### ଟେମ୍ପାମଣି ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ଦେଓଲି



ନୂଆପଡ଼ା,୧୩।୮ (ସମିସ)

ନୂଆପଡା ଜିଲ୍ଲା ସଦର ବ୍ଲକ୍ କୁଲିଆବନ୍ଧା ଗ୍ରାମରେ ୨୫ତମ ଟେମ୍ପାମଣି ଫୁଟବଲ ଟୁର୍ଣ୍ଣାମେଣ୍ଟର ରୌପ୍ୟ ଜୟନ୍ତୀ ଉଦ୍‌ଘାଟିତ ହୋଇଛି। ଦେଓଲି ପଦ୍ମପୁର ଏବଂ ୧୧ ଷ୍ଟାର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା। ଦେଓଲି ପଦ୍ମପୁର ଦଳ ୩-୨ପେନାଲଟି ସୁଟ୍ ଆଉଟରେ ବିଜୟୀ ହୋଇଥିଲା। ସେହିଭଳି ଦଭା ଏବଂ କୁଲିଆବନ୍ଧା ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା। ଏଥିରେ କୁଳିଆ ବନ୍ଧା ଦଳ ୩-୦ଗୋଲ୍‌ରେ ବିଜୟ ଲାଭ କରିଥିଲା। ପ୍ରଥମ ସେମି ଫାଇନାଲରେ ଦେଓଳି ଦଳ କୁଳିଆ ବନ୍ଧା ଦଳଠାରୁ ୨-୦ଗୋଲରେ ଆଗୁଆ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଡ. ଶିବ ପ୍ରସାଦ ବେହେରା, ଓକିଲ ସଙ୍ଘ ସଭାପତି କ୍ଷିତୀଶ ଅଶୋକ ବୋଧଙ୍କର, ପ୍ରକାଶ ସ୍ୱାଇଁ, କୁଳିଆବନ୍ଧା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କିଶୋର ବାରିକ, ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ଘନଶ୍ୟାମ ଭୋଇ, ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଢେଇ, ଡିଆରସିଏସ ଶିବ ପ୍ରସାଦ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ହୀରାଲାଲ ପଟେଲ ଅଧ୍ୟକ୍ଷତା କରିଥିଲେ।। ଘନଶ୍ୟାମ ପଟେଲ, କୁମରମଣି ମହାନନ୍ଦ, ମାତରାମ ପଟେଲ, ଆଧାର ପଟେଲ, ରଞ୍ଜିତ ଗଉଡ଼, ଉଦେରାମ ପଟେଲ ପ୍ରମୁଖ ସହଯୋଗ କରିଥିଲେ। ରେଫରୀ ଭାବେ ତପନ ଦାସ, ସଞ୍ଜନ କୁନ୍ଦେଇ, ଭୂପେନ୍ଦ୍ର ଗୋପାଳ, ଡୋଳାମଣି ବଗର୍ତ୍ତି ଦାୟିତ୍ୱ ତୁଲାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଯୋଗ ଦେଇଛନ୍ତି। ୧୫ତାରିଖ ଦିନ ଫାଇନାଲ ଖେଳ ହେବ।

### ● ତୃତୀୟ ଦିନରେ ଅମଲା ସଂଘର ଆନ୍ଦୋଳନ

## ସମୂହ ଛୁଟି ବାତିଲ ପରେ ଆନ୍ଦୋଳନ ତୀବ୍ର ପାଇଁ ନିଷ୍ପତ୍ତି

ଭବାନୀପାଟଣା,୧୩।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୧ରୁ ରାଜସ୍ୱ ଅମଲାଗଣ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟ ବନ୍ଦ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ବୁଧବାର ତୃତୀୟ ଦିନରେ ପହଞ୍ଚିଛି ଓଡିଶା ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ। ରାଜସ୍ୱ ଅମଲାମାନେ ସାମୂହିକ ଛୁଟିରେ ଥିବା ଯୋଗୁଁ କଳାହାଣ୍ଡି ଜିଲ୍ଲାରେ ଥିବା ସମସ୍ତ ରାଜସ୍ୱ ବିଭାଗୀୟ କାର୍ଯ୍ୟାଳୟଗୁଡିକରେ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏହାଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତୃତୀୟ ଦିନରେ ଜିଲ୍ଲା ଅମଲା ଭବନରେ ୩୦ଟି ଜିଲ୍ଲାର ଥିବା ଓଡିଶା ରାଜସ୍ୱ ଅମଲାମାନଙ୍କ ଏକ ଆଭାସୀ ବୈଠକ ହୋଇଥିଲା। ସେଥିରେ ରାଜ୍ୟ ସରକାରଙ୍କ ଦ୍ୱାରା ବାତିଲ କରାଯାଇଥିବା ସମୂହ ଛୁଟିକୁ ଘୋର ନିନ୍ଦା କରାଯାଇଛି। ସମୂହ ଛୁଟିରେ ଥାଇ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ବୋଲି ଓଡିଶା ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି କ୍ରମେ କଳାହାଣ୍ଡି ଜିଲ୍ଲା ରାଜସ୍ୱ ଅମଲା ସଂଘର ଉପ-ସଭାପତି ନୀଳକଣ୍ଠ ଗଉଡ ଓ ସମ୍ପାଦକ ଆଶୁତୋଷ ମିଶ୍ର ଏହା ପ୍ରକାଶ କରିଛନ୍ତି। ଜିଲ୍ଲା ଅମଲା ଭବନଠାରେ ଭବାନୀପାଟଣା ଓ ଧର୍ମଗଡ ଉପଖଣ୍ଡର ସୁନୀଲ କାନୁନଗୋ, ଲକ୍ଷ୍ମୀ ନାରାୟଣ ପୃଷ୍ଟି, କାଶୀନାଥ ଦଣ୍ଡସେନା, ବିଷ୍ଣୁ ଚରଣ ପାତ୍ର, ଅଜିତ ସାହୁ, ସୁଦୀପ୍ତ ରଞ୍ଜନ ସିଂ, ଚିନ୍ମୟୀ ଠାକୁର, ଲେଖାରାମ ଗହୀର ଓ ବିନାୟକ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

## ଜିଦ୍‌ରେ ରାଜସ୍ୱ ଅମଲା; ସରକାରୀ କାମ ପ୍ରଭାବିତ

କେସିଙ୍ଗା,୧୩।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜସ୍ୱ ଅମଲାମାନଙ୍କ ଆନ୍ଦୋଳନ ଚାଲିଛି। ଇତି ମଧ୍ୟରେ ଏହି ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ରାଜ୍ୟ ସରକାରଙ୍କ ପକ୍ଷରୁ କିନ୍ତୁ କୌଣସି ସମାଧାନର ବାଟ କଢ଼ାଯାଉନି। ଏଣୁ ଆନ୍ଦୋଳନ କେତେ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ତାହାର କୌଣସି ସୂଚନା ମିଳୁ ନାହିଁ। କେସିଙ୍ଗା ତହସିଲ କାର୍ଯ୍ୟାଳୟର ୭ ଜଣ ରାଜସ୍ୱ ଅମଲା ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତହସିଲ କାର୍ଯ୍ୟାଳୟରେ କେବଳ ଜମିବାଡ଼ି ରେଜିଷ୍ଟ୍ରେସନ ଛଡ଼ା କୌଣସି କାମ ହେଉନାହିଁ। ଜାତିଗତ ପ୍ରମାଣପତ୍ର, ମ୍ୟୁଟେସନ, ପଟା ବାହାରି ପାରୁ ନାହିଁ। କେସିଙ୍ଗା ମହିଳା ଶିଶୁ ବିକାଶ କାର୍ଯ୍ୟାଳୟରୁ ମଧ୍ୟ ଜଣେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ୩ ଦିନରେ ଜନସାଧାରଣ ଅନେକ ଅସୁବିଧାର ସମ୍ମୁଖୀନ ହେଲେଣି। ଯଦି ଆନ୍ଦୋଳନ ଯଥା ଶୀଘ୍ର ସମାପ୍ତ ନ ହେଲା ଆଗକୁ ପରିସ୍ଥିତ ଆହୁରି ଜଟିଳ ହେବ। ଏ ବିଷୟରେ କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁଙ୍କୁ ପଚାରିବାରୁ ଅମଲାମାନେ କାର୍ଯ୍ୟାଳୟର ମୁଖ୍ୟ। ସେମାନଙ୍କ ବିନା କାର୍ଯ୍ୟାଳୟ ଚାଲିବା ଅସମ୍ଭବ। ଏଣୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ପ୍ରତିଯୋଗୀଙ୍କ ସହିତ ଯୁଦ୍ଧ ଯେପରି ଅପରିହାର୍ଯ୍ୟ, ପ୍ରତିବେଶୀଙ୍କ ସହିତ ବନ୍ଧୁତା ସେପରି ଜରୁରୀ।
-ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ମେଲେରିଆ କମ୍ପନ

ରୋଗ ସଂକ୍ରମଣକୁ ଏକ ନିୟନ୍ତ୍ରିତ ସ୍ଥିତିରେ ରଖିବାକୁ ହେଲେ ନିବାରଣ ବା ନିରାକରଣକୁ ଅଧିକ ପ୍ରାଧାନ୍ୟ ଦେବା ଜରୁରୀ। ମେଲେରିଆ ଓ କଲେରା (ହଇଜା) ଭଳି ବ୍ୟାଧିକୁ ନିୟନ୍ତ୍ରଣ କରାଯାଇପାରିଛି କେବଳ ପାନୀୟ ଉପଯୋଗୀ ବିଶୁଦ୍ଧ ଜଳଯୋଗାଣ ଓ ପରିବେଶଗତ ସନ୍ତୁଳନ ରକ୍ଷା ମାଧ୍ୟମରେ। ଏକ୍ଷେତ୍ରରେ ଆମ ରାଜ୍ୟ କିନ୍ତୁ ଏକ ବ୍ୟତିକ୍ରମ। ନିକଟରେ ଯାଜପୁର ଜିଲ୍ଲାରେ ଦୂଷିତ ପାନୀୟ ଜଳ ଯୋଗୁଁ ଝାଡ଼ାବାନ୍ତି ସହ ହଇଜା ସଂକ୍ରମିତ ହୋଇଥିଲା। ନିକଟରେ ହସ୍ତଗତ ହୋଇଥିବା ଏକ ରିପୋର୍ଟରୁ ପ୍ରକାଶ ଯେ ଆମ ରାଜ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ଦେଶରେ ସର୍ବାଧିକ। ଜୁନ ଶେଷସୁଦ୍ଧା ୬ ମାସ ମଧ୍ୟରେ ମେଲେରିଆ ରୋଗୀଙ୍କ ସଂଖ୍ୟା ୩୬,୩୮୮ ଅତିକ୍ରମ କରିଛି। ଏହି ରୋଗ ସଂକ୍ରମଣର ବାହକ ହେଲେ ମଶା। ବର୍ଷା ଋତୁରେ ମଶାଙ୍କ ବଂଶବୃଦ୍ଧି ଘଟିଥାଏ। ଏବେ ଯେଉଁ ପରିସଂଖ୍ୟାନ ସାମ୍ନାକୁ ଆସିଛି ଆସନ୍ତା ଦୁଇତିନିମାସ ମଧ୍ୟରେ ତାହା କେତେ ବୃଦ୍ଧି ପାଇବ ଆକଳନ କରିବା କଷ୍ଟକର।

ଜାତୀୟ ସଞ୍ଚାରଧର୍ମୀ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍‌ସିଭିବିଡିସି) ରିପୋର୍ଟରୁ ପ୍ରକାଶ ଯେ କିଛି ବର୍ଷ ତଳେ ମେଲେରିଆ ରୋଗ ସଂକ୍ରମଣ ହ୍ରାସ କ୍ଷେତ୍ରରେ ଓଡ଼ିଶା ଉଦାହରଣ ସୃଷ୍ଟି କଲା ଭଳି ରାଜ୍ୟ ହୋଇଥିବା ବେଳେ ହଠାତ୍ ଏହି ପରିବର୍ତ୍ତନ ଉଦ୍‌ବେଗର କାରଣ ହୋଇଛି। ଏଥିଲାଗି କେନ୍ଦ୍ରର ଅସହଯୋଗ ଦର୍ଶାଇ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇଦେଲେ ଯେ ପରିସ୍ଥିତି ସୁଧୁରିଯିବ ଏକଥା ନୁହେଁ। ରାଜ୍ୟର ଯେଉଁ ଅଞ୍ଚଳ ବା ଜିଲ୍ଲାରେ ମେଲେରିଆ ସଂକ୍ରମଣ ବୃଦ୍ଧି ପାଇଛି ସେଠାକାର ଜନସାଧାରଣଙ୍କ ମଧ୍ୟରେ ସଚେତନତା ଅଭାବ ମୁଖ୍ୟ କାରଣ। ପରିବର୍ତ୍ତିତ ଜୀବନ ଧାରାରେ ମଶାଙ୍କ ପ୍ରାଦୁର୍ଭାବ ହ୍ରାସ ପାଇଁ ପ୍ରତିଷେଧକ ବ୍ୟବସ୍ଥା ବା ସଚେତନତା କ୍ରମେ ଗୁରୁତ୍ୱ ହରାଇଥିବାରୁ ମେଲେରିଆ ବଢ଼ିଚାଲିଛି। ସେହିଭଳି ମଶା ନିରାକରଣ ପାଇଁ ଔଷଧଯୁକ୍ତ ମଶାରି ବ୍ୟବହାର କ୍ରମେ ଗୁରୁତ୍ୱ ହରାଇଛି। କେନ୍ଦ୍ରସରକାରଙ୍କ ପକ୍ଷରୁ ଔଷଧଯୁକ୍ତି ମଶାରି (ଏଲଏଲଆଇଏନ) ଯୋଗଣ କ୍ରମାଗତ ଭାବେ ବନ୍ଦ ରହୁଛି। ଏକ୍ଷେତ୍ରରେ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ଚାହିଁଥିଲେ ନିଜସ୍ୱ ସୂତ୍ର ଓ ସମ୍ବଳରୁ ଔଷଧଯୁକ୍ତ ମଶାରି ସଂଗ୍ରହ କରି ବଣ୍ଟନ କରିପାରିଥା'ନ୍ତେ। ଏଥିଲାଗି ଯେ ଏକ ବଡ଼ଧରଣର ବ୍ୟୟଭାର ରାଜ୍ୟ ସରକାରଙ୍କୁ ବହନ କରିବାକୁ ପଡ଼ି ଥା'ନ୍ତା, ଏକଥା ନୁହେଁ। ବରଂ ଏହାକୁ ସଚେତନା ଓ ଦୂରଦୃଷ୍ଟିର ଅଭାବ କୁହାଯାଇପାରେ। ଅବଶ୍ୟ ବିଭାଗୀୟ ନିର୍ଦ୍ଦେଶକ ଦର୍ଶାଇଛନ୍ତି ଯେ ଗତବର୍ଷ କେନ୍ଦ୍ରୀୟ ଯୋଗାଣରେ ବିଳମ୍ବ ଘଟିବାରୁ ରାଜ୍ୟସରକାର ୫୬ ଲକ୍ଷ ଔଷଧଯୁକ୍ତ ମଶାରି କ୍ରୟ କରିଥିଲେ। ଗତ ନଭେମ୍ବର ଓ ଡିସେମ୍ବର ମାସରେ ରାଜ୍ୟର ୧୦ଟି ଜିଲ୍ଲାରେ ଏହି ମଶାରି ବଣ୍ଟନ କରାଯାଇଛି। ଛାତ୍ରଛାତ୍ରୀ ଆବାସସ୍ଥଳ ସକାଶେ ଆଉ ୩ ଲକ୍ଷ ଔଷଧଯୁକ୍ତ ମଶାରି ସଂଗ୍ରହ କରାଯାଇଛି।

ଓଡ଼ିଶା ପଛକୁ ଯେଉଁ ରାଜ୍ୟରେ ମେଲେରିଆ ପ୍ରାଦୁର୍ଭାବ ବୃଦ୍ଧିପାଉଥିବାର ପରିଲକ୍ଷିତ ହେଉଛି ସେଗୁଡ଼ିକ ହେଲା – ଝାଡ଼ଖଣ୍ଡ (୧୪,୭୮୧), ଛତିଶଗଡ଼(୧୪,୭୧୩), ମହାରାଷ୍ଟ୍ର (୬,୮୧୭), ପଶ୍ଚିମବଙ୍ଗ(୩,୭୬୨), ଉତ୍ତର ପ୍ରଦେଶ(୨,୮୫୧), ମିରୋରାମ (୪,୯୯୯) ଓ ତ୍ରିପୁରା (୩,୪୫୬)। ସଂପୃକ୍ତ ରାଜ୍ୟଗୁଡ଼ିକର ଆୟତନ ଓ ଲୋକସଂଖ୍ୟା ଦୃଷ୍ଟିରୁ ବିଚାର କଲେ ମନେହୁଏ ଅନଗ୍ରସରତା ଓ ସଚେତନତାର ଅଭାବ ହିଁ ମେଲେରିଆ ସଂକ୍ରମଣର ମୁଖ୍ୟ କାରଣ। ଆମ ରାଜ୍ୟ ଏବେ ମଧ୍ୟ ଝାଡ଼ଖଣ୍ଡ, ଛତିଶଗଡ଼, ମିଜୋରାମ ଓ ତ୍ରିପୁରା ଭଳି ରାଜ୍ୟଠାରୁ ଏ କ୍ଷେତ୍ରରେ ପଛରେ ପଡ଼ିଛି। ଋତୁକାଳୀନ ବର୍ଷାଜଳ ଦିନ ଦିନ ଧରି ଜମି ରହିବା, ଅଳିଆ ଓ ଅବର୍ଜନା ପଡ଼ି ରହୁଥିବାରୁ ଅସମ୍ଭବ ଭାବେ ମଶାବଂଶ ବୃଦ୍ଧିପାଉଛି। ମେଲେରିଆ ଓ ଡେଙ୍ଗୁ ରୋଗ ବ୍ୟାପିବା ପଛରେ ଏହାର ଭୂମିକା ରହୁଥିଲେ ମଧ୍ୟ ପରିବେଶକୁ ପରିଷ୍କାର ଓ ପରିଚ୍ଛନ୍ନ କରିବା ପଛରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ନିଷ୍ଠାର ଅଭାବ ସାଙ୍ଗକୁ ନାଗରିକମାନଙ୍କର ମଧ୍ୟ ସେଭଳି ସଚେତନା ଥିବା ଭଳି ମନେ ହେଉନାହିଁ। କିନ୍ତୁ ଏକଥା ସତ ଯେ ବର୍ଦ୍ଧିତ ମେଲେରିଆ ପ୍ରାଦୁର୍ଭାବ ପାଇଁ ଆମ ରାଜ୍ୟ ଏକ ନିନ୍ଦିତ ସ୍ଥିତିରେ ରହିଛି।

ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ହିଁ ସବୁଠାରୁ ଅଧିକ ମେଲେରିଆ ପ୍ରବଣ ଅଞ୍ଚଳ ରୂପେ ପରିଗଣିତ ହେଉଛି। କଳାହାଣ୍ଡି ଜିଲ୍ଲାରେ ସର୍ବାଧିକ ୮,୦୨୯ ମେଲେରିଆ ରୋଗୀ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ାରେ ୭୦୮୧, କନ୍ଧମାଳରେ ୪୩୮୧, ମାଲାକାନଗିରିରେ ୪,୨୪୩, କୋରାପୁଟରେ ୩୮୯୬ ଓ ମୟୂରଭଞ୍ଜରେ ରୋଗୀସଂଖ୍ୟା ୩,୪୨୧। ଆମେ ଏଠାରେ ଯେଉଁ ୬ଟି ଜିଲ୍ଲା କଥା ଉଲ୍ଲେଖ କରୁଛୁ ତାହା ମୁଖ୍ୟତଃ ଆଦିବାସୀ ଓ ଜନଜାତି ଅଞ୍ଚଳ ରୂପେ ପରିଗଣିତ। ସେମାନଙ୍କ ମଧ୍ୟରେ ଅପେକ୍ଷାକୃତ ରୋଗ ସଚେତନତା କମ। ମେଲେରିଆ କେନ୍ଦ୍ର କର୍ମଚାରୀଙ୍କ ପକ୍ଷରୁ ନିୟମିତ ସଚେନତା ସୃଷ୍ଟି ସାଙ୍ଗକୁ ରକ୍ତ ପରୀକ୍ଷା କରି ଔଷଧ ବଣ୍ଟନ କରିବାର ଆବଶ୍ୟକତା ରହିଛି। ଅଥଚ ମେଲେରିଆ କେନ୍ଦ୍ର କର୍ମଚାରୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି। ସତେଯେପରି ଏହି ରୋଗ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ସରକାରଙ୍କର ନୁହେଁ। ଏହି ବିଭାଗରେ ଖାଲି ପଡ଼ିଥିବା ପଦ ପୂରଣ ହେଉନାହିଁ। ଏମିତିରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ସବୁ ସ୍ତରରେ ପଦ ପଦବୀ ଖାଲି ପଡ଼ିଛି। ପାରାମେଡିକାଲ କର୍ମଚାରୀ ଅଭାବ ମଧ୍ୟ ପରିଲକ୍ଷିତ ହେଉଛି। କେବଳ ମେଡିକାଲ କଲେଜ ଖୋଲି ନିଅଣ୍ଟିଆ ପରିସ୍ଥିତିର ମୁକାବିଲା କରାଯାଇ ପାରିବ ଏକଥା ନୁହେଁ। ରାଜ୍ୟର ତିନିଟି ପ୍ରମୁଖ ମେଡିକାଲ କଲେଜ, ଯାହା ଉପରେ ରାଜ୍ୟବାସୀଙ୍କ ଭରସା ଓ ବିଶ୍ୱାସ ରହିଛି ସେଠାରେ ମଧ୍ୟ ଠିକଣା ଭାବେ ଚିକିତ୍ସା ସୁବିଧା ମିଳୁନି। ନୂଆ ମେଡିକାଲ କଲେଜକୁ ସକ୍ରିୟ କରିବା ସକାଶେ ପୁରୁଣାରୁ ନୂଆକୁ ଡାକ୍ତର ଓ ସ୍ୱାସ୍ଥ୍ୟ କମର୍ଚରୀ ସ୍ଥାନାନ୍ତର କରାଯାଥିବାରୁ ଦୁଇ ବ୍ୟବସ୍ଥା ଏକାବେଳେ ଭୁଶୁଡ଼ି ପଡ଼ିଛି।

ରାଜ୍ୟର ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ କ୍ରମେ ନିର୍ଭରଶୀଳତା ହ୍ରାସ ପାଇଥିବାର ପରିଲକ୍ଷିତ ହେଉଛି। ସରକାରୀ ସ୍ୱାସ୍ଥ୍ୟବୀମା ସୁବିଧା ପାଇଥିବା ଉପଭୋକ୍ତାଙ୍କୁ ଲୁଟିବା ସକାଶେ ଅପେକ୍ଷା କରି ବସିଛନ୍ତି କର୍ପୋରେଟ ହସପିଟାଲ। ବିଭିନ୍ନ ସ୍ତରରେ ବୀମା ଅର୍ଥ ଲୁଟପାଟ ଚାଲିଛି। ପାଞ୍ଚ ପଇସାର ରୋଗ ପାଇଁ ଦଶ ପଇସାର ଚିକିତ୍ସା। ଆବଶ୍ୟକତାଠାରୁ ଅଧିକ ଅର୍ଥ ଦାବି କରାଯାଇଥିବାରୁ ବୀମା ସରହଦ ମଧ୍ୟରେ ତାହାକୁ ଭରଣା କରଯାଇପାରୁନି। ତେଣୁ ଦିନକୁ ଦିନ ଜନ ଯନ୍ତ୍ରଣା ଓ ଜଞ୍ଜାଳ ବଢ଼ିବାର ଲାଗିଛି। ଯେଉଁ ନିମ୍ନ-ମଧ୍ୟବିତ୍ତ ବର୍ଗ ଲୋକ ସରକାରୀ ସୁବିଧାରୁ ବଞ୍ଚିତ, ସେମାନଙ୍କୁ ଆହା କହିବାକୁ କେହି ନାହିଁ। ଜିଲ୍ଲା ଜିଲ୍ଲାରେ ମେଡିକାଲ କଲେଜର ସୁଦୃଶ୍ୟ କୋଠା ଦେଖି ରାଜ୍ୟବାସୀଙ୍କ ପେଟ ପୂରିଯାଇଛି ସିନା ଚିକତ୍ସା ଓ ନିଦାନ ବ୍ୟବସ୍ଥା ଯେଉଁ ତିମିରେକୁ ସେଇ ତିମିରେ ରହିଯାଇଛି।

## ସମାଜ-ବିରୋଧୀ ବ୍ୟକ୍ତିତ୍ୱ

ପ୍ରଫେସର ଫକୀର ମୋହନ ସାହୁ

ଆମର ସମସାମୟିକ ଜୀବନରେ ଯେଉଁ ବିଷବଳୟ କ୍ରମପ୍ରସାରିତ ହେବାରେ ଲାଗିଛି, ସେହି ଜୀବନମଞ୍ଚର ମୁଖ୍ୟ ଖଳନାୟକ ହେଉଛି ସମାଜ-ବିରୋଧୀ ବ୍ୟକ୍ତିତ୍ୱ। ପ୍ରତିଦିନ ସକାଳବେଳାର ମୁହଁରେ ଚା'ର ତୃପ୍ତିକର ଆସ୍ୱାଦନର ଅନୁଭବ ପୂର୍ବରୁ ନାରୀ ନିର୍ଯାତନା ଏବଂ ମଣିଷ ଚରିତ୍ରର ନଗ୍ନ ଦୃଶ୍ୟାବଳୀ ମନପ୍ରାଣକୁ ବିଷାକ୍ତ କରିଦେଉଛି। ଓଡ଼ିଶା ପରି ପରମ୍ପରାପ୍ରିୟ ରାଜ୍ୟରେ ମଧ୍ୟ ନାରକୀୟ କାର୍ଯ୍ୟକଳାପର ମାତ୍ରା ବଢ଼ି ଚାଲିଛି।

ସବୁସମୟରେ ମନୋବିଜ୍ଞାନୀ ଏବଂ ମନୋଚିକିତ୍ସକମାନେ ମାନସିକ ବିପର୍ଯ୍ୟୟର ଏ ଦିଗଟି ପ୍ରତି ସଚେତନ ଥିଲେ। ଅତୀତରେ ଏ ଦିଗରେ ବିଶେଷ ଚର୍ଚ୍ଚା ହୋଇଛି ଏବଂ ପ୍ରତିକାର ବ୍ୟବସ୍ଥାର ପରାମର୍ଶ ମଧ୍ୟ ଦିଆଯାଇଛି। କିନ୍ତୁ ଏବେ ଅଧୋଗତିର ମାତ୍ରା ଏତେ ଅଧିକ ଯେ ପ୍ରତିକାର ବ୍ୟବସ୍ଥା ଆଶାନୁରୂପ ଭାବରେ ସଫଳ ହେଉନାହିଁ। ମାନସିକ ବିପର୍ଯ୍ୟୟର ଯେଉଁ ମାର୍ଗଦର୍ଶକ ପୁସ୍ତିକା ରହିଛି, ତାହାର ସୂଚନା ଅନୁଯାୟୀ ସମାଜବିରୋଧୀ ବ୍ୟକ୍ତିତ୍ୱର ମୁଖ୍ୟ ଲକ୍ଷଣ ହେଉଛି ଅନ୍ୟର ଅଧିକାର ପ୍ରତି ଅସମ୍ମାନ ଏବଂ ଅନ୍ୟର ଅଧିକାରକୁ ବିପର୍ଯ୍ୟସ୍ତ କରିବା। ଏହି ମାନସିକତା ନେଇ ସେମାନେ ଦାୟିତ୍ୱହୀନ, ଆକ୍ରମଣାତ୍ମକ ଓ ଛଳନାପୂର୍ଣ୍ଣ ବ୍ୟବହାର କରନ୍ତି ଏବଂ ଅନ୍ୟକୁ କ୍ଷତିଗ୍ରସ୍ତ କରନ୍ତି। ଅନେକ ସମୟରେ ଏଥିପାଇଁ ସେମାନଙ୍କୁ ପୁଲିସ୍ ଓ ନ୍ୟାୟିକ ବ୍ୟବସ୍ଥାର ସମ୍ମୁଖୀନ ହେବାକୁ ହୁଏ। କିନ୍ତୁ ଶଠତା, ନାଟକୀୟତା ଓ ଛଳନା ମାଧ୍ୟମରେ ନିଜକୁ ରକ୍ଷା କରିବାର ଉଦ୍ୟମ କରନ୍ତି।



ମନୋବିଜ୍ଞାନୀ ଓ ମନୋଚିକିତ୍ସକମାନେ ସମାଜବିରୋଧୀ ବ୍ୟକ୍ତିତ୍ୱ ଚିହ୍ନଟ କରିବା ସମୟରେ କେତେଗୁଡ଼ିଏ ତାଲିକାଭୁକ୍ତ ଖରାପ ବ୍ୟବହାର ମଧ୍ୟରୁ ଅନ୍ତତଃ ତିନୋଟିର ଉପସ୍ଥିତି ଠାବ କରି ବିପର୍ଯ୍ୟୟର ଚିହ୍ନଟ କରନ୍ତି। ସେହି ଲକ୍ଷଣସମୂହ ହେଉଛି ସମାଜର ମାନଦଣ୍ଡକୁ ମାନିନେବାରେ ବିଫଳତା, ମିଥ୍ୟାଚାର, ମାତ୍ରାଧିକ ଆବେଗପ୍ରବଣତା, ଆକ୍ରମଣାତ୍ମକ ବ୍ୟବହାର, ନିଜର ଓ ଅନ୍ୟର ସୁରକ୍ଷା ପ୍ରତି ଅବହେଳା, ଶିକ୍ଷାର୍ଥୀ ହୋଇଥିଲେ ଶିକ୍ଷାନୁଷ୍ଠାନରେ ଏବଂ କର୍ମଚାରୀ ହୋଇଥିଲେ କର୍ମସଂସ୍ଥାରେ ରୀତିମତ ଅବହେଳା, ଦୋଷକରି ଅନୁତାପ ନ କରିବା ଏବଂ କୌଣସି ପ୍ରକାର ସାମାଜିକ କଟକଣା କିମ୍ବା ଶାସ୍ତିବିଧାନକୁ ଭ୍ରୂକ୍ଷେପ ନ କରିବା।

ସମାଜବିରୋଧୀ ବ୍ୟକ୍ତିତ୍ୱ ସଂପର୍କରେ ଯେଉଁ ସମସ୍ତ ମନସ୍ତାତ୍ତ୍ୱିକ ଗବେଷଣା ହୋଇଛି, ତାହାର ଫଳସ୍ୱରୂପ ଏହି ବିପର୍ଯ୍ୟୟର ଦୁଇଟି ପୃଥକ୍ ଉପାଦାନକୁ ଚିହ୍ନଟ କରାଯାଇଛି। ପ୍ରଥମଟି ହେଉଛି ଆବେଗିକ ଓ ସାମାଜିକ ଦିଗ। ଏପରି ବିକୃତିସମ୍ପନ୍ନ ଲୋକମାନଙ୍କର କୌଣସି ଅପରାଧବୋଧ ନ ଥାଏ। ସମାନାନୁଭୂତି ଓ ସମ୍ବେଦନଶୀଳତା ପ୍ରାୟ ନ ଥାଏ। ବହୁ ସମାଜବିରୋଧୀ ବ୍ୟକ୍ତିଙ୍କର ବାଲ୍ୟକାଳୀନ ଇତିହାସରୁ ଦେଖାଯାଏ ଯେ କୌଣସି ଦୁଃଖଦ ଘଟଣା ସମୟରେ କାନ୍ଦିବା କିମ୍ବା ଦୁଃଖପ୍ରକାଶ କରିବାର ଉଦାହରଣ ବିରଳ। ନିଜର ଉପରଠାଉରିଆ ଆକର୍ଷଣଶୀଳତାର ସୁଯୋଗ ବ୍ୟବହାର କରି ଏମାନେ ଅନ୍ୟମାନଙ୍କୁ ପ୍ରତାରିତ କରନ୍ତି। ଦ୍ୱିତୀୟ ଉପାଦନଟି ବ୍ୟବହାରିକ ଦିଗ। ସମାଜବିରୋଧୀ କାର୍ଯ୍ୟ (ଯଥା- ଚୋରିକରିବା, ଜାତୀୟ ସମ୍ପତ୍ତି ନଷ୍ଟ କରିବା) କରିଥା'ନ୍ତି। ଦାୟିତ୍ୱହୀନ ଭାବରେ ଆତ୍ମନିୟନ୍ତ୍ରଣ ହରାଇବସନ୍ତି। ଅତିମାତ୍ରାରେ ପରନିର୍ଭରଶୀଳତା ଓ ଉତ୍ତେଜନାପ୍ରବଣ କାର୍ଯ୍ୟକଳାପ ପରିଦୃଷ୍ଟ ହୁଏ।

ସମାଜବିରୋଧୀ ବ୍ୟକ୍ତିତ୍ୱର କାରଣ ଅନୁସନ୍ଧାନ କରିବା ସମୟରେ ଗବେଷକମାନେ ଅଳ୍ପକିଛି ପରିମାଣର ବଂଶାନୁଗତର ପ୍ରମାଣ ପାଇଥିଲେ ମଧ୍ୟ ଯେଉଁ ମୂଳ ଉପାଦାନଟି ସର୍ବାଧିକ ଦୃଷ୍ଟି ଆକର୍ଷଣ କରିଛି, ତାହା ହେଉଛି ଭୟ ସମ୍ପର୍କିତ ସିଦ୍ଧାନ୍ତ। ଆମେ ସମସ୍ତେ ଜାଣୁ ଯେ, ଭୟ ଏକ ନକାରାତ୍ମକ ଆବେଗ। ସବୁ ସମୟରେ ଆମକୁ ନିର୍ଭୀକ ରହିବା ପାଇଁ ଉପଦେଶ ଦିଆଯାଏ। ଏହା ସତ ହେଲେ ମଧ୍ୟ କିଛି ପରିମାଣରେ ଭୟ ପ୍ରାଣୀଜୀବନରେ ସକାରାତ୍ମକ ଭୂମିକା ନିଏ। ମନୁଷ୍ୟ ଭୟପାଇ ହିଂସ୍ର ଜୀବଜନ୍ତୁଙ୍କ କବଳରୁ ରକ୍ଷା ପାଇବା ପାଇଁ ଉଦ୍‌ବର୍ତ୍ତନ ତା' ମଧ୍ୟରେ କିଛି ଭୟ ଦେଇଛି। ଫଳରେ ମନୁଷ୍ୟ ସୁରକ୍ଷା ଦିଗରେ ପଦକ୍ଷେପ ନେଇପାରୁଛି। ଠିକ୍ ସେହିପରି ଆମେ ଭୟ ପ୍ରଦର୍ଶନର ସହାୟତା ନେଇ ଲୋକମନରେ ବାଞ୍ଛନୀୟ ବ୍ୟବହାର ଗଠନ କରୁ। ତୁମେ ଅଧିକ ଧୂମପାନ କଲେ ହୃଦ୍‌ଘାତର ଶିକାର ହେବ - ଏପରି ଭୟ ଦେଖାଇ ବ୍ୟକ୍ତିକୁ ସୁସ୍ଥ ରଖିବାର ପ୍ରୟାସ କରୁ। ଜୀବନର ଆରମ୍ଭରୁ ପରିବାର ଓ ସମାଜରେ ଯେଉଁ ସାମାଜୀକରଣ ପ୍ରକ୍ରିୟା ଆରମ୍ଭ ହୁଏ, ତାହା ମଧ୍ୟ ଭୟ ଓ ଶାସ୍ତିବିଧାନର ନୀତିଉପରେ ପ୍ରତିଷ୍ଠିତ। ନିୟମକୁ ମାନିବା ପାଇଁ ପୁରସ୍କାର ସହିତ ନିୟମର ଅବମାନନାରେ ଶାସ୍ତିର ବ୍ୟବସ୍ଥା ଥାଏ।

ଗବେଷଣାରୁ ଦେଖାଯାଉଛି ଯେ ସମାଜବିରୋଧୀ ଶିଶୁ, କିଶୋର/କିଶୋରୀ ଏବଂ ଯୁବକଯୁବତୀ ମଧ୍ୟରେ ଏପରି ସକାରାତ୍ମକ ଭୟର ମାତ୍ରା କମ୍। ଏହାଫଳରେ ସେମାନଙ୍କର ବିବେକ (ଭଲମନ୍ଦର ଜ୍ଞାନ) ମନ୍ଥର ହୁଏ। ଅନୈତିକ କାର୍ଯ୍ୟ ନ କରିବା ପାଇଁ ଯେଉଁ ଅନ୍ତର୍ବୋଧ ଓ ସଂଯମ ଆବଶ୍ୟକ, ତାହାର ଅଭାବ ହୁଏ।

ସମାଜବିରୋଧୀ ବ୍ୟକ୍ତିତ୍ୱର ପ୍ରତିରୋଧ ପାଇଁ ମନୋଚିକିତ୍ସକମାନେ କେତେକ ଔଷଧପତ୍ରର ଉପଯୋଗ କରୁଥିଲେ ମଧ୍ୟ ସଫଳତା ସେପରି ପ୍ରଶଂସନୀୟ ନୁହେଁ। ଔଷଧ ମାଧ୍ୟମରେ ମୁଖ୍ୟତଃ ଅତିଚଞ୍ଚଳତା, ଆବେଗପ୍ରବଣତା ଏବଂ ଆକ୍ରମଣାତ୍ମକ ମନୋଭାବର ହ୍ରାସ କରିବାର ପ୍ରୟାସ କରାଯାଏ। ମନୋବିଜ୍ଞାନୀମାନେ ସେମାନଙ୍କ ତାଲିମ କାର୍ଯ୍ୟକ୍ରମରେ ଆତ୍ମସଂଯମ, ସମାନୁଭୂତି ବା ଏମ୍ପାଥି, ଅନ୍ୟର ଦୃଷ୍ଟିଭଙ୍ଗୀକୁ ବିଚାର କରିବାର ଉଦାରତା ଶିକ୍ଷା ଦିଅନ୍ତୁ। ସମାଜବିରୋଧୀ ମାନସିକତା କିପରି ନିଜର ଓ ଅନ୍ୟର କ୍ଷତିସାଧନ କରିବ, ତାହାର ବିଶଦ ବ୍ୟାଖ୍ୟା ଦିଅନ୍ତୁ। ସମାଜବିରୋଧୀ ବ୍ୟକ୍ତିତ୍ୱର ପ୍ରତିରୋଧ କ୍ଷେତ୍ରରେ ସମ୍ମିଳିତ ଭାବରେ ଏକାଧିକ ପନ୍ଥା ଏବଂ ଏକାଧିକ ବିଶେଷଜ୍ଞଙ୍କ ସହାୟତା ଉପଯୋଗୀ ମନେ ହୁଏ।

ଭୁବନେଶ୍ୱର, ମୋ: ୯୪୩୭୧୨୧୨୭୯

## ସମୃଦ୍ଧ ଓଡ଼ିଶାର ପ୍ରତୀକ: କୋଟପାଡ଼ ହସ୍ତତନ୍ତ

ରାଜେଶ ରାୟ

ଓଡ଼ିଶାର ଦକ୍ଷିଣ ରାଇଜରେ ଶୋଭା ପାଉଥିବା କୋରାପୁଟ ଜିଲ୍ଲା ପ୍ରାକୃତିକ ପରିବେଶକୁ ନେଇ ଯେତିକି ପ୍ରସିଦ୍ଧ, ସେତିକି ନିଜର ଐତିହ୍ୟ ଓ ପରମ୍ପରାକୁ ନେଇ ସମୃଦ୍ଧ। ଜିଲ୍ଲାର ବିଭିନ୍ନ କୋଣରେ ବସବାସ କରୁଥିବା ଆଦିମ ଆଦିବାସୀମାନଙ୍କ ପାଖରେ ଦେଖିବାକୁ ମିଳେ ନିଆରା ପରମ୍ପରା, ଯାହା ବିଶ୍ୱବିଦିତ। ଆଦିବାସୀମାନେ ପ୍ରସ୍ତୁତ କରୁଥିବା ବିଭିନ୍ନ ଉତ୍ପାଦରେ ଉଙ୍କିମାରେ ସେମାନଙ୍କ ସରଳ ଜୀବନଶୈଳୀ ଏବଂ ଅଭିନବ ସଂସ୍କୃତିର ପ୍ରତିଛବି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି କୋଟପାଡ଼ର ହସ୍ତତନ୍ତ।

କୋରାପୁଟ ଜିଲ୍ଲାର ଏକ ବ୍ଲକ ତଥା ବିଧାନସଭା କ୍ଷେତ୍ରର ନାମ ହେଉଛି କୋଟପାଡ଼। ଆଦିବାସୀ ହସ୍ତତନ୍ତର ଏକ ପ୍ରମୁଖ କେନ୍ଦ୍ରସ୍ଥଳୀ ଭାବେ କୋଟପାଡ଼ କେବଳ ଓଡ଼ିଶାରେ ନୁହେଁ, ବରଂ ଦେଶବିଦେଶରେ ବେଶ୍ ପରିଚିତ। କୋଟପାଡ଼ରେ ବସବାସ କରୁଥିବା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ହସ୍ତତନ୍ତ ବୁଣାକାର ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ସେମାନେ ପ୍ରାକୃତିକ ଉପାୟରେ ଲାଲ୍, ମାଟିଆ, କଳା ଓ ଧଳା ରଙ୍ଗର କୋମଳ ସୂତାରୁ ଶାଢ଼ି ଓ ଓଢ଼ଣି ଆଦି ବୁଣିଥା'ନ୍ତି, ଯାହା ଓଡ଼ିଶା ଓ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ପ୍ରାକୃତିକ ଉପାୟରେ ଧଳା ସୂତାକୁ ରଙ୍ଗଦେଇ କଳା, ମାଟିଆ ଓ ଲାଲ୍ ଏହିପରି ତିନି ରଙ୍ଗର ସୂତା ପ୍ରସ୍ତୁତ କରିଥା'ନ୍ତି।



ଏଥିପାଇଁ ସେମାନେ ପ୍ରାକୃତିକ ଜୈବିକ ପଦାର୍ଥ ଯଥା ଗୋବର, ଜଡ଼ାତେଲ, ପାଉଁଶ ଆଦି ବ୍ୟବହାର କରନ୍ତି। ସୂତାକୁ ରଙ୍ଗଦେବା ପ୍ରକ୍ରିୟାରେ କେବଳ ମିର୍ଗାନ୍ ସମ୍ପ୍ରଦାୟର ମହିଳାମାନେ ଭାଗ ନିଅନ୍ତି, ଯାହା ନାରୀ ସଶକ୍ତୀକରଣର ଛବିକୁ ଉପସ୍ଥାପନ କରେ ଏବଂ ପୁରୁଷମାନେ ବୁଣାକାର ଭାବେ କାର୍ଯ୍ୟ କରନ୍ତି। ଏଠାରେ ସୂତାକୁ ରଙ୍ଗ ଦେବା ପ୍ରକ୍ରିୟାଟି ଖୁବ୍ ଆକର୍ଷଣୀୟ। ପ୍ରଥମେ ଧଳା ସୂତାକୁ ଆଣି ୧୨ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଏ। ପରେ ଆବଶ୍ୟକ ମୁତାବକ ଗୋବର ଓ ଜଡ଼ାତେଲର ମିଶ୍ରଣକୁ ଲେପ ଦିଆଯାଇ କାଠ ସାହାଯ୍ୟରେ ଶୁଖାଯାଏ (ଏଥିରେ ଗୋବର ବ୍ଲିଚିଂ ଏଜେଣ୍ଟ ପରି କାମକରେ)। ସୂତାଗୁଡ଼ିକ ମେହେନ୍ଦି ରଙ୍ଗ ପଡ଼ି ଆସିଲେ ତା'କୁ ନେଇ ପାଉଁଶ ପାଣିରେ ବୁଡ଼ାଇ ୧୫ ରୁ ୨୦ ଦିନ ଯାଏଁ ରଖାଯାଏ। ସୂତାକୁ ନାଲିରଙ୍ଗ ଦେବା ପାଇଁ ଆଲ୍ ନାମକ ଏକ ଗଛର ଛାଲିକୁ ପାଣିରେ ପକାଇ ସେଥିରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ମେହେନ୍ଦି ରଙ୍ଗର ସୂତା ନେଇ ସିଝାଯାଏ। ମେରୁନ୍ ବା ମାଟିଆ ରଙ୍ଗ ପାଇଁ ମଧ୍ୟ ଆଲ୍ ଗଛର ଛାଲିକୁ ଅଳ୍ପ କିମ୍ବା ବହୁତ ପରିମାଣର ବ୍ୟବହାର କରାଯାଏ ଏବଂ ସୂତାକୁ କଳା ରଙ୍ଗ ଦେବା ପାଇଁ ହରିଡ଼ା, ହୀରାକଷି(ଏକ ଗଛର ମଞ୍ଜି) ଆଦିକୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀମାନେ ବ୍ୟବହାର କରନ୍ତି। ସୂତାଗୁଡ଼ିକୁ ପ୍ରାକୃତିକ ଉପାୟରେ ରଙ୍ଗ କରାଯାଉଥିବାରୁ ତାହା ଶରୀର ଉପରେ କୌଣସି ନକାରାତ୍ମକ ପ୍ରଭାବ ପକାଏ ନାହିଁ।

କୋଟପାଡ଼ର ହସ୍ତତନ୍ତରେ ମିର୍ଗାନ ସମ୍ପ୍ରଦାୟର ଆଦିବାସୀମାନେ ମାଛ, ବେଙ୍ଗ, ହରିଣ, ଗଛ ଓ ମୟୂର ଆଦି ପ୍ରତିଛବିଗୁଡ଼ିକୁ ବୁଣିଥା'ନ୍ତି, ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ। ଏହି ହସ୍ତତନ୍ତରେ ଆଲ୍ ଗଛର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ, ଯାହାର ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ତେଣୁ ରାଜ୍ୟ ସରକାରଙ୍କ ଉଦ୍ୟମରେ ଏବେ କୋଟପାଡ଼ର ଆଖପାଖ ଅଞ୍ଚଳରେ ଆଲ ଜଙ୍ଗଲ ସୃଷ୍ଟି କରାଯାଇଛି। କୋଟପାଡ଼ ହସ୍ତତନ୍ତର ବିଶେଷତ୍ୱ ହେଉଛି ତାହା ସଂପୂର୍ଣ୍ଣ ପ୍ରାକୃତିକ ଓ ଦୀର୍ଘସ୍ଥାୟୀ। ଏହି ହସ୍ତତନ୍ତରେ ମିର୍ଗାନ୍ ଆଦିବାସୀଙ୍କ ସରଳ ଓ ପ୍ରାକୃତିକ ଜୀବନଶୈଳୀ ଜୀବନ୍ତ ହୋଇଉଠେ। ଗୋଟିଏ ଶାଢ଼ି ସର୍ବନିମ୍ନ ୭ ହଜାର ଟଙ୍କାରୁ ଆରମ୍ଭକରି ୧୮ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ସେଇଥିପାଇଁ ଆଜି କୋଟପାଡ଼ର ହସ୍ତତନ୍ତ ବୟନଶିଳ୍ପ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପାରଦର୍ଶିତାକୁ ବହନ କରୁଛି।

ରାଜ୍ୟ ସରକାରଙ୍କ ହସ୍ତତନ୍ତ ବିଭାଗ ବୟନିକା ମାଧ୍ୟମରେ କୋଟପାଡ଼ ଆଦିବାସୀଙ୍କ ହସ୍ତତନ୍ତକୁ ଏବେ କିଣାଯାଉଛି। ସେଥିପାଇଁ ଏକ ବୁଣାକାର ସମିତି ଗଠନ କରାଯାଇଛି। ଏହାଦ୍ୱାରା ଆଦିବାସୀମାନେ ସେମାନଙ୍କ ଉତ୍ପାଦର ସଠିକ୍ ମୂଲ୍ୟ ପାଇ ପାରୁଛନ୍ତି। ଅନ୍ୟ ରାଜ୍ୟ ଓ ଦେଶରୁ ଆଗନ୍ତୁକମାନେ ଆସି କୋଟପାଡ଼ର ଆଦିବାସୀ ହସ୍ତତନ୍ତକୁ କିଣୁଛନ୍ତି। ଏବେ ମିର୍ଗାନ୍ ସମ୍ପ୍ରଦାୟର ଯୁବପିଢ଼ି ମଧ୍ୟ ଏହି କୌଳିକ ବୃତ୍ତିକୁ ଆଦରି ନେଲେଣି। ଯଦି ଏହି ହସ୍ତତନ୍ତର ସଠିକ୍ ସୁରକ୍ଷା, ପ୍ରଚାର ପ୍ରସାର ହୁଅନ୍ତା ଏବଂ ସରକାରଙ୍କ ତରଫରୁ ମିର୍ଗାନ୍ ସମ୍ପ୍ରଦାୟର ଆଦିବାସୀଙ୍କ ପାଇଁ ଯଦି କିଛି ସୁବିଧା ସୁଯୋଗ କରାଯା'ନ୍ତା ତେବେ ବୟନଶିଳ୍ପ କ୍ଷେତ୍ରରେ କୋଟପାଡ଼ ହସ୍ତତନ୍ତ ଓଡ଼ିଶାର ନାମକୁ ବିଶ୍ୱ ଦରବାରରେ ସମୃଦ୍ଧ କରିପାରନ୍ତା। ରାଜ୍ୟ ସରକାର ୨୦୩୬ ମସିହା ବେଳକୁ ପରିକଳ୍ପନା କରିଥିବା ସମୃଦ୍ଧ ଓଡ଼ିଶାର ଚିତ୍ର ଆଉଟିକେ ସ୍ପଷ୍ଟ ଦିଶନ୍ତା।

(ଅଧ୍ୟାପକ, ବିଦ୍ୱାନ୍ ମହାବିଦ୍ୟାଳୟ)
ଜୟପୁର, ମୋ: ୬୩୭୧୫୫୫୯୪୦

## ଗୋଦାବରୀର ପବିତ୍ର ପ୍ରବାହ: ଗୋଦାବରୀଶ ମିଶ୍ର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସୁପ୍ରସିଦ୍ଧ, ସୁପ୍ରଶସ୍ତ, ସୁବିଶାଳ ଗୋଦାବରୀ ନଦୀର ପବିତ୍ରତା, ଉଦାରତା, ଚିର ପ୍ରବହମାନତା ଯେ ମାନବୀୟ ବିଗ୍ରହରେ ହୋଇପାରେ ଆବିର୍ଭୂତ, ଏହି ଅନ୍ତଃସତ୍ୟ ପ୍ରଦର୍ଶିତ ହୋଇଯାଇଛି ଗୋଦାବରୀଶ ମିଶ୍ରଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ସର୍ଜନାରେ। ସତ୍ୟବାଦୀ ବନବିଦ୍ୟାଳୟର ତ୍ୟାଗପୂତ ଆଦର୍ଶ ଶିକ୍ଷକ ଭାବରେ ସେ ସୃଷ୍ଟି କରିଥିଲେ ଯେଉଁ ଜାତୀୟତାର ଭାବସ୍ରୋତ, ତାହା କ୍ରମଶଃ ଅଧିକ ପ୍ରଭାବଶାଳୀ, ଚେତନାଦୀପ୍ତ ଓ ପ୍ରେରଣାପୂର୍ଣ୍ଣ ହୋଇ ସମଗ୍ର ଓଡ଼ିଶାର ଜନମାନସକୁ ପରିପ୍ଲାବିତ କରିଦେଇଛି ଅସାମାନ୍ୟ ଶକ୍ତି ବହନ କରି। ଜଣେ ସ୍ୱଦେଶାନୁରକ୍ତ ସାହିତ୍ୟ ସ୍ରଷ୍ଟା ଭାବେ କବିତା, ଗଳ୍ପ, ନାଟକ-ଯାହା ବି ସେ ଲେଖନ୍ତୁ ନା କାହିଁକି ସର୍ବତ୍ର ଜାତୀୟ-ଗୌରବ ସ୍ପନ୍ଦିତ ହୋଇ ଉଠିଲା ଗଭୀର ଉଚ୍ଛ୍ୱାସ ବହନ କରି। 'କିଶଳୟ', 'କୁସୁମ', 'ଗୀତାୟନ', 'କବିତାୟନ', 'ଗୀତିଗୁଚ୍ଛ', 'ଚୟନିକା' ଆଦି କବିତା ଗ୍ରନ୍ଥରେ ତାଙ୍କ ପ୍ରାଣାବେଗ କି ମର୍ମସ୍ପର୍ଶୀ! ମନ୍ମୟଧର୍ମୀ ସ୍ନିଗ୍ଧତା କି ସୁଷମାମଣ୍ଡିତ! ସେହିପରି ସେ ଲେଖନ୍ତି 'ଆଲେଖିକା'। ସେଥିରେ ଅତୀତ ଓଡ଼ିଶାର କାରୁଣ୍ୟ ବିଜଡ଼ିତ ଜୀବନ ସହ ଗୌରବମୟ ଅମଳିନ ବୀରତ୍ୱ ଓ ସାହସିକତା କିପରି ମର୍ମରିତ ହୋଇ ନ ଉଠିଛି! 'କାଳିଜାଈ' ଓ 'ଦୁଃଖୀଧନ' କବିତାର କରୁଣ ମୂର୍ଚ୍ଛନା ସାମାନ୍ୟ ସମ୍ବେଦନାସିକ୍ତ ପାଠକ ଅନ୍ତରରେ ଆଜି ବି ବାରମ୍ବାର ସୃଷ୍ଟି କରି ଆସୁଛି ଅସଂଖ୍ୟ ଅଶ୍ରୁକଣା।

'ଧୀରେ କରି ନାଆ ବୁହାରେ ନାଉରି, ଝିଅକୁ ମାଡୁଚି ଡର, ଗଡ଼େ ଗଡ଼ୁ ଲୋକ ଚାହିଁ ବସିଥିବେ ଝିଅ ଯିବ ଶାଶୂ ଘର' କିମ୍ବା 'ବାପା ପଚାରନ୍ତି ଖୋଜି ନାଉରିରେ ଝିଅ ମୋର ଗଲା କାହିଁ?, ବୁଜି ଆଖି ଠିଆ ନାଉରି ନିଜେ ଲୋ ତୁଣ୍ଡ ତା ଫିଟଇ ନାହିଁ'। ଯେତେଦିନ ପର୍ଯ୍ୟନ୍ତ ଚିଲିକାର ନୀଳ ଜଳରାଶି ଲହରାୟିତ ସେ ପର୍ଯ୍ୟନ୍ତ ଏହି ପଦଗୁଡ଼ିକର ଗୁଞ୍ଜରଣ ଛାତି ଥରାଇ ଦେଉଥିବ ନିଶ୍ଚୟ।

ସେ ପାଶ୍ଚାତ୍ୟ ଶିକ୍ଷାରେ ଶିକ୍ଷିତ। ଅଥଚ ଗାଥା ବା ବାଲାଡ଼ ରଚନାର ପାଶ୍ଚାତ୍ୟ ପ୍ରଣାଳୀକୁ ସେ ସମ୍ପୂର୍ଣ୍ଣ ଭାବରେ ଗ୍ରହଣ ନ କରିବାର କାରଣ ହେଉଛି ତାଙ୍କର ଏହି ଅନ୍ତଃଆହ୍ୱାନ। 'ମୁକୁନ୍ଦଦେବ', 'ପୁରୁଷୋତ୍ତମଦେବ' ନାଟକ ରଚନା ପଶ୍ଚାତରେ ମଧ୍ୟ ଏହି ଆତ୍ମିକ ସମ୍ବନ୍ଧର ପ୍ରଗାଢ଼ତା ହିଁ କ୍ରିୟାଶୀଳ। 'ପୁରୁଷୋତ୍ତମଦେବ' ନାଟକରେ ଯେଉଁ ଉଦ୍‌ବୋଧନ ସଂଗୀତ ସେ ସଂଯୁକ୍ତ କରିଛନ୍ତି ତାହା ଆଜି ଉତ୍କଳ ବିଶ୍ୱବିଦ୍ୟାଳୟ ସଂଗୀତ ଭାବରେ ପ୍ରତିଟି କାର୍ଯ୍ୟକ୍ରମ ଶୁଭାରମ୍ଭ ବେଳେ ସମ୍ମିଳିତ କଣ୍ଠରେ ଗାନ କରାଯାଏ - 'ତୁଙ୍ଗ ଶିଖରୀ-ଚୂଳ କୁଞ୍ଜ କାନନ-ମାଳ ପୁଣ୍ୟ ଜଳଧି-ଜଳ ଖେଳିଉଠୁ ସଘନେ / ପ୍ରାଚୀ ଗଗନ-ଶିରେ ଭାସି କନକ-ନୀରେ ଆସ ତପନ ଉଇଁ ଏ ଉତ୍କଳ ଭୁବନେ।' ଏ ସଂଗୀତର ଶବ୍ଦ-ସଂଯୋଜନା, ସାଙ୍ଗୀତିକ ମୂର୍ଚ୍ଛନା, ଉଦବୋଧନକ୍ଷମ ଭାବ ଓ ଭାଷାର ବୈଭବ ଯେକୌଣସି ତରୁଣପ୍ରାଣରେ ସୃଷ୍ଟି କରେ ସାମୁଦ୍ରିକ ଉତ୍ତାଳ ତରଙ୍ଗ।

କବିତା, ନାଟକ ରଚନାରେ ଗୋଦାବରୀଶ ଯେପରି ସୁନୀଳ ଆକାଶତଳେ ସୃଷ୍ଟି କରିପାରିଛନ୍ତି ଗୋଦାବରୀର ଆବେଗମୟ ଲହରୀ, ଠିକ ସେହିପରି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ରଚନାରେ ପ୍ରସ୍ଫୁଟିତ କରିଦେଇଛନ୍ତି ଦୁର୍ଲଭ ମାନବିକତାର ମହାମନ୍ତ୍ର। 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର', 'ନିର୍ବାସିତ' ଆଦି ଉପନ୍ୟାସରେ ବାହ୍ୟ ଶିଳ୍ପକଳାଠାରୁ ଅଧିକ ମହିମାନ୍ୱିତ ମାନବତାର ଅନ୍ତଃସ୍ୱର। ମାନବ-ସଂପ୍ରୀତି, ପ୍ରକୃତି ସହ ନିବିଡ଼ ଆତ୍ମୀୟତା ଓ ବିଭୁଚେତନା ତାଙ୍କ ସାହିତ୍ୟକୁ କରିଛି ଏପରି ରସୋଚ୍ଛଳ ଯେ, ବାସ୍ତବିକ ଗୋଦାବରୀର ସମ୍ପ୍ରସାରିତ ବକ୍ଷସ୍ଥଳ ସଦୃଶ ସେ ପରିଣତ ହୋଇଯାଇଛନ୍ତି ନିର୍ମଳ ଭାବସ୍ରୋତରେ। ଆତ୍ମଜୀବନୀ 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ତାଙ୍କ ସଂଘର୍ଷମୟ ଅଥଚ ସଚ୍ଚୋଟ ଜୀବନଧାରା ସ୍ୱାଭାବିକ ଛନ୍ଦରେ ଗତିଶୀଳ। ଜୀବନୀମୂଳକ ପ୍ରବନ୍ଧ ରଚନା କରି ସେ ପ୍ରଦର୍ଶିତ କରିଛନ୍ତି ଆଲୋକର ପଥ। ତାଙ୍କ ରଚିତ 'ନେପୋଲିଅନ' ଓ 'ଦାସତ୍ୱ-ମୋଚନ' ଦୁଇଟି ଉଚ୍ଚକୋଟୀର ଜୀବନୀ ଗ୍ରନ୍ଥ। 'ଅସମ୍ଭବ' ଶବ୍ଦଟି ନେପୋଲିଅନଙ୍କ ଅଭିଧାନରେ ନଥିବା ପ୍ରସଙ୍ଗ ଚିରସ୍ମରଣୀୟ।

ବୁକର ଟାଲିଆ ଫେରୋ ୱାସିଂଟନଙ୍କ ଦାରିଦ୍ର୍ୟ ନିପୀଡ଼ିତ ଜୀବନ ଗୋଦାବରୀଶଙ୍କୁ ପ୍ରେରଣାପ୍ଲୁତ କରିଥିବା ଉପଲବ୍ଧି କରାଯାଇପାରେ ଏଥିରୁ। ମହାତ୍ମା ଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁଙ୍କ ସମ୍ପର୍କରେ ତାଙ୍କ ଆଲୋକପାତ ବହୁଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ। 'ସମ୍ବୋଧ ଗୀତିକା'ରେ ତାଙ୍କ ନଦୀ ପ୍ରତି ସ୍ୱତନ୍ତ୍ର ଆକର୍ଷଣ ହୃଦୟସ୍ପର୍ଶୀ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସାଧନାମଗ୍ନ ସାହିତ୍ୟଶିଳ୍ପୀର ଉତ୍ସର୍ଗୀକୃତ ପ୍ରାଣ ଥିଲା ଅନୁରୂପ ଭାବରେ ଅନନ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁରୀ-ଲାଲ୍‌ଗଡ଼ ଏକ୍ସପ୍ରେସ ସମ୍ପ୍ରସାରଣର ଶୁଭାରମ୍ଭ

## ମହୋଦଧି ସହ ଯୋଡ଼ିହେବ ମରୁଭୂମି

ପୁରୀ,୧୩।୮ (ସମିସ): ମହୋଦଧି ସହ ଯୋଡ଼ିହେବ ମରୁଭୂମି। ବଙ୍ଗୋପସାଗର ଅଞ୍ଚଳ ସହ ରାଜସ୍ଥାନର ଥର୍ ମରୁଭୂମି ଯୋଡ଼ିହେବ। ଏଭଳି ଏକ ଐତିହାସିକ ପଦକ୍ଷେପ ନେଇଛି ଭାରତୀୟ ରେଳବାଇ। ଓଡ଼ିଶା ଓ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ପୁରୀ-ଲାଲଗଡ଼-ପୁରୀ ଏକ୍ସପ୍ରେସ ରାଜସ୍ଥାନର ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ ହୋଇଛି। ବୁଧବାର ଏହି ସମ୍ପ୍ରସାରିତ ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ପୁରୀ ସାଂସଦ ସମ୍ବିତ ପାତ୍ର ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ। ଏହି ଅବସରରେ ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ଉପସ୍ଥିତ ଥିଲେ। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ଯୋଗଦେଇ ଜାତୀୟ ସଂହତି ଏବଂ ଗତିଶୀଳତାକୁ ପ୍ରୋତ୍ସାହିତ କରିବାରେ ଏହି ସମ୍ପ୍ରସାରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ବଙ୍ଗୋପସାଗର କୂଳରେ ଥିବା ପୁରୀକୁ ରାଜସ୍ଥାନର ଥର୍ ମରୁଭୂମି ନିକଟରେ ଥିବା ଶ୍ରୀଗଙ୍ଗାନଗର ସହିତ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ପଞ୍ଜାବ, ହରିଆଣା ଏବଂ ରାଜସ୍ଥାନରେ



ବିସ୍ତୃତ ଏକକ ରେଳ କରିଡର ମାଧ୍ୟମରେ ସଂଯୋଗ କରୁଛି। ସାପ୍ତାହିକ ଏହି ଟ୍ରେନ୍‌ଟି ପ୍ରତି ବୁଧବାର ସକାଳ ୬ଟା ୩୫ରେ ପୁରୀ ଷ୍ଟେସନ୍ ଛାଡ଼ି ତା' ପରଦିନ ରାତି ୮ଟା ୩୫ରେ ରାଜସ୍ଥାନର ଶ୍ରୀଗଙ୍ଗାନଗର ଷ୍ଟେସନ୍‌ରେ ପହଞ୍ଚିବ। ପୁରୀ ଏବଂ ଶ୍ରୀଗଙ୍ଗାନଗର ଷ୍ଟେସନ ମଧ୍ୟରେ ଏହି ଟ୍ରେନ୍ ମାତ୍ର ୯ଟି ଷ୍ଟପେଜ୍‌ରେ ରହିବ। ଦେଶ ଗଠନ ସହ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ପ୍ରମୁଖ ଭୂମିକା ନିର୍ବାହ କରିବ। ଟ୍ରେନ୍ ଶୁଭାରମ୍ଭ ଅବସରରେ ପୁରୀ ସାଂସଦ ସମ୍ବିତ ପାତ୍ର କହିଛନ୍ତି, ୧୬୨ କୋଟି ଟଙ୍କା ବ୍ୟୟରେ ପୁରୀ ବିଶ୍ୱସ୍ତରୀୟ ରେଳ ଷ୍ଟେସନର ନବୀକରଣ କରାଯିବ। ରାଜ୍ୟସଭା ସାଂସଦ ତଥା ରେଲ୍‌ୱେ ଷ୍ଟାଣ୍ଡିଂ କମିଟି ସଦସ୍ୟ ଶୁଭାଶିଷ ଖୁଣ୍ଟିଆ କହିଛନ୍ତି, ଶ୍ରୀମନ୍ଦିର ନିକଟରେ ରେଳବାଇ ତରଫରୁ ଏକ ଟିକଟ୍ କାଉଣ୍ଟର କରିବାକୁ ରେଳ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ପୂର୍ବାଞ୍ଚଳ ଏବଂ ଉତ୍ତର ପଶ୍ଚିମାଞ୍ଚଳ ମଧ୍ୟରେ ରେଳ ସଂଯୋଗୀକରଣ କ୍ଷେତ୍ରରେ ଏହି ଟ୍ରେନ୍ ଏକ ମାଇଲଖୁଣ୍ଟ ପାଲଟିବା ସହ ଯାତ୍ରୀଙ୍କୁ ସୁଖଦ ଅନୁଭୂତି ଦେଇପାରିବ। ଏହି ଅବସରରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମେସ୍‌ରେ ଝୁଲିପଡ଼ିଲେ ଛାତ୍ରୀ

କେନ୍ଦୁଝର,୧୩।୮ (ସମିସ): କେନ୍ଦୁଝର ଧରଣୀଧର ବିଦ୍ୟାଳୟ ନିକଟସ୍ଥ ଏକ ଘରୋଇ ମେସ୍‌ରେ ଜଣେ ଛାତ୍ରୀ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଛାତ୍ରୀ ଜଣଙ୍କ ଧରଣୀଧର ବିଶ୍ୱ ବିଦ୍ୟାଳୟର ଆନ୍ଥ୍ରୋପୋଲୋଜି ବିଭାଗର ପ୍ରଥମ ବର୍ଷର ପିଜି ଛାତ୍ରୀ ବୋଲି ଜଣାପଡ଼ିଛି। ପୁଲିସ୍ ପହଞ୍ଚି ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ କରିଥିବା ବେଳେ, ତେବେ ସେ କେଉଁ ପରିସ୍ଥିତିରେ ବେକରେ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଛନ୍ତି, ତାହା ଅଧିକ ତଦନ୍ତରୁ ଜଣାପଡ଼ିବ ବୋଲି ପୁଲିସ୍ କହିଛି। ଆତ୍ମହତ୍ୟା କରିଥିବା ଛାତ୍ରୀଙ୍କ ଘର ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଞ୍ଚଳର। ସେ ମାସେ ହେବ ଏହି ଘରୋଇ ମେସରେ ରହୁଥିବା ମେସର ମାଲିକ ସୂଚନା ଦେଇଛନ୍ତି। ବୁଧବାର ୧୧ଟା ବେଳେ କ୍ଲାସ ଥିବାବେଳେ ସେ ଯାଇ ନଥିଲେ ଏବଂ ପରେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ କେନ୍ଦୁଝର ଏସ୍‌ପି, ଆଡିସନାଲ ଏସ୍‌ପିଙ୍କ ସହ ବରିଷ୍ଠ ପୁଲିସ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ଅଙ୍ଗଦାନ କରି ଜୀବନ ବଞ୍ଚାଇବା ଶ୍ରେଷ୍ଠ ମହାନୀୟତା: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୮ (ସମିସ): ଅଙ୍ଗଦାନଠୁ ମହତ କାର୍ଯ୍ୟ କିଛି ନାହିଁ। ଅଙ୍ଗ ପ୍ରତିରୋପଣ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ଜୀବନରେ ଅଙ୍ଗଦାତାମାନେ ନୂତନ ଜୀବନ ଭରି ଦିଅନ୍ତି। ମୃତ୍ୟୁ ପରେ ଅଙ୍ଗଦାନ କରି ଜୀବନ ବଞ୍ଚାଇବା ଶ୍ରେଷ୍ଠ ମହାନୀୟତା ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।



■ ବିଶ୍ୱ ଅଙ୍ଗଦାନ ଦିବସ-୨୦୨୫ ପାଳିତ
■ ୨୪ ଜଣଙ୍କୁ ସୂରଜ ସମ୍ମାନ ପ୍ରଦାନ

'ବିଶ୍ୱ ଅଙ୍ଗଦାନ ଦିବସ' ଅବସରରେ ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାର ୨୪ଜଣ ମୃତକଙ୍କ ପରିବାର ସଦସ୍ୟଙ୍କୁ 'ସୂରଜ ସମ୍ମାନ'ରେ ସମ୍ମାନିତ କରିବା ସହ ୫ ଲକ୍ଷ ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା।

ସୂଚନା ଅନୁସାରେ, ସ୍ୱର୍ଗତ ସୂରଜ ବେହେରାଙ୍କ ପିତାମାତା ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବା ପାଇଁ ନିଜ ମୃତ ପୁତ୍ରର ଅଙ୍ଗ ଦାନ କରି ରାଜ୍ୟରେ ସ୍ୱେଚ୍ଛାକୃତ ଅଙ୍ଗଦାନକୁ ପ୍ରୋତ୍ସାହିତ କରିଥିଲେ। ସେମାନଙ୍କ ପ୍ରେରଣାଦାୟକ ତଥା ମାନବିକ କାର୍ଯ୍ୟକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପୂର୍ବତନ ରାଜ୍ୟ ସରକାର ରାଜ୍ୟର ଅଙ୍ଗଦାତାମାନଙ୍କୁ ଏବଂ ଅଙ୍ଗଦାନକୁ ପ୍ରୋତ୍ସାହିତ କରୁଥିବା ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧନା ଦେବା ପାଇଁ ପ୍ରତିବର୍ଷ ଅଗଷ୍ଟ ୧୩ ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଏହି 'ସୂରଜ ପୁରସ୍କାର' ପ୍ରଦାନ କରାଯାଉଛି। ହୃତ୍‌ପିଣ୍ଡ, ବୃକକ ଏବଂ ଯକୃତ ମଧ୍ୟରୁ କୌଣସି ଗୋଟିଏ କିମ୍ବା ଅଧିକ ଅଙ୍ଗ ଦାନ କରିଥିବା ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ ସହ ମହତ୍ୱପୂର୍ଣ୍ଣ ଅଙ୍ଗ ଦାନ କରିଥିବା ମୃତକ ଏବଂ ସେମାନଙ୍କ ପରିବାରର ନିସ୍ୱାର୍ଥପର ଓ ବୀରତ୍ୱର ଅବଦାନକୁ ସମ୍ମାନ ଜଣାଇ ମୃତକମାନଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହିତ ସମ୍ପନ୍ନ କରାଯାଉଛି। ଏପର୍ଯ୍ୟନ୍ତ ରାଜ୍ୟରେ ୧୪ଟି ଚିକିତ୍ସାଳୟକୁ ଅଙ୍ଗ ପ୍ରତିରୋପଣ ନିମନ୍ତେ ପଞ୍ଜୀକୃତ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍, ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଡ. ଅମରେନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ, ଅଙ୍ଗଦାତାମାନଙ୍କ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଉପଶାସନ ସଚିବ ଅରୁଣା ତ୍ରିପାଠୀ ସଂଯୋଜନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂଘକୁ ସରକାରଙ୍କ...

ଆଲୋଚନା ମାଧ୍ୟମରେ ସମାଧାନ ସମ୍ଭବ। କ୍ୟାଡର ପୁନର୍ଗଠନ ଦାବି ଆମ ବିଭାଗର ନୁହେଁ। ଏଥିପାଇଁ ସାଧାରଣ ପ୍ରଶାସନ ବିଭାଗ ପାଖକୁ ପଠାଯାଇଛି। ତଥାପି ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଜିଲ୍ଲାପାଳମାନଙ୍କୁ ରାଜସ୍ୱ ବିଭାଗ ଏସିଏସ୍ ଲେଖିଥିବା ଚିଠିରେ ମଧ୍ୟ ଅନୁରୂପ କଥା ଉଲ୍ଲେଖ ରହିଛି। ଅନଧିକୃତ ଭାବରେ ଅନୁପସ୍ଥିତ କର୍ମଚାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ସହ ସେମାନଙ୍କର ଦରମା ସ୍ଥଗିତ ରଖିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କ ଅନୁପସ୍ଥିତି ଅବଧିକୁ ସେବା ବିରତି ଭାବରେ ବିବେଚନା କରାଯିବ ଏବଂ ସମ୍ପୃକ୍ତ କର୍ମଚାରୀଙ୍କ ସେବା ପୁସ୍ତିକାରେ ମଧ୍ୟ ଏହା ରେକର୍ଡ କରାଯିବ। ଏହା ବ୍ୟତୀତ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ ସେବା ସର୍ତ୍ତାବଳୀ ଏବଂ ଆଚରଣର ଉଦ୍ଦେଶ୍ୟମୂଳକ ଏବଂ ଗମ୍ଭୀର ଉଲ୍ଲଂଘନ ପାଇଁ ଦୃଢ଼ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅପରପକ୍ଷରେ ରାଜସ୍ୱ ବିଭାଗ ଓ ମନ୍ତ୍ରୀଙ୍କ ନାଲିଆଖିକୁ ସଂଘ ଡ଼ରିବ ନାହିଁ ବୋଲି ଘୋଷଣା କରିଛି। ସଂଘ ପକ୍ଷରୁ କୁହାଯାଇଛି ଯେ ଗଣତାନ୍ତ୍ରିକ ରାଷ୍ଟ୍ରରେ କେହି କାହାକୁ ଚେତାବନୀ ଦେଇପାରିବେ ନାହିଁ। ସରକାରଙ୍କର ଆମେ ପରିବାର ଲୋକ। ତେଣୁ ଆମକୁ ଡାକିକି ଆଲୋଚନା କରିବା ପରେବର୍ତ୍ତେ ଦରମା ବନ୍ଦ ଓ ନାଲି ଆଖି ଦେଖାଇବାକୁ ଯେଉଁ ଉଦ୍ୟମ ହୋଇଛି, ସେଥିରେ ସଂଘ ପଛକୁ ହଟିବ ନାହିଁ। ବାରମ୍ବାର ପ୍ରତିଶ୍ରୁତି ପରେ ମଧ୍ୟ ରାଜସ୍ୱ ଅମଲାଙ୍କ ନ୍ୟାଯ୍ୟ ଦାବି ପୂରଣ ହୋଇପାରୁ ନାହିଁ। ସେଥିପାଇଁ ସଂଘ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଛି। ଏହା ପୂର୍ବରୁ ସରକାରଙ୍କ ସହ ଆଲୋଚନା ହୋଇଥିଲା। ପ୍ରତିଶ୍ରୁତି ପୂରଣ ପାଇଁ ସମୟସୀମା ମଧ୍ୟ ଦିଆଯାଇଥିଲା। ଏହା ସତ୍ତ୍ୱେ ଦାବି ପୂରଣ ହେଉନାହିଁ। ଯେପର୍ଯ୍ୟନ୍ତ ସରକାର ସଂଘର ଦାବି ପୂରଣ କରି ନାହାନ୍ତି ସେ ପର୍ଯ୍ୟନ୍ତ ଆନ୍ଦୋଳନ ବଳବତ୍ତର ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

### ୭ ପ୍ରସ୍ତାବକୁ...

ସଂକ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଉପରୋକ୍ତ ପ୍ରସ୍ତାବ ସମେତ ୬ଟି ବିଭାଗର ମୋଟ ୭ଟି ପ୍ରସ୍ତାବ ଉପରେ ମୋହର ମାରିଛି କ୍ୟାବିନେଟ।

କ୍ୟାବିନେଟ ବୈଠକ ସମାପ୍ତ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ପ୍ରସ୍ତାବିତ ମଡେଲ ମଣ୍ଡି ଗୁଡ଼ିକରେ ଧାନକ୍ରୟ କାର୍ଯ୍ୟକ୍ରମକୁ ସୁଗମ କରିବା ଉଦ୍ଦେଶ୍ୟରେ ବିଭିନ୍ନ ସୁବିଧା ରହିବ। ରାଜ୍ୟର ସମସ୍ତ ଜିଲ୍ଲାରେ ମଡେଲ ମଣ୍ଡି ସ୍ଥାପନ ନେଇ ସର୍ଭେ ସରିବା ପରେ ପ୍ରଥମ ପର୍ଯ୍ୟାୟରେ ମୋଟ ୩୮ଟି ମଣ୍ଡି ସ୍ଥାପନ ହେବ। ଏଥିରେ ୧୪ଟି ବୃହତ୍, ୧୭ଟି ମଧ୍ୟମ ଓ ୭ଟି କ୍ଷୁଦ୍ର ମଣ୍ଡି ସାମିଲ ଅଛି। ଏହି ମଣ୍ଡିଗୁଡ଼ିକର ନିର୍ମାଣ କାର୍ଯ୍ୟ ଓଡ଼ିଶା ରାଜ୍ୟ ସେତୁ ଓ ନିର୍ମାଣ ନିଗମ ମାଧ୍ୟମରେ କରାଯିବ। ଏଥିପାଇଁ ସମବାୟ ବିଭାଗ ୩୦୦କୋଟି ଟଙ୍କାର ବ୍ୟୟ ଅଟକଳ କରିଛି। ଆରଏମସିଗୁଡ଼ିକର ନିଜସ୍ୱ ଅର୍ଥରୁ ୧୫୦କୋଟି ଓ ବାକି ରାଜ୍ୟ ସରକାର ୧୫୦କୋଟି ଟଙ୍କା ଦେବେ। ସେହିପରି ଓଡ଼ିଶାର ୧୧୦ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ ଏଲଇଡି ସାର୍ବଜନୀନ ଷ୍ଟ୍ରିଟ ଲାଇଟ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିପାଇଁ ମୋଟ ୩୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତନ୍ମଧ୍ୟରୁ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠି ନିକଟରେ ଉପଲବ୍ଧ ଥିବା ୧୫୦ କୋଟି ଟଙ୍କା ବର୍ତ୍ତମାନ ଉପଯୋଗ କରାଯାଉଛି। ଅବଶିଷ୍ଟ ୨୦୦ କୋଟି ଟଙ୍କା ପାଇଁ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଣ୍ଠିରୁ ଉପଲବ୍ଧ ଥିବା ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପାଣ୍ଠି ବ୍ୟବହାର ହେବ। ଅନୁରୂପ ଭାବରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏକ ବିଶ୍ୱସ୍ତରୀୟ ବିମାନ ଚଳାଚଳ ମେଣ୍ଟେନାନ୍ସ, ରିପେୟାର ଆଣ୍ଡ ଓଭରହାଲ(ଏମ୍ଆରଓ) ସୁବିଧା ପ୍ରତିଷ୍ଠାକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ଏହି ପ୍ରକଳ୍ପରେ ଭାରତର ସବୁଠାରୁ ପୁରୁଣା ଓ ବଡ଼ ତୃତୀୟ-ପକ୍ଷ ଏମଆରଓ ପ୍ରଦାନକାରୀ ମେସର୍ସ ଏୟାର ୱାକର୍ସ ଇଣ୍ଡିଆ (ଇଞ୍ଜିନିୟରିଂ) ପ୍ରାଇଭେଟ ଲିମିଟେଡକୁ ମୁଖ୍ୟ ନିବେଶକ ଭାବେ ଚୟନ କରାଯାଇଛି। ସେହିପରି ସମ୍ବଲପୁର, ହୀରାକୁଦ ଓ ବୁର୍ଲା ସହରରେ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ଏକ ବଡ଼ ପ୍ରକଳ୍ପକୁ କ୍ୟାବିନେଟ ଅନୁମୋଦନ ଦେଇଛି। ୩୮୨.୪୦କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ମହାରାଷ୍ଟ୍ରର ଏମ/ଏସ ଇଗଲ ଇନଫ୍ରା ଇଣ୍ଡିଆ ଲିମିଟେଡ ଦ୍ୱାରା କାର୍ଯ୍ୟକାରୀ ହେବ। ଏହି କାର୍ଯ୍ୟ ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇ ୨୦୨୭ ମସିହା ଅଗଷ୍ଟ ୩୧ ତାରିଖ ସୁଦ୍ଧା ଶେଷ ହେବ। ପୁନଶ୍ଚ ଓଡ଼ିଶା ନର୍ସିଂ ଶିକ୍ଷା ସେବା ନିୟମାବଳୀ, ୨୦୨୫ ତିଆରି ପାଇଁ ଉପସ୍ଥାପିତ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହା ଗଠନ ହେବା ଦ୍ୱାରା ଏହି କ୍ୟାଡର ଅଧିନରେ ଖାଲି ପଡ଼ିଥିବା ମୂଳ ଟ୍ୟୁଟର ପଦବୀ ଗୁଡ଼ିକ ପୂରଣ କରାଯାଇପାରିବ ଏବଂ ଯୋଗ୍ୟ ଅଧ୍ୟାପକଙ୍କୁ ପରବର୍ତ୍ତୀ ଉଚ୍ଚ ପଦବୀକୁ ପଦୋନ୍ନତି ଦିଆଯାଇପାରିବ। ଏହାଦ୍ୱାରା ଓଡ଼ିଶାରେ ନର୍ସିଂ ଶିକ୍ଷା ଦୃଢ଼ୀଭୂତ ହୋଇପାରିବ। ଏହାବ୍ୟତୀତ ଓଡ଼ିଶା ଅମଲା ସେବା ନିୟମାବଳୀ ୨୦୨୫କୁ କ୍ୟାବିନେଟ ଅନୁମୋଦନ ମିଳିଛି ଏହା କମର୍ସିଆଲ ଟ୍ୟାକ୍ସ ଓ ଜିଏସଟି ସଂଗଠନରେ ଜିଲ୍ଲା ମିନିଷ୍ଟେରିଆଲ କ୍ୟାଡର ପାଇଁ ସ୍ୱତନ୍ତ୍ର ନିଯୁକ୍ତି ନିୟମ ପ୍ରଣୟନ କରିବ। ଏହି କ୍ୟାଡରରେ ଜୁନିଅର ଆସିଷ୍ଟାଣ୍ଟଙ୍କଠାରୁ ଏଷ୍ଟାବଲିସମେଣ୍ଟ ଅଫିସର ପର୍ଯ୍ୟନ୍ତ ବିଭିନ୍ନ ପଦବୀ ରହିବ। ୮୦ ପ୍ରତିଶତ ଜୁନିଅର ଆସିଷ୍ଟାଣ୍ଟ ପଦବୀ ସିଧାସଳଖ ନିଯୁକ୍ତି ଦ୍ୱାରା ଓ ୨୦ ପ୍ରତିଶତ ଗ୍ରୁପ-ଡି କର୍ମଚାରୀଙ୍କଠାରୁ ପଦୋନ୍ନତି ମାଧ୍ୟମରେ ପୂରଣ ହେବ। ରାଜ୍ୟର ସଂଗ୍ରହାଳୟ ଗୁଡ଼ିକର ସୁପରିଚାଳନା ଓ ସମନ୍ୱୟ ପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର ସଂଗ୍ରହାଳୟ ନିର୍ଦ୍ଦେଶାଳୟ ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ ଗତ ୨୦୨୩ ମସିହା ଅକ୍ଟୋବର ୧୯ ତାରିଖରେ ନିଷ୍ପତ୍ତି ନେଇଥିଲେ। ତଦନୁଯାୟୀ ଏହି ନିର୍ଦ୍ଦେଶାଳୟର ପରିଚାଳନା ପାଇଁ କ୍ୟାଡର ନିୟମାବଳୀକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏଥିରେ ମୋଟ ୪୦ଟି ପଦବୀ ରହିବ ବୋଲି ଜଣାପଡ଼ିଛି।


**SALE**

1 Number of TRACTOR – MAHINDRA 605 DI ARJUN NOVO-50 HP 4 WD/ 2023, Registration No.- OD-11-AB-8519, Model-2023, ENGINE NO – NMJ4WBE0028, CHASSIS NO -MBNWHBDWFMNJ01002, For Details, contact – 7978329379, 8280406596, SUNDARAM FINANCE LTD., 2ndFloor, Mishra Complex , INFRONT OF SATYASAI SCHOOL, BARIPADA, MAYURBHANJ, 757001, PH. NO-06792-253348


**AFFIDAVIT**

I, Dinesh Chandra Khimji Nanda S/o Khimji Dayabhai, Resident At Plot No-515, Ambika House, BJB Nagar, PS-Badagada, Bhubaneswar, Dist-Khordha PIN-751014, Odisha declare by this affidavit No.7138 dated 13.08.2025 that now onwards I shall be known as **DINESH KHIMJI** for all future purposes.

**FORM No.1**
**SUMMONS/NOTICES FOR SERVICE BY ADVERTISEMENT IN NEWSPAPER**
(Order - 5 Rule 20)
(Succession Case)
**IN THE HON'BLE COURT OF THE CIVIL JUDGE SENIOR DIVISION, KORAPUT**
**I.C case No.01/2025**

**Application for grant of Succession Certificate**

**Indrani Namdeo & 2 others** ... Petitioners

Vs

**Relationship Mangeer, Retail Sales ICICI Prudential Assy. Management Company Limited & others** ... Opposite Parties

Notice:
To
1. Relationship Manager, Retail Sales, ICICI Prudential Asset Management Company Limited, At; Ground Floor, Dharma Nagar, lane 5Berhampur, Dist; Ganjam, Odisha, PIN: 760002
2. Manager, Retail sales, ICICI Prudential Asset Manager, Po/Ps: SemiligudaDist; Koraput
3. Rambhubati, aged about 62 Years,S/O; Bhingu Saanta,Vill; Gopabandu Nagar, PO/Ps; Semiliguda, Dist; Koraput,

General Public

WHEREAS the petitioners Indrani Namdeo & 2 others have filed the above petition before this Court for the grant of succession certificate regarding the assets left by the deceased, (Ramayan Prasad Namdeo, S/O; Chooteal Namdeo of Gopabandu Nagar, Semiliguda, Po/Ps; Semiliguda, Dist; Koraput) who died on 22.8.2020.

Notice is issued in the name of respondent(s) that in case anybody has any objection for grant of succession certificate, he/she can file objection to the same on or before 06.09.2025, failing which the petition will be decided in accordance with law.

Given under my hand and seal of the Court, this **08th day of Aug, 2025.**

**Civil Judge (Sr. Division),Koraput.**

eMail: se_nerwkjr@rediffmail.com O-586

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**
*****
**No. 3204/Date 12.08.2025**

**1st Corrigendum Notice**

Under unavoidable circumstances, **the availability of tender online for bidding & opening of Technical Bids** of the tender invited vide eProcurement Notice No. 3001 Dtd: 22.07.2025 / Bid Identification No. **NCB-10 / RWCKJR / 2025-26** of Chief Construction Engineer, Rural Works Circle, Keonjhar is hereby rescheduled as below.

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o C.C.E., R.W. Circle, Keonjhar. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-10 / RWCKJR / 2025-26 | Dt.30.07.25 at 11.00 A.M. | Dt.29.08.25 up to 5.00 P.M. | Dt.26.08.25 up to 5.00 P.M. | Dt.30.08.25 at 11.00 A.M. | Will be intimated later |

**All other contents remain unchanged.**
**OIPR-25177/11/0084/2526**

Chief Construction Engineer,
R.W. Circle, Keonjhar.

**PM SHRI SCHOOL JAWAHAR NAVODAYA VIDYALAYA, TARBHA, DIST: SONEPUR (ODISHA)**
**(MINISTRY OF EDUCATION, DEPARTMENT OF SCHOOL EDUCATION & LITERACY, GOVT OF INDIA)**
**Dated: 13.08.2025**

**WALK IN INTERVIEW**

PM SHRI SCHOOL Jawahar Navodaya Vidyalaya, Tarbha, Dist-Sonepur (Odisha) is inviting qualified and experienced teacher/person/expert purely on Part time/Contract basis for the session 2025-26 under PM Shri Scheme. Interested candidates can attend the Walk-in-Interview in the Vidyalaya on 21-08-2025 Thursday at 11.00 A.M. along with their educational qualification certificates/experience certificates and other relevant documents.

| Sl. No. | Teacher/ Coach/Expert & No. of posts | Essential Qualification/Certificate | Remuneration | For the session 2025-26 |
|---|---|---|---|---|
| 1. | Yoga Teacher 01(One) | M.P.Ed. with Yoga is compulsory subject in M.P.Ed. & B.P.Ed. OR M.A./M.Sc. in Yoga OR Graduate with 01 year Post Graduate Diploma/Certificate in Yoga OR Bachelor Degree in Yoga with 2 year work experience. (Upper Age limit upto 50 years) | Rs.34125/- per month. | 08 months. |
| 2. | Yoga Trainer (Preference will be given to female) 01(One) | Graduate with PG Diploma in Yoga or M.P.Ed with Yoga Specialization from recognized University. Priority will be given on the basis of experience. | Per month Rs. **12500/-** (for 08 month) | 03 Session Per Week |
| 3. | Sports Teacher/ Coach (Football & Handball) 02(Two) | Bachelor Degree in Physical Education or equivalent from recognized University/Institution. Priority will be given on the basis of experience. | Per month Rs. **20000/-** (for 05 month) | 04 Session in a week X 04 weeks = 16 session in a month, Rs. 1250 per session |
| 4. | Music Expert 01(One) | Skilled in instruments like Guitar, Tabla, Keyboard Congo, Flute, Octopad etc., Certificate/Diploma/Degree in Music with professional experience etc. Priority will be given on the basis of experience. | Per month Rs. **20000/-** (for 05 month) | 06 Session Per Week |
| 5. | Dance Expert 01(One) | Certificate/Diploma/Degree in Classical/Folk/Modern Dance/Local/Traditional with performance experience etc. specialized in Odishi/ Kathak Dance/Bharat Nattiyam/Kuchipudi. Priority will be given on the basis of experience. | Per month Rs. **20000/-** (for 05 month) | 06 Session per Week |
| 6. | Self Defense Trainer (Female) 01(One) | Expert in Judo/Karate (Relevant Degree/Certificate from recognized institute) Priority will be given on the basis of experience. | Per month Rs. **12500/-** (for 08 month) | 04 Times in a month |
| 7. | Atal Tinkering Lab. Facilitator 01(One) | M.Sc. in Physics with Specialization in Electronics/ Robotics/ IT or MCA in related trade | Per week Rs.2500/- | 03 days in a week. |

The candidate should attend the walk-in-interview on the above scheduled date and time alongwith the self attested Xerox copies of certificates and a pass port size photograph. The attending of walk-in-interview does not confirm any candidate for selection or appointment. No T.A./D.A. will be given to the candidate by the Vidyalaya for attending the said interview. The undersigned reserve the rights to cancel part or whole of the Walk-in-Interview. Willing candidates can submit their Bio-data, certificates/documents by hand OR through Email ID: **jnvsonepur.rect@gmail.com**

**Sd/- PRINCIPAL, PM SHRI SCHOOL JNV SONEPUR (ODISHA)**

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 12.08.2025, I Basanti Behera resident at Qr.No- Type-II/A, Census Campus Colony, Bhoinagar,Bhubaneswar Khurdha, PIN-751022 , declare that I have changed the name of my Son from Badal Behera to Badal Naik . Henceforth, He shall be known as **BADAL NAIK** for all future purposes.

BASANTI BEHERA

**AFFIDAVIT**

By virtue of an affidavit sworn before Executive Magistrate, Pipili, AF.NO-2975, dated 12-08-2025 I, **Dhadu Swain,** permanent resident of Village At- Maligaon, PO- Sadangoi, PS- Delang, Dist- Puri, State- Odisha, PIN- 752015, declare that I have changed my name from **DHADIA SWAIN** (Old name) to **DHADU SWAIN** (New name), Henceforth, I shall be known as **DHADU SWAIN** for all purposes.

Sd-( **Dhadu Swain** )

**AFFIDAVIT**

By virtue of an affidavit sworn before Notary public Bhubaneswar on dated, 12.08.2025, I Krushna Das resident At-Khurtia Sahi, Po- Balisahi, Dist-Puri, Odisha, PIN-752001 declare that I have changed my name from Krushnachandra Das to Krushna Das. Henceforth, He shall be known as **KRUSHNA DAS** for all future purposes.

KRUSHNA DAS

**AFFIDAVIT**

By virtue of an affidavit sworn before Executive Magistrate, Nandapur, Dist.- Koraput, I Kamalu Krishani, S/o- Late Dhan Krishani, resident of Vill./Po.- Kularsing, Ps.- Padwa, Dist.- Koraput, Odisha, Pin- 764038 state that, I have changed my name from **Kamala Lochan Kirsani** to **Kamalu Krishani**. Henceforth I shall be known as **Kamalu Krishani** for all future purposes.

**AFFIDAVIT**

By virtue of an affidavit sworn before Notary Public, Bargarh vide No. 504 dated 12.08.2025 I Sankalp Sarangi, S/o- Sanjib Kumar Sarangi resident of Ward No.9, Bandutikira, Bargar, Po./Ps./Dist.- Bargarh state that, in my voter I. Card my name has been mentioned as Sankalp Sarangi but in my Aadhar Card my name has been mentioned as Sankalpa Sarangi. Both the names **Sankalp Sarangi** and **Sankalpa Sarangi** is of same and one person.

**AFFIDAVIT**

By virtue of an affidavit sworn before Executive Magistrate, Jatni, AF.NO-07, dated 12-08-2025 I, **Abdul Rauf Khan,** S/o Abdul Ishaque Khan, permanent resident of At- Raja Bazar, Fakada Basti (Part) PO- Jatni, PS- Jatni, Dist- Khordha, State- Odisha, PIN- 752050, declare that I have changed my name from **RAUF KHAN** (Old name) to **ABDUL RAUF KHAN** (New name), Henceforth, I shall be known as **ABDUL RAUF KHAN** for all purposes.

Sd-( **ABDUL RAUF KHAN** )

**AFFIDAVIT**

I, Kajipopy Khatun, D/O- Kazi Sorabuddin, residence of Vill: Barbil, Ward No- 07, PO/PS: Barbil, Dist: Keonjhar, Pin- 758035, Odisha, India, declare by this affidavit No- 02 dated 07.08.2025 that now onwards I shall be known as **Popy Mondal** for all future purposes.

**AFFIDAVIT**

I, **Ashis Kumar Sahu**, S/o Gouranga Chandra Sahu, resident of HIG-1/77, BDA Colony, Kapilaprasad, Bhubaneswar - 751002 by affidavit No- 503, dtd- 12/08/2025 state that my father's name is recorded as Gouranga Chandra Sahu in PAN, but in my HSC Certificate it is reflected as Gouranga Charan Sahu. **Gouranga Chandra Sahu & Gouranga Charan Sahu** refer to one and same person. The correct legal name of my father is **Gouranga Chandra Sahu** for all purposes.

Sd- ( **Ashis Kumar Sahu** )

**AFFIDAVIT**

I, Prasana Kumar Rout, S/o- Bhikari Charan Rout, resident of At- Duburi, Po- Duburi, Dist- Jajpur, PIN- 755026, Odisha declared by this affidavit No. 882, dtd- 05/06/2024 that now onwards I shall be known as **PRASANNA KUMAR ROUT** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 12/08/2025. I, **Arjuna Pradhani** (Applicant name), S/O- Purnananda Pradhani, Permanent resident of At- Tentulipada, P.O. Katarkela, P.S. Titilagarh, Dist- Balangir, (Odisha), PIN- 767033, now residing at the same place affirm that I have changed my minor daughter's name from **Pihoo Pradhani** (old name) to **Pihu Pradhani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Pihu Pradhani** (new name).

**Arjuna Pradhani**

**AFFIDAVIT**

I, Shantanu Sarkar, aged about 38 years, S/o- Sudhansu Sekhar Behera, resident of At- DDL-1145, Phase-2, Housing Board Colony, Dumduma, Ps- Khandagiri, Bhubaneswar, Dist- Khurda, Odisha, Pin- 751019 declare by this affidavit No. 1616, dtd- 13/08/2025, that now onwards I shall be known as **SANTANU SARAKAR** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Pattamundai on Dt. 30/072025. I **Sushil Kumar Sahu,** S/o- Gouranga Charan Sahu, resident of Village- Gangarampur, Po- Jaria, P.S/Tahasil- Pattamundai, Dist-Kendrapada, Odisha. My Name has been mentioned **Sushil Sahoo** instead of **Susil Kumar Sahu** in postal savings account No- 010010882445 of Jaria Post Office branch. I declare that my self **Susil Kumar Sahu** and **Sushil Sahoo** is one and same person for all purposes.

**Sushil Kumar Sahu**

**AFFIDAVIT**

I, Sidhee Mangaraj, aged about 31 years, W/o- Sumit Kumar Mangaraj, resident of At- Kudiary, Dolamandap Sahi, Street No- 30Q, Ward No- 23, Ps- Jatni, Dist- Khurda, Odisha, Pin- 752050 declare by this affidavit No. 1606, dtd. 12/08/2025, that now onwards I shall be known as **SIDHEE** for all future purposes.

**AFFIDAVIT**

I, Susama Panda, aged about 41 years, W/o- Muna Panda, resident of At- Bajarakbati Road, Professor pada, College Chhak, Near Chandraloka Apartment, Cuttack, PO- College Square, Dist- Cuttack, PIN- 753003, Odisha declare by this affidavit No. 1617, dtd- 13/08/2025, that now onwards I shall be known as **SUSHAMA PANDA** for all future purposes.

**AFFIDAVIT**

I, Shaikh Rahim Bakhas, S/o- Late Shaikh Ibrar Bakhas, resident of At/Po-Gop, Ps- Gop, Dist- Puri, PIN- 752110, Odisha declared by this affidavit No-2921, dtd- 19/07/2025 that now onwards I shall be known as **SK RAHIM BAKHAS** for all future purposes.

**AFFIDAVIT**

I, Suryamani Barik, H/o- Puspa Nayak, resident of At- L-345, Phase-4, HB Colony, Dumduma, Bhubaneswar, Dist- Khurda, PIN- 751019, Odisha declared by this affidavit No. 640, dtd- 11/08/2025 that now onwards I shall be known as **SURYAMANI BARICK** for all future purposes.

# ଟୁଟୁଗୁମ୍ମାକୁ ବାଟ ଭୁଲିଯାଇଛି ପ୍ରଶାସନ

## ସ୍ୱାସ୍ଥ୍ୟ, ଶିକ୍ଷା, ବିଜୁଳି, ରାସ୍ତା, ପାନୀୟ ଜଳ ସ୍ୱପ୍ନ





ଲାଞ୍ଜିଗଡ଼, ୧୩।୮ (ସମିସ)

ସରକାର ଆଦିବାସୀଙ୍କ ପାଇଁ ନାନାପ୍ରକାର ଯୋଜନା କରି ଆଦିବାସୀଙ୍କ ଜୀବନଧାରାରେ ବଡ଼ ପରିବର୍ତ୍ତନ ଆଣିଥିବା କଥା କହୁଛନ୍ତି। କିନ୍ତୁ ଆଦିବାସୀଙ୍କ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଏବେ ବି ଅନେକ ଆଦିବାସୀ ବହୁଳ ଗାଁ ସରକାରଙ୍କ ଯୋଜନାରୁ ବଞ୍ଚିତ ରହିଛନ୍ତି। ଏଭଳି ଏକ ଗାଁ ହେଉଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଭଟାଙ୍ଗପଦର ପଞ୍ଚାୟତର ଟୁଟୁଗୁମ୍ମା ଗାଁ। ଏହି ଟୁଟୁଗୁମ୍ମା ଗାଁ ଲାଞ୍ଜିଗଡ଼ ବ୍ଲକ ମହକୁମାରୁ ୪୦ କି.ମି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ୧୫ କି.ମି ଦୂର। ଏହି ଗାଁରେ ଦୀର୍ଘ ବର୍ଷ ହେଲା ୧୬ ଆଦିବାସୀ ପରିବାର ବସବାସ କରୁଛନ୍ତି; ହେଲେ ଏମାନେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି ଓ ପାନୀୟ ଜଳ ଭଳି ଅନେକ ସମସ୍ୟାରେ ରହୁଛନ୍ତି। ପ୍ରଶାସନ କିମ୍ବା ରାଜନେତାଙ୍କ ଏହି ଗାଁ ଉପରେ ନଜର ପଡୁନାହିଁ। ଏହା ଫଳରେ ଏମାନେ ଅବହେଳିତ ଭାବେ ଜୀବନ ବିତାଉଛନ୍ତି। ମୂଷାନାଳଠାରୁ ଭବାନୀପାଟଣାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ସୁଲିଆ ଗାଁରୁ ବାଆଁକୁ ଗଲେ ୮ କି.ମି ଦୂର ଘଞ୍ଚ ପାହାଡ଼, ଜଙ୍ଗଲ ଘେରା ମଧ୍ୟରେ ରହିଛି ଏହି ଗାଁ। ଭଲ ରାସ୍ତା ନାହିଁ। ପାଦ ଚଲା ରାସ୍ତା ଯୋଗୁଁ ଗ୍ରାମବାସୀ ନାନାପ୍ରକାର ଅସୁବିଧା ଭୋଗୁଛନ୍ତି। ଅବଶ୍ୟ ବର୍ତ୍ତମାନ ବିକଶିତ ଓଡ଼ିଶା ଯୋଜନାରେ ୪ଲକ୍ଷ ଅଟକଳ ମୂଲ୍ୟରେ ରାସ୍ତା ନିର୍ମାଣ ଚାଲିଛି; ହେଲେ ବର୍ଷା ଯୋଗୁଁ ରାସ୍ତା ଧୋଇ ନେବାର ଆଶଙ୍କା ଦେଖାଦେଇଛି। ଖରା ଦିନେ ବହୁ କଷ୍ଟରେ ମଟର ସାଇକଲ ଯାଉଛି; ହେଲେ ଗାଁକୁ ଆମ୍ବୁଲାନ୍ସ ଯାଇ ପାରୁନି। ଏଣୁ ଗର୍ଭବତୀଙ୍କୁ ଖଟିଆରେ ୮ କି.ମି ସୁଲିଆ ଗାଁ ପର୍ଯ୍ୟନ୍ତ ବୋହି ବୋହି ନେବାକୁ ପଡେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଏ। ଏହି ଗାଁରେ ବିଦ୍ୟାଳୟ ନାହିଁ। ୮କିମି ଦୂରରେ ଥିବା କୋଟଡ଼ଘାଟି ଗାଁ ପ୍ରାଥମିକ ବିଦ୍ୟାଳୟରେ ଏଠାର ପିଲା ନାମ ଲେଖାଇଛନ୍ତି; ହେଲେ ପାହାଡିରାସ୍ତା ଓ ବନ୍ୟଜନ୍ତୁଙ୍କ ଭୟ ପାଇଁ କିଛିପିଲା ପାଠପଢ଼ାରୁ ବଞ୍ଚିତ ରହିଛନ୍ତି। ଗାଁ ଠାରୁ ୭ କିମି ଦୂରରେ ସୁଲିଆ ଗାଁରେ ଅଙ୍ଗନବାଡି କେନ୍ଦ୍ର ରହିଛି। ଏଣୁ ଏହି ଗାଁର ଶିଶୁମାନେ ଯାଉ ନାହାନ୍ତି। ସେମାନଙ୍କ ଖାଦ୍ୟ ସାମଗ୍ରୀ ଆଣିବା ପାଇଁ ପରିବାର ଲୋକେ ଯାଇଥାନ୍ତି।

ଅନ୍ୟପକ୍ଷରେ ବିଦ୍ୟୁତ୍ ଏହି ଗାଁ ପାଇଁ ସ୍ୱପ୍ନ ପାଲଟିଛି। କିଛି ବର୍ଷ ପୂର୍ବେ ଗାଁ ଲୋକଙ୍କୁ ସୌଭାଗ୍ୟ ଯୋଜନାରେ ସୋଲାର ଲାଇଟ ଯୋଗାଇ ଦିଆ ଯାଇଥିଲା। କିଛିଦିନ ଜଳିବା ପରେ ତାହା ଅଚଳ ହୋଇ ରହିଛି। ଗାଁରେ ବିଜୁଳି ସଂଯୋଗ ପାଇଁ ପଞ୍ଚାୟତ, ବ୍ଲକ ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ନିକଟରେ ଲୋକେ ବାରମ୍ବାର ଅଭିଯୋଗ କରିଛନ୍ତି; ହେଲେ କୌଣସି ସୁଫଳ ମିଳୁନି। ଲୋକଙ୍କୁ ବିଶୁଦ୍ଧ ପାଣି ମୁନ୍ଦାଏ ମିଳୁନାହିଁ। ଏହାଫଳରେ ବାରୁଲ ନାଳର ପାଣିକୁ ଲୋକେ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। ସରକାର ପକ୍ଷରୁ ଲୋକଙ୍କୁ ରୋଜଗାର ସୁଯୋଗ ଦେବା ପାଇଁ ମନରେଗା ଯୋଜନା ରହିଛି। ଏମାନେ ଗତ ବର୍ଷ ମନରେଗା ଯୋଜନାରେ କାମ କରିଥିଲେ; ହେଲେ ଅନେକ ଲୋକଙ୍କୁ ପାରିଶ୍ରମିକ ମିଳିନି। ନିକଟରେ ଥିବା ଜଙ୍ଗଲରେ ପୋଡୁଚାଷ କରି ଏମାନେ ଚଳୁଛନ୍ତି। ମାଣ୍ଡିଆ, ବିରି, କୋଳଥ, କାନ୍ଦୁଲ ଚାଷ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଅନେକ ଯୁବକ ବାହାର ରାଜ୍ୟକୁ ଦାଦନ ଯାଇଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିଛି ଲୋକଙ୍କୁ ଘର ମିଳିଛି। ରାସ୍ତା ନ ଥିବା ଯୋଗୁଁ ଗାଁରୁ କିଛି ଦୂରରେ ୪ଟି ଘର ନିର୍ମାଣ ହେଉଛି। ଗାଁର କୌଣସି ଆଦିବାସୀଙ୍କୁ ସରକାରଙ୍କ ତରଫରୁ ଜଙ୍ଗଲ ଜମି ପଟ୍ଟା ମଧ୍ୟ ମିଳିନାହିଁ। ଗାଁରେ ସ୍ୱଚ୍ଛ ଭାରତ ମିଶନ ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଛି। ଗାଁରେ ଗୋଟିଏ ହେଲେ ପାଇଖନା ନାହିଁ। ଏହିଭଳି ଭାବେ ଏଠାକାର ଲୋକେ ନାହିଁ ନାହିଁରେ ବଞ୍ଚିଛନ୍ତି ବୋଲି ଗାଁର ଫଗୁନୁ ମାଝୀ, ମଦନୁ ମାଝୀ, ଧମକା ମାଝୀ, ଚନ୍ଦ୍ର ମାଝୀ, ଗଦନ ମାଝୀ, ରାଣୁ ମାଝୀ, ସନ୍ତୋଷ ମାଝୀ ପ୍ରମୁଖ କହିଛନ୍ତି।

# ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ବୌଦ୍ଧ ଗସ୍ତ

ବୌଦ୍ଧ, ୧୩।୮ (ସମିସ): ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବୌଦ୍ଧ ଗସ୍ତ କରିଛନ୍ତି। ଏହି ଅବସରରେ ସେ ସହରର ୧ ନମ୍ବର ୱାର୍ଡ ମାଳୀସାହି ଏବଂ ୨ ନମ୍ବର ୱାର୍ଡ ବଗିଚା ସାହି ପରିଦର୍ଶନ କରି ଲୋକଙ୍କ ସହ ବାର୍ତ୍ତାଳାପ କରିଥିଲେ। ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ସହ ନିୟମିତ ମଶା ତେଲ ପକାଇବା ପାଇଁ ଏନଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଯୁଗଳ କିଶୋର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

**ମନମୁଣ୍ଡା:** ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କଣ୍ଟାମାଳ ନିର୍ବାଚନମଣ୍ଡଳୀର ଦହ୍ୟା ଓ ମନମୁଣ୍ଡା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦହ୍ୟାରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ, ଏସ୍‌ପି ରାହୁଲ ଗୋୟେଲ, ଡିଇଓ ଟେମଲାଲ ଦୁବେ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରତ୍ୟୁଷ ପ୍ରିୟଦର୍ଶୀ ରଥ, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ରକ୍ସା (ଦହ୍ୟା) ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ, ବରିଷ୍ଠ ବିଜେପି ନେତା ବିପ୍ରଚରଣ ମହାନ୍ତି ପ୍ରମୁଖ ସ୍ୱାଗତ କରିଥିଲେ। ଅନ୍ୟପକ୍ଷେ ମନ୍ତ୍ରୀ ମନମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଡାକ୍ତର ମହେନ୍ଦ୍ର ସାଏ, ଡାକ୍ତର ମାନସ ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ। ତେବେ ନିର୍ମାଣର ଅବଧି ଏକ ବର୍ଷ ପୂର୍ଣ୍ଣ ହୋଇଯାଇଥିବା ସତ୍ତ୍ୱେ ମାତୃ ଶିଶୁ ସ୍ୱାସ୍ଥ୍ୟ କେନ୍ଦ୍ର ସମ୍ପୂର୍ଣ୍ଣ ହୋଇ ନ ଥିବା ସ୍ଥାନୀୟ ସାମ୍ବାଦିକ ବୈଦ୍ୟନାଥ ହୋତା ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ତାହା ସାରିବାକୁ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମନମୁଣ୍ଡା ବନ ବିଭାଗ ରେଞ୍ଜ ଅଧିକାରୀ ଶ୍ରୀବସ୍ତ କୁମୁରାଙ୍କ ସହଯୋଗରେ ମନ୍ତ୍ରୀ ଡାକ୍ତରଖାନାରେ ଚାରାରୋପଣ କରିଥିଲେ। ତେଲନଦୀ ସେତୁ କଡରେ ଥିବା ବୁଦ୍ଧ ପାର୍କରେ ମନ୍ତ୍ରୀ ଚାରା ରୋପଣ କରିଥିଲେ। କଣ୍ଟାମାଳ ବିଡ଼ିଓ ସାମ୍ପି ଜୟଶ୍ରୀ ରେଡ୍ଡୀ ଉପସ୍ଥିତ ଥିଲେ। ପ୍ରଶାସନିକ ଅବହେଳା ଓ ରକ୍ଷଣାବେକ୍ଷଣ ଅଭାବରୁ ଏହି ପାର୍କ ଜରାଜୀର୍ଣ୍ଣ ହୋଇ ପଡ଼ି ରହିଥିବା ସାମ୍ବାଦିକ ବୈଦ୍ୟନାଥ ହୋତା ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏନେଇ ପଦକ୍ଷେପ ନେବାକୁ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ

ବଲାଙ୍ଗିର, ୧୩।୮ (ସମିସ): ବଲାଙ୍ଗିର ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ତଥା ଅଗଷ୍ଟ ରାଉଣ୍ଡ -୨୦୨୫ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼. ବିକେ ପତି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅକାରୀ (ପରିବାର କଲ୍ୟାଣ) ଡ଼. ସୁଧା ବାର୍ଲା, ଅତିରିକ୍ତ




ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡ଼. ସିଦ୍ଧେଶ୍ୱର ମାଝି, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଟାଉନ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟ ସହକାରୀ ଶିକ୍ଷକ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ରାଜେଶ ରାଓ ପଟ୍ଟନାୟକ, ଉପ ପରିଚାଳକ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଭଗବାନ ମେହେର ଓ ଅନ୍ୟ ସହକାରୀ ସଞ୍ଚାର ଓ ପ୍ରକଳ୍ପ ପରିଚାଳକ ଆନନ୍ଦ ମିଶ୍ର ଓ କବିନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଅତିରିକ୍ତ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଥମେ ବିଦ୍ୟାଳୟ ଛାତ୍ରୀଙ୍କୁ କୃମିନାଶକ ବଟିକା ଖୁଆଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ।କୃମିନାଶକ ବଟିକା ଓ ସିରପ ଖାଇବା ଦ୍ୱାରା ପୁଷ୍ଟିହୀନତା ଓ ରକ୍ତହୀନତା ଦୂର ହୁଏ ଏବଂ ପିଲାଙ୍କ ଶାରୀରିକ ଓ ମାନସିକ କ୍ଷେତ୍ରରେ ବୃଦ୍ଧି କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ ବୋଲି ମୁଖ୍ୟଅତିଥି କହିଥିଲେ। ଜିଲ୍ଲାର ୧ ରୁ ୧୯ ବର୍ଷର ସମସ୍ତ ପିଲାମାନେ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ କୃମିନାଶକ ଔଷଧ ଓ ଖାଇବେ ଓ ୨୦-୨୪ ବର୍ଷର ବିଦ୍ୟାଳୟ ଯାଉନଥିବା ପିଲା ଓ ଗର୍ଭବତୀ ମହିଳା ଅଙ୍ଗନବାଡିରେ କୃମିନାଶକ ଔଷଧ ଖାଇବେ।କାର୍ଯ୍ୟକ୍ରମରେ ଜିଲ୍ଲାର ୪୮୮୨୭୧ଜଣ ହିତାଧିକାରୀ କୃମିନାଶକ ଔଷଧ ଓ ସିରପ ଖାଇବେ ବୋଲି ଲକ୍ଷ ରଖାଯାଇଛି। ଜିଲ୍ଲାର ୨୬୩୭ ଗୋଟି ଅଙ୍ଗନବାଡି କେନ୍ଦ୍ର ଓ ୨୨୨୩ଟି ବିଦ୍ୟାଳରେ ସମସ୍ତ ହିତାଧିକାରୀଙ୍କୁ କୃମିନାଶକ ଔଷଧ ଓ ସିରପ ଗୁଡିକ ଜିଲ୍ଲାର ତାଲିମ ପ୍ରାପ୍ତ ସମସ୍ତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ବିଦ୍ୟାଳୟ ଶିକ୍ଷକଙ୍କ ଦ୍ୱାରା ଔଷଧ ପ୍ରଦାନ କରାଯିବ। ଏହାସହ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କ ଦ୍ୱାରା ସମସ୍ତ ବ୍ଲକରେ କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ।କାର୍ଯ୍ୟକ୍ରମରେ ଟାଉନ ବାଳିକା ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀଙ୍କ ସହ ମୁଖ୍ୟ ଚିକିତ୍ସାଧିକାରୀ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

**ବୌଦ୍ଧ:** ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ମେଣ୍ଢିମାଳ ସେବାଶ୍ରମ ବିଦ୍ୟାଳୟରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷକ ଶିବାନନ୍ଦ ମିଶ୍ର ଶରୀରରେ କୃମିର କୁପ୍ରଭାବ ବିଷୟରେ ଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ଶିକ୍ଷକ ସରୋଜ ମହାକୁଡ଼ ଶିକ୍ଷାର୍ଥୀଙ୍କୁ ଜଙ୍କ ଫୁଡ୍ ନ ଖାଇବା ପାଇଁ ପରାମର୍ଶ ଦେଇଥିଲେ। ଆଶାକର୍ମୀ ରଜନୀ ବେହେରାଙ୍କ ତତ୍ତ୍ୱାବଧାନରେ ଅନ୍ତେବାସୀଙ୍କୁ କୃମି ନାଶକ ଔଷଧ ଦିଆଯଯାଇଥିଲା। ସୁରେଶ ସାହୁ ସହଯୋଗ କରିଥିଲେ।

# ବୌଦ୍ଧରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

ବୌଦ୍ଧ, ୧୩।୮ (ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାକୁ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ୨ ଶହ ଦୁଇ ମିଟର ଲମ୍ବର ଜାତୀୟ ପତାକାକୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ତରଫରୁ ତିଆରି କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ୬ଶହ ଛାତ୍ରଛାତ୍ରୀ ଯୋଗଦେଇ ସହର ପରିକ୍ରମା କରିଥିଲେ। ଏଥିରେ ବୌଦ୍ଧ ସହରର ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟୁଟୁସିଙ୍ଗା ଉଚ୍ଚବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି କୋର୍ଟ ଛକ, ପୋଡା ପଡ଼ା ଛକ, ଗାନ୍ଧୀ ଛକ, ବାଘ ଗୁଡା ଛକ ଦେଇ ଜିଲ୍ଲା ଷ୍ଟାଡିୟମରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରା ଶୁଭାରମ୍ଭ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ୍ ଦୁବେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ, ଅଧ୍ୟାପକ ଡ. ପ୍ରବୀର ଦାସ, ବୌଦ୍ଧ ଆଇଆଇସି ରଞ୍ଜିତ ମୁନୀ, ଅତିରିକ୍ତ ତହସିଲଦାର କୁମୁଦଚନ୍ଦ୍ର ଦଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# ଡୁକଲା, କୁରୁମପୁରୀରେ ମେହେର ଜୟନ୍ତୀ

ଭବାନୀପାଟଣା/ନୂଆପଡ଼ା, ୧୩।୮ (ସମିସ): ଭବାନୀପାଟଣା କଳାହାଣ୍ଡି ଲେଖକ କଳା ପରିଷଦ ଏବଂ ନୂଆପଡ଼ା ଜିଲ୍ଲା ଡୁକଲାସ୍ଥିତ ଉପେନ୍ଦ୍ର ପ୍ରଭାକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଛି। ଏଥିରେ ଅଧ୍ୟକ୍ଷ ବିଘ୍ନରାଜ ଦାଶ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ସାହିତ୍ୟିକ ନୀଳଲୋହିତ ସିଂଦେଓ, ଡ. ହରେକୃଷ୍ଣ ମେହେର, ଉମେଶ ଚନ୍ଦ୍ର ପଣ୍ଡା, ଭବନାଥ ରାୟଗୁରୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁ ସୁଧୀର ଚନ୍ଦ୍ର ପଣ୍ଡାଙ୍କ ସ୍ୱର ସଂଯୋଜନାରେ ସସ୍ମିତା ମହାନ୍ତି, ସସ୍ମିତା ରଥ, ନମିତା, ବୈଷ୍ଣବୀ ପଲକ, ମହାରଣା ସାଗରିକା ଓ ନିକିତା ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ଚିତ୍ତରଞ୍ଜନ ପଣ୍ଡା, ନରେନ୍ଦ୍ର ପଣ୍ଡା, ଶେଷଦେବ ମିଶ୍ର ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଅଧ୍ୟାପକ ଶରତ ଚନ୍ଦ୍ର ଚଲାନ ମଞ୍ଚ ପରିଚାଳନା କରିଥିବା ବେଳେ ଭାଗୀରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଦାଶରଥି ଆଚାର୍ଯ୍ୟ, ଗୋପାଳ ଚନ୍ଦ୍ର ସାହୁ,



ସୁରେନ୍ଦ୍ର ପ୍ରସାଦ ନେଗୀ, ସୁଧୀରଚନ୍ଦ୍ର ମିଶ୍ର, ତିଳକରାମ ନିଆଲ, ସନ୍ତୋଷ ରଥ ସହଯୋଗ କରିଥିଲେ। ସେହିଭଳି ନୂଆପଡ଼ା ଜିଲ୍ଲା କୁରୁମପୁରୀସ୍ଥିତ ଶ୍ରୀ ସାଇ କଲେଜରେ ଓଡିଆ ବିଭାଗ ଦ୍ୱାରା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅଶୋକ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ମୁକେଶ ରାଉତ, ଉତ୍କଳିନୀ ସାମନ୍ତରାୟ, ଇପସିତା ମଣ୍ଡଳ, ଦୁଷ୍ମନ୍ତ ସାହୁ ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପିକା ଦୀପାଞ୍ଜଳି ରଣା ଓ ପ୍ରିୟମ୍ବଦା ବିଶି ପରିଚାଳନା କରିଥିଲେ।

## ● ଦେଓଗାଁ ଥାନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ

# ନାବାଳିକା ସହ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ

ବଲାଙ୍ଗିର, ୧୩।୮ (ସମିସ): ଅପହୃତା ନାବାଳିକାକୁ ଉଦ୍ଧାର କରି ଆଣିବା ପାଇଁ ପୁଲିସ ମାଗିଥିଲା ଟଙ୍କା। ୪୦ ହଜାର ଟଙ୍କା ଦେଲେ ଉଦ୍ଧାର ହେବ ନାବାଳିକା। ପରେ ଘଟଣାର ମାସକ ପରେ ପୁଲିସ ନାବାଳିକା ଓ ଜଣେ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ସାତ ଦିନ ଧରି ଯୁବକଙ୍କୁ ପଚରାଉଚୁରା କରିବା ପରେ ଛାଡିଦେଇଥିବା ଅଭିଯୋଗ ହୋଇଛି। ଏହିଭଳି ଏକ ଘଟଣା ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଞ୍ଚଳରୁ ସାମ୍ନାକୁ ଆସିଛି। ପୀଡିତା ନାବାଳିକାଙ୍କୁ ନେଇ ପରିବାର ଲୋକେ ମଙ୍ଗଳବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁସାରେ ଗତ ୨୩ ତାରିଖରେ ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଖଲିଆପାଲି ଗାଁରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ମାମଲା ରୁଜୁ ହେବା ପରେ ପୁଲିସ କେସ ନଂ ୨୧୧/୨୦୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାର କିଛି ଦିନ ପରେ ପୁଲିସ ନାବାଳିକା ଝିଅ ତିରପୁରରେ ଥିବା ବେଳେ ତାକୁ ଉଦ୍ଧାର କରି ଆଣିବା ପାଇଁ ପୁଲିସ ୪୦ ହଜାର ଟଙ୍କା ମାଗିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଯାହାକୁ ଦେଓଗାଁ ଥାନା ଅଧିକାରୀ ଅସ୍ୱୀକାର କରିଛନ୍ତି। ପରେ ପୁଲିସ ତିରପୁରକୁ ଯାଇ ନାବାଳିକା ଓ ଜଣେ ଯୁବକଙ୍କୁ ଉଦ୍ଧାର କରି ଆଣିଥିଲା। ମାଜିଷ୍ଟ୍ରେଟଙ୍କ ସାମ୍ନାରେ ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ ସେ ନିଜ ଇଚ୍ଛାରେ ଯାଇଥିବା ପ୍ରକାଶ କରିଥିଲେ। ଫଳରେ ଥାନା ଅଧିକାରୀ ଅଟକ ଯୁବକଙ୍କୁ ଛାଡିଦେଇଥିଲେ। ଏହାର ପ୍ରାୟ ୧୦ ଦିନ ପରେ ମଙ୍ଗଳବାର ପୀଡିତା ନାବାଳିକା ଓ ପରିବାର ଲୋକ ଏସ୍‌ପି ଅଫିସକୁ ଆସି ଥାନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ କରାଯାଇଥିବା, ଉଦ୍ଧାର ନାବାଳିକାକୁ ଆଣିବା ପରେ ପୁଲିସ ପୁଲିସ ଟଙ୍କା ମାଗିଥିବା ଓ ମାଜିଷ୍ଟ୍ରେଟ ଆଗରେ ମିଛ ବୟାନ ରଖିବାକୁ ଚାପ ପକାଇଥିବା ଭଳି ସଙ୍ଗିନ ଅଭିଯୋଗ କରିଛନ୍ତି। ତେବେ ଏହା କେତେ ଦୂର ସତ୍ୟ ତାହା ତଦନ୍ତ ପରେ ଜଣାପଡ଼ିବ। ଏନେଇ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କୁ ପଚାରିବାରୁ ଏହି ସବୁ ଅଭିଯୋଗ ମିଥ୍ୟା ଓ ଭିତ୍ତିହୀନ। ନିଜେ ପୀଡିତା ନିଜ ହିସାବରେ ବୟାନ ରଖିଛନ୍ତି। ପୂର୍ବରୁ ମଧ ଟଙ୍କା ମାଗିବା ଅଭିଯୋଗ ମିଛ ଥିଲା। କିଛି ଲୋକ ମିଶି ତାଙ୍କୁ ଏହିଭଳି ଅଭିଯୋଗ ଆଣିବାକୁ ପ୍ରୋତ୍ସାହିତ କରୁଥିବା କହିଛନ୍ତି।

# ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଦେଓଗାଁ, ୧୩।୮ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ଐତିହାସିକ ପର୍ଯ୍ୟଟନସ୍ଥଳୀ ଭୀମପାହାଡ଼ ଓ ଚାନ୍ଦଲିପାହାଡ଼ର ଉନ୍ନତିକରଣ ପାଇଁ ଉଭୟ ମହୋତ୍ସବ କମିଟୀର କର୍ମକର୍ତ୍ତା ମଙ୍ଗଳବାର ବଲାଙ୍ଗିର ସର୍କିଟହାଉସ ଠାରେ ଉପମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ, ମହିଳା ଓ ଶିଶୁ କଲ୍ୟାଣ ବିଭାଗର ମନ୍ତ୍ରୀ ପ୍ରଭାତୀ ପରିଡ଼ା ବଲାଙ୍ଗିର ଗସ୍ତରେ ଆସିଥିବା ବେଳେ ଉଭୟ ଭୀମପାହାଡ଼ ଓ ଚାନ୍ଦିଲିପାହାଡ଼ ମହୋତ୍ସବ କମିଟୀର ପ୍ରତିନିଧିଦଳ ସାକ୍ଷାତ କରି ଉକ୍ତ ପର୍ଯ୍ୟଟନସ୍ଥଳୀ ବର୍ତ୍ତମାନ ଦେଓଗାଁ ବ୍ଲକ ତଥା ଆଖପାଖ ଅଞ୍ଚଳର ସାମଗ୍ରୀକ ବିକାଶରକେନ୍ଦ୍ର ହୋଇଥିବା ନେଇ ଅବଗତ କରିଥିବା ବେଳେ ଏହାରଅନେକ ଉନ୍ନୟନ କାମର ଆବଶ୍ୟକତା ରହିଥିବାରୁ ଅତିକମରେ ୧୫କୋଟି ଲେଖାଏଁ ଅନୁଦାନ ଯୋଗାଇଦେବାକୁ ପ୍ରତିନିଧିଦଳ ଦାବି କରିଛନ୍ତି। ପ୍ରତିନିଧିଦଳରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ପ୍ରମୋଦ କୁମାର ବହିଦାର, ଗୋବର୍ଦ୍ଧନ ସାହୁ, ଅଭିମନ୍ୟୁ ମାଝୀ, ମକୁନ୍ଦପୁର ସରପଞ୍ଚ ଜାନକୀ ସାହୁ, ଚାନ୍ଦିଲିପାହାଡ଼ କମିଟୀର ଘସିରାମ ରଣା, ପ୍ରଦ୍ୟୁମ୍ନ ଷଡଙ୍ଗି, ଜ୍ୟୋତ୍ସ୍ନା ନାଏକ, ରାଜୁ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ବେଲପଡ଼ା କଲେଜରେ ନିଶାମୁକ୍ତ କ୍ୟାମ୍ପସ ସଚେତନତା


ବେଲପଡ଼ା, ୧୩।୮ (ସମିସ): ଯୁବ ରେଡ୍‌କ୍ରସ ଉପଦେଷ୍ଟା ସୁଦାମ ଚନ୍ଦ୍ର ମହାପାତ୍ରଙ୍କ ଆହ୍ୱାନ କ୍ରମେ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟରେ ନିଶାମୁକ୍ତ କ୍ୟାମ୍ପାସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ଗାୟତ୍ରୀ ପରିବାରର କଣ୍ଟାବାଞ୍ଜି ସଂକୁଳ ପ୍ରମୁଖ ଶ୍ରୀମାନ ଟଙ୍କଧର ଓ ଘାସିରାମ ଛୁରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଶାର କୁପରିମାଣ ଉପରେ ଛାତ୍ରଛାତ୍ରୀଙ୍କୁ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ଅନ୍ୟତମ ବକ୍ତା ଭାବେ ଅଧ୍ୟାପକ ଅମୀୟ କୁମାର ବାବୁ ନିଜର ଅଭିଭାଷଣ ରଖିଥିଲେ। ଅଧ୍ୟକ୍ଷ ଶ୍ରୀମାନ ସୁରେଶ ଚନ୍ଦ୍ର ମେହେର ନିଶା ରୂପକ ବିଷରୁ ଯୁବ ସମାଜ କିପରି ମୁକ୍ତି ପାଇବେ, ସେ ବିଷୟରେ ସୂଚନା ଦେଇଥିଲେ। ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ନେତା ସଦାନନ୍ଦ ପ୍ରଧାନଙ୍କ ପରଲୋକ



ବୌଦ୍ଧ, ୧୩।୮ (ସମିସ): ବୌଦ୍ଧ ବ୍ଲକ ପଦ୍ମନପୁର ଗ୍ରାମର ବରିଷ୍ଠ ବିଜେଡି ନେତା ତଥା ଗୌନ୍ତିଆ ସଦାନନ୍ଦ ପ୍ରଧାନଙ୍କ ୭୪ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇ ଯାଇଛି। ଦୀର୍ଘ ଦିନ ହେଲା ସେ ଅସୁସ୍ଥ ଥିଲେ। ମଙ୍ଗଳବାର ସ୍ୱାସ୍ଥ୍ୟରେ ଅବନତି ହେବାରୁ ଘର ଲୋକେ ତାଙ୍କୁ ବୌଦ୍ଧ ମେଡିକାଲକୁ ନେଇଥିଲେ। ସେଠାରେ ଗୁରୁତର ହେବାରୁ ତାଙ୍କୁ ବୁର୍ଲା ନେଉଥିବା ବେଳେ କଦଳୀଗଡ଼ ନିକଟରେ ହୃଦଘାତରେ ପରଲୋକ ଘଟିଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ବଡ଼ ପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ ଶୋକ ପ୍ରକାଶ କରିଛନ୍ତି।

# ସାମ୍ବାଦିକ ଅରବିନ୍ଦ ମିଶ୍ରଙ୍କ ପତ୍ନୀ ବିୟୋଗ



ଡୁଙ୍ଗୁରିପାଲି, ୧୩।୮ (ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମଝିମୁଣ୍ଡା ଗ୍ରାମର ସାମ୍ବାଦିକ ଅରବିନ୍ଦ ମିଶ୍ରଙ୍କ ପତ୍ନୀ ସୋନାଲି ମିଶ୍ରଙ୍କ ବିୟୋଗ ହୋଇଯାଇଛି। ପୁଅ ଆୟୁଷ ମିଶ୍ର ମୁଖାଗ୍ନି ଦେଇଥିଲେ।

# ତେଲିବନ୍ଧ ହାଇସ୍କୁଲ, ଦେଓଗାଁ ଡିଗ୍ରୀ କଲେଜରେ ସଂସ୍କୃତ ସପ୍ତାହ

ବୌଦ୍ଧ, ୧୩।୮ (ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗତ ୬ ତାରିଖରୁ ଚାଲିଥିବା ସଂସ୍କୃତ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ସପ୍ତାହ ବ୍ୟାପି ସଂସ୍କୃତ ବକ୍ତୃତା, ସଂସ୍କୃତ ଶ୍ଳୋକ, ସଂସ୍କୃତ ପ୍ରବନ୍ଧ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟତ୍ରୀ ସୌଦାମିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସଂସ୍କୃତ ଶିକ୍ଷକ ଅଶୋକ ପ୍ରଧାନ, ଶିକ୍ଷୟିତ୍ରୀ ତରଙ୍ଗିନୀ ବେହେରା, ଶିକ୍ଷକ ପ୍ରଦୀପ୍ତ ଉର୍ମା, ଶମ୍ଭୁ ଗିରି, ସୁବାଷ ଚନ୍ଦ୍ର ପ୍ରଧାନ, ସଞ୍ଜୟ ନାଏକ ପ୍ରମୁଖ ସଂସ୍କୃତ ଭାଷାର ମହତ୍ୱ ଓ ବୈଜ୍ଞାନୀକ ପକ୍ଷ ଉପରେ ବକ୍ତବ୍ୟ ରଖିଥିଲେ। ସମସ୍ତ ଭାଷାର ଜନନୀ ହେଉଛି ସଂସ୍କୃତ ଭାଷା। ସଂସ୍କୃତ ବିନା ସଂସ୍କୃତିର କଳ୍ପନା କରାଯାଇ ନ ପାରେ ବୋଲି କହିଥିଲେ। ଶିକ୍ଷକ ଅଂଶୁମାନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ରଶ୍ମିତା ସାହୁ, ଗାୟତ୍ରୀ ବେହେରା, ଭୂମିସୂତା ବୈଶ୍ୟ, ଶୁଭ୍ରାଂଶୁ ଶେଖର ସାହୁ, କିରାଣୀ ରବୀନ୍ଦ୍ର ବେଜୀ ସହଯୋଗ କରିଥିଲେ।

**ଦେଓଗାଁ:** ବଲାଙ୍ଗିର ଜିଲ୍ଲା ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ଅଧ୍ୟାପକ ଆଶିଷ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କଲେଜର ଅଧ୍ୟକ୍ଷ ରମେଶଚନ୍ଦ୍ର ପ୍ରଧାନୀ, ମୁଖ୍ୟବକ୍ତା ରାଜନୀତି ବିଜ୍ଞାନ




ପ୍ରାଧ୍ୟାପକ ଡ. ସୁରେଶ ପ୍ରସାଦ ଷଡଙ୍ଗୀ ଓ ସମ୍ମାନିତ ଅତିଥି ଭାବେ ସଂସ୍କୃତ ବିଭାଗର ଅଧ୍ୟାପକ ସନାତନ ନାଗ ପ୍ରମୁଖ ଯୋଗଦେଇ ସଂସ୍କୃତ ଭାଷାର ମହତ୍ୱ, ଉତ୍ପତି, କ୍ରମବିକାଶ ତଥା ସାମ୍ପ୍ରତିକ ପରିସ୍ଥିତିରେ ଏହାର ତାତ୍ପର୍ଯ୍ୟ ଉପରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ସନତ କୁମାର ରଥ, ସରୋଜ ମହାନ୍ତି, ମଳୟ ରଣା, ମଞ୍ଜରୀ ପୋଢ, ମହେଶ ମେହେର, ସାରଦା ଭଞ୍ଜଦେ, ଟିକି ଦଲାଇ, ପରିମା ସା, ସରୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ହର୍ ଘର୍ ତିରଙ୍ଗା, ସ୍ୱଚ୍ଛତା କାର୍ଯ୍ୟକ୍ରମ

ଶଗଡ଼ା, ୧୩।୮ (ସମିସ)

କଣ୍ଟାମାଳ ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ହର୍ ଘର୍ ତିରଙ୍ଗା, ହର ଘର୍ ସ୍ୱଚ୍ଛତା ସଚେତନତା ଶୋଭାଯାତ୍ରା ଓ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ପଙ୍କଜିନୀ ମିଶ୍ର, ବିଆରସିସି ଅର୍ଜୁନ ଦାସ, ଉଦ୍ଧବ କାଲସେ, ପୁରନ୍ଦର ମେହେର, ମଞ୍ଜୁଶ୍ରୀ ପ୍ରଧାନ, ନିହାରିକା ପଣ୍ଡା, ସତ୍ୟଭାମା ନାଏକ, ସଂଯୁକ୍ତା ସାହୁ, ରଞ୍ଜୁଲତା ସାହୁ, ବିରଞ୍ଚି ସାହୁ, ଶେଫାଳି ପାତ୍ର, ଦେବେନ୍ଦ୍ର ମାଝୀ, ଘଣ୍ଟାପଡ଼ା ମଣ୍ଡଳର ସମସ୍ତ ଅଙ୍ଗନୱାଡି କର୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଖଲିଆପାଲି ପଞ୍ଚାୟତ ଟିକିରାପରା ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଏଲସି ରାଧାରାଣୀ ନାଏକ, ଏମବିକେ ଲକ୍ଷ୍ମୀ ନାଏକ, ସିଆରପି ରଶ୍ମିତା ମନ ହୀରା, ୱାର୍ଡମେମ୍ବର ମତି ଲାଲ ରଣା, ଜିପିଏଲଏଫ ସଭାନେତ୍ରୀ ସୁମିତ୍ରା ଜାଲ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ନାରାୟଣ ପ୍ରସାଦ ସରପଞ୍ଚ ତାରାକାନ୍ତି ମାଝୀ, ଯୋଗାଣ ସହାୟକ ଜ୍ଞାନ ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ବ୍ଲକ ରକସା ପଞ୍ଚାୟତର ଦହ୍ୟାରେ ମଧ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ସ୍ଥାନୀୟ ହାଇସ୍କୁଲ ପରିସରରେ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଚାରାରୋପଣ କରିଥିଲେ। ପରେ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଏଥିରେ ସ୍ଥାନୀୟ କଲେଜ ଓ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ସହ ଜନସାଧାରଣ ସାମିଲ ହୋଇଥିଲେ। ପରେ ମନ୍ତ୍ରୀ ଶ୍ରୀ ମହାପାତ୍ର କିରାଶିରାସ୍ଥିତ ଜୀବନ ବିକାଶ ଡିଗ୍ରୀ କଲେଜର ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଏସ୍‌ପି ରାହୁଲ ଗୋଏଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରି ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଉପାଧ୍ୟକ୍ଷା ପାନେଶ୍ୱରୀ ଦେହୁରୀ, ସରୋଜ ମେହେର, ଜିଲ୍ଲା ପରିଷଦ ସଭ୍ୟ ଇଂ ରାକେଶ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ, ମନୁପାଲି ସରପଞ୍ଚ ଭାରତୀ ମଲ୍ଲିକ, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ବୌଦ୍ଧ ଏବିଇଓ ପ୍ରବୀର ରଥ, ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ଚିତ୍ତରଞ୍ଜନ ପାତ୍ର, ବିପ୍ରଚରଣ ମହାନ୍ତି, ମନୋରଞ୍ଜନ ଦାଶ, ମାଗୁଣି ଗାଇଗୌରୀଆ, ସୁଶାନ୍ତ ବାଘ, ଅଟଳ ପ୍ରଧାନ, ଶେଷ ମେହେର, ଶରତ କର୍ଣ୍ଣ, କିଶୋର ମେହେର, ଶୁଭ୍ରାଂଶୁ ଡାଙ୍ଗ, ଗୋପୀନାଥ କହଁର ପ୍ରମୁଖ ସାମିଲ ହୋଇଥିଲେ।

# ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରା

**ବୌଦ୍ଧ, ୧୩।୮ (ସମିସ):** ବୌଦ୍ଧ ବିଧାନସଭା କ୍ଷେତ୍ରର ମୁଣ୍ଡାପଡ଼ା ମଣ୍ଡଳ ବଘିଆପଡ଼ା ଠାରେ ଆୟୋଜିତ ତ୍ରିରଙ୍ଗା ପଦଯାତ୍ରାରେ ବିଜେପି ମଣ୍ଡଳ ସଭାପତି ରଞ୍ଜନ ଖଟୁଆଙ୍କ ନେତୃତ୍ୱରେ ଜିଲ୍ଲା ବିଜେପିର ପର୍ଯ୍ୟବେକ୍ଷକ




ତଥା ବରିଷ୍ଠ ବିଜେପି ନେତା ତଥା ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁଶାନ୍ତ ବାଘ, ଦୀପିକା ନାଏକ, ଆରତୀ ମହାକୁଳ, ଯଶୋଦା ପୃଷ୍ଟି, ତଥାଗତ କର୍ଣ୍ଣ, ଅଜିତ ବାଘ, ମୃତ୍ୟୁଞ୍ଜୟ ପୃଷ୍ଟି, ସଞ୍ଜିତ ପ୍ରଧାନ, ବୀରେନ୍ଦ୍ର ସାହୁ, ପ୍ରକାଶ ସାହୁ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

**ମନମୁଣ୍ଡା:** ମନମୁଣ୍ଡାରେ ଆଜି ବିରାଟ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡ଼ାଙ୍ଗଙ୍କ ଦିଗଦର୍ଶନ ଓ ବରିଷ୍ଠ ବିଜେପି ନେତା ଶିବ ନାରାୟଣ ଚୌଳିଆଙ୍କ ନେତୃତ୍ୱ, ଯୁବ ନେତା ଦେବେନ୍ଦ୍ର ନଇଙ୍କ ପରିଚାଳନା କ୍ରମେ ଘରେ ଘରେ ତ୍ରିରଙ୍ଗା, ଘରେ ଘରେ ସ୍ୱଚ୍ଛତାର ବାର୍ତ୍ତା ନେଇ ଏହି ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇଥିଲା। ମନମୁଣ୍ଡା, ଗୁଡ଼ଭେଲିପଦର, ବିଲାସପୁର, ବରଗୋଛା, ସୁଣ୍ଡିପଦର, ଘିକୁଣ୍ଡୀ, ଖଟଖଟିଆ, ଯୋଗିନ୍ଦ୍ରପୁର ଆଦି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ହାତରେ ତ୍ରିରଙ୍ଗା ପତାକା ଧାରଣ କରି ଦେଶାତ୍ମବୋଧ ସଙ୍ଗୀତର ତାଳେ ତାଳେ ଜାତୀୟ ରାଜପଥ ୫୭ ବାସୁଦେବପାଲି ମା' ମାଉଲି ପୀଠରେ ପହଞ୍ଚିଥିଲେ। ସେଠାରୁ ମନମୁଣ୍ଡା ସହର ସୁବର୍ଣ୍ଣପାଲି ଦେଇ ଦେଉଳି ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଏହି ଅବସରରେ ବିଜେପି ପକ୍ଷରୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା।






**ତରଭା:** ତରଭା ବ୍ଲକ ଓ ନଗର ବିଜେପି ତରଫରୁ ବୁଧବାର ହର ଘର ତିରଙ୍ଗା ଓ ହର ଘର ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ତରଭା ମଣ୍ଡଳ ନଗର ସଭାପତି ମାନସ କୁମାର ସାହୁ, ଜିଲ୍ଲା ସଭାପତି ବେଣୁଧର ଦାସ, ଉପସଭାପତି ରାମନାରାୟଣ ବେଜ, ପୂର୍ବତନ ଜିଲ୍ଲା ସଭାପତି ସୁରେଶ ଚନ୍ଦ୍ର ମହଲା, ଜିଲ୍ଲା ମିଡିଆସେଲ ସଂଯୋଜକ କଲ୍ୟାଣ ନାଏକ, ମେଣ୍ଡା ମଣ୍ଡଳ ସଭାପତି ଭୁବନାନନ୍ଦ ବାଦି, କମସରା ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସୌଭାଗ୍ୟ ବିନ୍ଧାଣି, ଧର୍ମରାଜ ନାଏକ, ଜିତେନ୍ଦ୍ରିୟ ତ୍ରିପାଠୀ, ମାଦୁରାମ କଲତାଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରୁ ଏକ ତ୍ରିରଙ୍ଗା ଯାତ୍ରାରେ ସହର ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ବାସଗୃହ ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କୁ ମାଗଣାରେ ଜାତୀୟ ପତାକା ବଣ୍ଟନ କରାଯାଇଥିଲା।

**ଶଗଡ଼ା:** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକସଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି କନ୍ଧମାଳ ସହର



ପରିକ୍ରମା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜୁନିଅର୍ ରେଡକ୍ରସ ପରାମର୍ଶଦାତା ତଥା ଶିକ୍ଷକ ବନମାଳୀ ମେହେର ସମ୍ପାଦନା କରିଥିଲେ। ଶେଷରେ ଶିକ୍ଷକ ଆଲୋକ କୁମାର ପରିଡ଼ିଆ ଧନ୍ୟବାଦ ଅର୍ପଣ କରିଥିଲେ।

**ବିନିକା:** ବିଜେପି ତରଫରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ସ୍ଥାନୀୟ ବିନିକା ସ୍ଥିତ ଯୋଗେଶ୍ୱର ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ପରେ ଶୋଭାଯାତ୍ରା ସିନ୍ଦୂରପୁର, ବିସାଲପାଲି, ମହୁଲ ପାଲି, ଭଣ୍ଡାର, ସିଲାଟି, ମେଘେଲା, କୌଡ଼ିଆମୁଣ୍ଡା, ଶଙ୍କରା, ଚରଦା ଗ୍ରାମ ପରିକ୍ରମା କରିଥିଲା। ଜିଲ୍ଲା ବିଜେପି ଉପସଭାପତି ଅଶୋକ ପୃଷ୍ଟିଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଏଥିରେ ସାମିଲ ହୋଇଥିଲେ।

## ଦୁଇ ବୋଲେରୋ ମୁହାଁମୁହିଁ ଧକ୍କା; ଜଣେ ଗୁରୁତର

**ବିନିକା, ୧୩।୮ (ସମିସ):** ବିନିକା-ସୋନପୁର ମୁଖ୍ୟ ରାସ୍ତାର ସଂସାମୁରା ଛକରେ ବୁଧବାର ଦୁଇ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଗୁରୁତର ଆହତ ହୋଇ ସୋନପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ, ବିନିକା ପଟରୁ ଶିକ୍ଷା ଉପକରଣ ସାମଗ୍ରୀ ଧରି ତରଭାକୁ ଯାଉଥିବା ଓଡି-୦୫ ଏଫ୍ ୩୦୩୨ ନମ୍ବର ବିଶିଷ୍ଟ ବୋଲେରୋକୁ ବିପରୀତ ସୋନପୁର ପଟରୁ ଆସୁଥିବା ଓଆର୍-୦୩ ଜେ-୦୫୫୨ ନମ୍ବର ବିଶିଷ୍ଟ ବୋଲୋରୋ ଧକ୍କା ଦେଇଥିଲା। ଏଥିରେ ସୋନପୁର ପଟରୁ ଆସୁଥିବା ଗାଡି ଚାଳକଙ୍କ ଅବସ୍ଥା ଗୁରୁତର ରହିଛି। ଘଟଣା ସ୍ଥଳରେ ମହାଦେବପାଲି ପୁଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଗୁରୁତର ଆହତ ଡ୍ରାଇଭରକୁ ସୋନେପୁର ମୁଖ୍ୟ ଚିକିତ୍ସାଳୟ ପଠାଇଥିବା ଜଣାପଡ଼ିଛି।

## ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ଜାରି

**ବୌଦ୍ଧ, ୧୩।୮ (ସମିସ):** ରାଜ୍ୟ ଅମଲା ସଂଘ ଆହ୍ୱାନକ୍ରମେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ବୌଦ୍ଧ ଜିଲ୍ଲା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ଆଜି ତୃତୀୟ ଦିନରେ ପହଞ୍ଚିଛି। ଅମଲାମାନେ ସମୂହ ଛୁଟିରେ ରହି ୧୦ ଦଫା ଦାବିନେଇ ଆନ୍ଦୋଳନରେ ବସିଛନ୍ତି। ସେମାନଙ୍କ ଦାବି ମଧ୍ୟରେ ମୂଳ ଦରମାକୁ ଲେବଲ-୯ କରିବା, ସଦ୍ୟ ପ୍ରକାଶିତ କ୍ୟାଡର ରୁଲକୁ ପ୍ରତ୍ୟାହାର କରି ଓଆରଏସର ସଂଶୋଧନକୁ ବିରୋଧ, ୨୦୨୦ ମସିହାର ଆର୍ ଏ ରୁଲକୁ ପ୍ରତ୍ୟାହାର କରି ପୁରୁଣା ନିୟମ ଲାଗୁକରିବା, ପ୍ରତ୍ୟେକ କର୍ମଚାରୀଙ୍କୁ ୨୦ଲକ୍ଷ ଟଙ୍କା ବୀମା ଦେବା ପ୍ରମୁଖ ରହିଛି। ଅମଲାମାନେ ଆନ୍ଦୋଳନରେ ସାମିଲ ହୋଇଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବୌଦ୍ଧ ଜିଲ୍ଲା ରାଜସ୍ୱ ଅମଲା ସଂଘର ସଭାପତି ମାନସ ରଞ୍ଜନ ସେଠୀ, ସମ୍ପାଦକ ପ୍ରେମାନନ୍ଦ ମେହେର, ସଂଘର ଉପଦେଷ୍ଟା ନିରଞ୍ଜନ ପାଢ଼ୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ବେହେରାଙ୍କ ସମେତ ଜିଲ୍ଲାର ଶତାଧିକ ରାଜସ୍ୱ ଅମଲା ଏଥିରେ ସାମିଲ ହୋଇଛନ୍ତି।

## ଦିଲ୍ଲୀ ସ୍ୱାଧୀନତା ଦିବସ ପାଇଁ ଗୁଦ୍ଭୁଲିଆ ସରପଞ୍ଚଙ୍କୁ ନିମନ୍ତ୍ରଣ



**ଶଗଡ଼ା, ୧୩।୮ (ସମିସ):** ବୌଦ୍ଧ ବ୍ଲକ ଗୁଦ୍ଭୁଲିଆ ପଞ୍ଚାୟତର ସରପଞ୍ଚ ଧବଳେଶ୍ୱର ସିଂଙ୍କୁ ଦିଲ୍ଲୀରେ ସ୍ୱାଧୀନତା ଦିବସ ଅବସରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବାକୁ ନିମନ୍ତ୍ରଣ ହୋଇଛି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ତଥା ପାନୀୟ ଜଳ ବିଭାଗ ପକ୍ଷରୁ ଏନେଇ ବୌଦ୍ଧ ଜିଲ୍ଲା ପରିଷଦ ସିଡିଓଙ୍କୁ ଚିଠି ହୋଇଥିଲା। ଏଥିସହ ସରପଞ୍ଚ ଶ୍ରୀ ସିଂଙ୍କୁ ଆସନ୍ତା ୭୯ତମ ସ୍ୱାଧୀନତା ଦିବସ ଅବସରରେ ଦିଲ୍ଲୀ ଲାଲକିଲ୍ଲାଠାରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବାକୁ ନିମନ୍ତ୍ରଣ ହୋଇଥିବା ଜଣାଇବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି। ଉକ୍ତ ଜାତୀୟ ସମାରୋହରେ ସାରା ରାଜ୍ୟରୁ ୧୧ ଜଣ ସରପଞ୍ଚ ଯାଉଥିବା ବେଳେ ଶ୍ରୀ ସିଂ ଜିଲ୍ଲାର ପ୍ରଥମ ସରପଞ୍ଚ ଭାବେ ନିମନ୍ତ୍ରିତ ହୋଇଛନ୍ତି। ଏହି ଅବସରରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଶ୍ରୀ ସିଂ ଆଜି ଭୁବନେଶ୍ୱର ଯାଉଥିବା ବେଳେ ଗୁରୁବାର ଦିଲ୍ଲୀ ଅଭିମୁଖେ ଯିବେ ବୋଲି ଜଣାପଡ଼ିଛି।

## ଜାତୀୟ କୃମିନାଶକ ଦିବସର ଶୁଭାରମ୍ଭ

**ବିନିକା, ୧୩।୮ (ସମିସ):** ସ୍ୱାସ୍ଥ୍ୟ ସମିତି ସୁବର୍ଣ୍ଣପୁର ତରଫରୁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ତ ସିନ୍ଦୂରପୁର ଶ୍ରୀଗୋପାଳଜୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ କୃମି ନାଶକ ଦିବସର ଶୁଭାରମ୍ଭ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ (ବୈଷୟିକ) ଡା.ନିରୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୈତ୍ୟ ନାରାୟଣ ପାଢ଼ୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଅଦାବର, ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକ୍ଷକ ଡ଼ା. ସତ୍ୟନାରାୟଣ ପାଣିଗ୍ରାହୀ, ପିଟିସିଏନ୍ଏଚ୍ଏମ୍ ସତିକାନ୍ତ ପଣ୍ଡା, କଂସଲଟାଣ୍ଟ ସୁଶାନ୍ତ ପଣ୍ଡା, ସିନ୍ଦୂରପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୁନିମା ସୁନା ମଞ୍ଚାସୀନ ଥିଲେ। କୃମି ଦ୍ୱାରା ଆକ୍ରାନ୍ତ ଶିଶୁର ଶାରୀରିକ ଓ ମାନସିକ ବିକାଶ ବାଧା ପ୍ରାପ୍ତ ହୋଇଥାଏ ଓ ଏହା ରକ୍ତହୀନତା ଓ ପୌଷ୍ଟିକ ଆସନ୍ତୁଳନ କରିଥାଏ ବୋଲି କହିବା ସହ ବର୍ଷକୁ ଦୁଇଥର ଅଗଷ୍ଟ ଓ ଫେବୃଆରୀ ମାସରେ ସରକାରଙ୍କ ଦ୍ୱାରା ବିନା ମୂଲ୍ୟରେ ଦିଆଯାଉଥିବା ଏହି ଔଷଧକୁ ୧ ରୁ ୧୯ବର୍ଷ ବୟସର ଯୋଗ୍ୟ ବିବେଚିତ



ଉପଭୋକ୍ତା ନିଶ୍ଚୟ ଖାଇବା ଉଚିତ ବୋଲି ଅତିଥି ମାନେ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ବିନିକା ବ୍ଲକରେ ମୋଟ ୨୮ ୬୦୩ ଜଣ ଅଲବେଣ୍ଡାଜୋଲ ଟେବେଲେଟ ବା କୃମିନାଶକ ବଟିକା ଖାଇବେ ବୋଲି ଚୂଡାନ୍ତ ହୋଇଥିବା ସୂଚାଯାଇଛି।

## ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର

**ବୌଦ୍ଧ, ୧୩।୮ (ସମିସ):** ଜିଲ୍ଲାର ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗାୟତ୍ରୀ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଦିବସୀୟ ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ




ହୋଇଯାଇଛି। ମୁଖ୍ୟଅତିଥି ରୂପେ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ତଥା ପ୍ରାଥମିକ ଚିକିତ୍ସା ସାଧନକର୍ମୀ ନବ କିଶୋର ଦୀପ ଯୋଗ ଦେଇ ଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସାର ଆବଶ୍ୟକତା ବିଷୟରେ ବିସ୍ତୃତ ଭାବରେ ଉପସ୍ଥାପନା କରିଥିଲେ। ବିଶେଷ କରି ସାପ କାମୁଡିବା, ମୂର୍ଚ୍ଛା ହେବା, ନିଆଁ ରୁ ରକ୍ଷା, ହୃଦ୍ ଘାତ, ଗଳାରେ ଯେକୌଣସି ଜିନିଷ ଅଟକି ଗଲେ, ରକ୍ତସ୍ରାବ ଆଦିର ପ୍ରାଥମିକ ଚିକିତ୍ସା ବିଷୟରେ ଛାତ୍ରମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସଚେତନ କରାଇଥିଲେ। ବାଳକୃଷ୍ଣ ମହାକୁଡ଼ ମଞ୍ଚ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଅର୍ଚ୍ଚନା ମହାନ୍ତି, ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ, ସୁନିଲ ପ୍ରଧାନ, ରାଜେଶ୍ କୁମାର ପାତ୍ର, ଶିକ୍ଷୟିତ୍ରୀ ଶ୍ରୀମତୀ ଅର୍ପିତା ପଣ୍ଡା, ସୁଜାତା ପ୍ରଧାନ, ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଜୁନିୟର ରେଡକ୍ରସ ପରାମର୍ଶଦାତା ତଥା ବୌଦ୍ଧ ବ୍ଲକ ସଂଯୋଜକ ମନଜିତ୍ ମୋହନ୍ ଚାନ୍ଦ କାର୍ଯ୍ୟକ୍ରମରେ ସହଯୋଗ କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଜନ ପ୍ରତିନିଧିଙ୍କ ଗାଡିକୁ ଆକ୍ରମଣ

**ସୋନପୁର, ୧୩।୮ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ଜନ ପ୍ରତିନିଧିଙ୍କ ଗାଡି ଉପରକୁ ଦୁର୍ବୃତ୍ତମାନେ ଆକ୍ରମଣ କରିଛନ୍ତି। ଦୁର୍ବୃତ୍ତଙ୍କ ଆକ୍ରମଣରେ ଜନ ପ୍ରତିନିଧିଙ୍କୁ ନେଇ ଯାଉଥିବା ଦୁଇ ଗାଡି ଚୁରମାର ହେବା ସହ କିଛି ଜନ ପ୍ରତିନିଧି ଆହତ ହୋଇଛନ୍ତି। ସୋନପୁର ଥାନାରେ ଜନ ପ୍ରତିନିଧିମାନେ ଏନେଇ ଏତଲା ଦେଇଥିବା ଜଣାପଡ଼ିଛି। ସୁଚନାନୁଯାୟୀ, ସନ୍ଧ୍ୟା ସମୟରେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବିଜେଡି ଜିଲ୍ଲା ସଭାପତି ସରୋଜ କମ୍ପଙ୍କ ସମେତ ତରଭା ବ୍ଲକର ସରପଞ୍ଚ ଓ ସମିତି ସଭ୍ୟ ଚାରିଗୋଟି ଗାଡିରେ ସୋନପୁର ଜିଲ୍ଲାପାଳଙ୍କୁ ଭେଟିବାକୁ ବାହାରିଥିଲେ। ତେବେ ସୋନପୁର ବ୍ଲକ ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସଂଯୋଗ ରାସ୍ତାର ପଟାଭାଡି ଛକରେ ହଠାତ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ନେଇ ଯାଉଥିବା ଦୁଇ କାରକୁ କୋଡିଏରୁ ପଚିଶ ଜଣ ଦୁର୍ବୃତ୍ତ ଅଟକାଇ ଆକ୍ରମଣ କରିଥିଲେ। ଅଜଣା ଦୁର୍ବୃତ୍ତମାନେ ଠେଙ୍ଗା, ଲୁହାରଡ଼, ଭୁଜାଲି ଏବଂ ଖଣ୍ଡା ଭଳି ମାରଣାସ୍ତ୍ରରେ ଆକ୍ରମଣ କରିବା ଫଳରେ ଦୁଇଗାଡି ଚୁରମାର ହୋଇଛି। କିଛି ଜନ ପ୍ରତିନିଧି ମଧ୍ୟ ଆହତ ହୋଇଥିବା ଜଣାଯାଇଛି। ଆକ୍ରମଣର କାରଣ ସ୍ପଷ୍ଟ ହୋଇନାହିଁ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ଗାଡିକୁ



ଜବତ କରି ତଦନ୍ତ ଆରମ୍ଭ କରିଛି। ସେପଟେ ବ୍ଲକ ଅଧ୍ୟକ୍ଷଙ୍କ ସମେତ ଅନ୍ୟ ଜନ ପ୍ରତିନିଧିମାନେ ସୋନପୁର ଥାନାରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

## ହର୍ ଘର ତିରଙ୍ଗା ସାଇକଲ ଶୋଭାଯାତ୍ରା

**ବୌଦ୍ଧ, ୧୩।୮ (ସମିସ):** ଜିଲ୍ଲାସ୍ତରୀୟ ୭୯ ତମ ସ୍ୱାଧୀନତା ଦିବସ ସମାରୋହ ପାଳନ ଉପଲକ୍ଷେ ଆଜି ଜିଲ୍ଲା ଷ୍ଟାଡିଅମ ଠାରୁ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ସାଇକେଲ ଶୋଭାଯାତ୍ରା ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ସବୁଜ ପତାକା ଦେଖାଇ ସାଇକେଲ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲାପାଳ ଶ୍ରୀ ନାୟକଙ୍କ ସହିତ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ



ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ଶିକ୍ଷାଅଧିକାରୀ ଟେମଲାଲ୍ ଦୁବେ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ଏହି ଅତିଥି ମାନେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ସହ ସାଇକେଲ ଚଳାଇ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସହରର ବିଭିନ୍ନ ଛକ ଦେଇ ଏହି ତ୍ରିରଙ୍ଗା ଶୋଭାଯାତ୍ରା ପୁଣି ଷ୍ଟାଡିୟମରେ ପହଞ୍ଚିଥିଲା। କାର୍ଯ୍ୟକ୍ରମକୁ ଅଧାପକ ପ୍ରବୀର କୁମାର ଦାସ ସଂଯୋଜନା କରିଥିଲେ।

## ନିଶା ମୁକ୍ତ ଓ ସ୍ୱଚ୍ଛତାକୁ ନେଇ ଶପଥ ପାଠ



**ବୌଦ୍ଧ, ୧୩।୮ (ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଶାମୁକ୍ତ ଓ ସ୍ୱଚ୍ଛ ଭାରତ ଅଭିଯାନର ଶପଥ ପାଠ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ନିଶା ମୁକ୍ତ ଭାରତ ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ ଦେବା ସହିତ ନିଶା ସେବନରୁ ଦୁରେଇ ରହିବା ପାଇଁ ଶପଥ ପାଠ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଲିଆରସିଂଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ

**ଡୁଙ୍ଗୁରିପାଲି, ୧୩।୮ (ସମିସ):** ଗଜବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପଞ୍ଚାନନ କମ୍ପଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନର




ପ୍ରାର୍ଥନା ସଭାରେ ଅର୍ଥ ସହିତ ଶୁଭଷିତ, ଦ୍ୱିତୀୟ ଦିନରେ ସୁଭାଷିତ କଣ୍ଠ ପାଠ ପ୍ରତିଯୋଗିତା, ତୃତୀୟ ଦିନରେ ସଂସ୍କୃତ ଗୀତ ପ୍ରତିଯୋଗିତା, ଚତୁର୍ଥ ଦିନରେ ସଂସ୍କୃତ ନାଟକ, ଗପ ଓ ସମ୍ଭାଷଣ ପ୍ରତିଯୋଗିତା, ପଞ୍ଚମ ଦିନରେ ସଂସ୍କୃତରେ ଅନୁବାଦ ପ୍ରତିଯୋଗିତା, ଷଷ୍ଠ ଦିନରେ ସଂସ୍କୃତ ପ୍ରଦର୍ଶନୀ, ସପ୍ତମ ଦିନରେ ସଂସ୍କୃତ ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଯୁଧିଷ୍ଠିର ରଣା, ଶଙ୍କର ପ୍ରସାଦ ଭୋଇ, ଶିକ୍ଷୟିତ୍ରୀ ପଦ୍ମାବତୀ ହାତୀ, ପ୍ରମିତା ପଧାନ, ଅମୁଲ୍ୟ ଝାଙ୍କର ସହଯୋଗ କରିଥିଲେ। ଭାରତୀୟ ସଭ୍ୟତା ଓ ସଂସ୍କୃତିରେ ସଂସ୍କୃତ ଭାଷାର ମହତ୍ତ୍ୱକୁ ବୁଝିବା ଓ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବା ଏହି ସପ୍ତାହ ପାଳନର ଲକ୍ଷ୍ୟ ଥିଲା। ସଂସ୍କୃତ ଶିକ୍ଷକ କଳାକାହ୍ନୁ ରଣା ସଭା ସଂଯୋଜନା କରିଥିବାବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

### ତରଭା ପଞ୍ଚାୟତ ସମିତି ବୈଠକ

## ସୋନପୁରରେ ଜନ ପ୍ରତିନିଧିଙ୍କ ଉପରେ ଆକ୍ରମଣକୁ ନିନ୍ଦା

ତରଭା, ୧୩।୮ (ସମିସ)





ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ସଭା ଗୃହରେ ବୁଧବାର ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ମଙ୍ଗଳବାର ସନ୍ଧ୍ୟାରେ ସୋନପୁର ଜିଲ୍ଲାପାଳଙ୍କୁ ଭେଟିବାକୁ ଯାଉଥିବା ତରଭା ବ୍ଲକର ଜନପ୍ରତିନିଧିମାନଙ୍କୁ ସୋନପୁର ପଟାଭାଡି ଛକ ନିକଟରେ ଦୁର୍ବୃତ୍ତମାନେ ଅଟକାଇ ଆକ୍ରମଣ କରିବା ସହ ଗାଡି ଭଙ୍ଗାରୁଜା କରିବା ଘଟଣାକୁ ବୈଠକରେ ଦୃଢ଼ ନିନ୍ଦା କରାଯାଇଥିଲା। ବିଡିଓ ଗଙ୍ଗାରାମ ବୁଡେକଙ୍କୁ ରାଜ୍ୟ ସରକାରଙ୍କ ଚିଠି ନଂ ୨୧/୯୨୬ ତା-୧୧/୦୮/୨୫ରେ ଓଡ଼ିଶା ସରକାର ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ କରାଯାଇଛି। ଚିଠି ନଂ ୪୨୪୦/୧୩/୦୮/୨୫ ସୁବର୍ଣ୍ଣପୁର ଜିଲ୍ଲାପରିଷଦଙ୍କ ପଞ୍ଚାୟତରାଜ ବିଭାଗର ନିର୍ଦ୍ଦେଶ ମତେ ବିଡିଓ ଶ୍ରୀ ବୁଡେକ୍ଙ୍କୁ ବ୍ଲକରୁ ରିଲିଫ କରି ଏବିଡିଓ ନିରଞ୍ଜନ ନାଏକଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଆଜିର ବୈଠକରେ ବିଭିନ୍ନ ପ୍ରକାରର ସମସ୍ୟା ନେଇ ନିର୍ବାଚିତ ପ୍ରତିନିଧିମାନେ ହୋ ହାଲ୍ଲା କରିଥିଲେ। ବିଗତ ଦିନରେ ସରକାର ବଦଳିବା ପରେ ତରଭା ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବର୍ତ୍ତମାନ ଠପ୍ ହୋଇଯାଇଛି। ଶ୍ରମିକମାନଙ୍କ ହାତ ଖାଲି ପଡ଼ିଛି, କାମ ପାଉନାହାଁନ୍ତି। ଏତଦବ୍ୟତୀତ ପ୍ରତିନିଧିମାନେ ସେମାନଙ୍କ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବମାନ ଆଗତ କରିଥିଲେ। ଏହି ବୈଠକରେ ସରପଞ୍ଚ ନର୍ମଦା ମିଶ୍ର, ଆର୍ତ୍ତତ୍ରାଣ ବଗର୍ତ୍ତୀ, ସୁଦାମ ଦିପ, ମନମୋହନ ସାହୁ, ଅଶ୍ୱିନୀ ବିଶି, ଉପାଧ୍ୟକ୍ଷା ଦ୍ୱାଦଶୀ କୁଅଁର, ସମିତି ସଭ୍ୟ ମନୋଜ ପଣ୍ଡା, ଘନଶ୍ୟାମ ଡାଙ୍ଗ, ଲୋକନାଥ ଦଳବେହେରା, ରାମ ସାହୁ, ମୂଜଲେମିନ ମହମ୍ମଦ, ମାନସୀ ଦଳବେହେରାଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ନଗର ଉନ୍ନୟନ ମନ୍ତ୍ରୀଙ୍କ ବୌଦ୍ଧ ସହରର ପରିଦର୍ଶନ

● ଅଳିଆ ଆବର୍ଜନା ଦେଖି ଅଧିକାରୀଙ୍କ ଉପରେ ବିଗିଡିଲେ

**ବୌଦ୍ଧ, ୧୩।୮ (ସମିସ):** ମଙ୍ଗଳବାର ସନ୍ଧ୍ୟାରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବୌଦ୍ଧ ସହରର ୧ ନମ୍ବର ଓ ୨ ନଂ ୱାର୍ଡ ପରିଭ୍ରମଣ କରିଥିଲେ। ଐତିହାସିକ ରାମେଶ୍ୱର ମନ୍ଦିରଠାରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ମନ୍ଦିର ପାର୍ଶ୍ୱରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ପୋଖରୀର ଦୃଶ୍ୟ ଦେଖି ବିରକ୍ତି ପ୍ରକାଶ କରିଥିଲେ। ଜିଲ୍ଲାପାଳ ଓ ଏନ୍ଏସିଙ୍କ ମିଳିତ ସହାୟତାରେ ପୋଖରୀର ଉନ୍ନତି ସହିତ ଭୋଗମଣ୍ଡପ ଓ ମିନିପାର୍କ ପାଇଁ ଖୁବ୍ଶୀଘ୍ର ଏକ ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏକ ନମ୍ବର ୱାର୍ଡର ମାଳିସାହି ଓ ଗାଇଗୋଠ ପଡ଼ିଆ ବସ୍ତି ପରିଦର୍ଶନ କରିଥିଲେ। କୌଣସି ଡ୍ରେନ ସଫା ହୋଇନଥିବା ବେଳେ ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦେଖିବାକୁ ପାଇଥିଲେ। ଏନେଇ ଦାୟିତ୍ୱରେ ରହିଥିବା ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରୀ ଓ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ। ଗାଇଗୋଠ ପଡ଼ିଆର ଉନ୍ନତି ପାଇଁ ଏକ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଅଳିଆ ଆବର୍ଜନା ବିଭିନ୍ନ ସ୍ଥାନରେ ପଡ଼ିଥିବା ଓ ଡ୍ରେନ୍ ସଫା ହେଉ ନଥିବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ପରିଦର୍ଶନ ସମୟରେ କନ୍ଧମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଏନ୍ଏସି ନିର୍ବାହୀ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ, ଇଂ ପବିତ୍ର



ପ୍ରଧାନ, ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, କନ୍ଧମାଳ ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ପୂର୍ବତନ ସଭାପତି ବିପ୍ର ଚରଣ ମହାନ୍ତି ଉପସ୍ଥିତ ରହିଥିଲେ। ମନ୍ତ୍ରୀଙ୍କୁ ୧ନମ୍ବର ୱାର୍ଡର ବିଭିନ୍ନ ସମସ୍ୟା ବିଷୟରେ ୱାର୍ଡ ବାସିନ୍ଦା ଅଭିଯୋଗ କରିଥିଲେ।

## ଆସନ୍ତା ମାସ ଆମେରିକା ଯିବେ ମୋଦୀ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ଯୋଗୁଁ ଆମେରିକା ଏବଂ ଭାରତ ମଧ୍ୟରେ ସମ୍ପର୍କ ବିଗିଡ଼ିବାରେ ଲାଗିଛି । ସେ ଭାରତ ଉପରେ ୫୦ ପ୍ରତିଶତ ଜବାବୀ ଶୁଳ୍କ ଲଗାଇଛନ୍ତି । ବାଣିଜ୍ୟ ଚୁକ୍ତିକୁ ନେଇ ଭାରତ ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ଟ୍ରମ୍ପ କହିଛନ୍ତି । ଏପରି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ମାସ ଶେଷ ସପ୍ତାହରେ ଆମେରିକା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ସେ ମିଳିତ ଜାତିସଂଘ ମହାସଭା (ୟୁଏନଜିଏ)ର ବାର୍ଷିକ ବୈଠକରେ ସାମିଲ ହୋଇପାରନ୍ତି । ରିପୋର୍ଟ ଅନୁଯାୟୀ ଆମେରିକା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ କରି ବ୍ୟବସାୟ ଏବଂ ଶୁଳ୍କ ସମ୍ବନ୍ଧିତ ବିବାଦର ସମାଧାନ ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ । ଏହି ଅବସରରେ ଉଭୟ ନେତା ବାଣିଜ୍ୟ ଚୁକ୍ତିର ଘୋଷଣା ମଧ୍ୟ କରିପାରନ୍ତି । ମୋଦୀ ସେପ୍ଟେମ୍ବର ୨୬ରେ ୟୁଏନଜିଏକୁ ସମ୍ବୋଧନ କରିବେ । ଏହି ସମୟରେ ସେ ଟ୍ରମ୍ପ ଏବଂ ଅନ୍ୟ ନେତାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିପାରନ୍ତି । ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କି ମଧ୍ୟ ୟୁଏନଜିଏରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଦେଖା କରିପାରନ୍ତି ବୋଲି କହିଛନ୍ତି । ଏହା ପୂର୍ବରୁ ମୋଦୀ ଗତ ଫେବୃଆରୀରେ ଆମେରିକା ଗସ୍ତରେ ଯାଇ ହ୍ୱାଇଟହାଉସରେ ଟ୍ରମ୍ପଙ୍କୁ ଭେଟିଥିଲେ । ଏଠାରେ ଶୁଳ୍କକୁ ନେଇ ମୋଦୀଙ୍କୁ ଟ୍ରମ୍ପ ପ୍ରଶଂସା କରି ଉତ୍ତମ ମୂଳଚାଲ କରୁଥିବା ବ୍ୟକ୍ତି ବୋଲି କହିଥିଲେ । ସେ ଭଲ କାମ କରୁଥିବା ଉଲ୍ଲେଖ କରିଥିଲେ ।

## ଭାରତ ଆସିବେ ଚୀନ୍ ବୈଦେଶିକ ମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୮(ଏଜେନ୍ସି): ଭାରତ ଓ ଚୀନ୍ ମଧ୍ୟରେ କୂଟନୈତିକ ସମ୍ପର୍କରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେଉଛି । ଆସନ୍ତା ସପ୍ତାହରେ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଭାରତ ଆସିବେ । ୱାଙ୍ଗ ଆସନ୍ତା ୧୮ ତାରିଖରେ ଭାରତ ଆସି ଜାତୀୟ ନିରାପତ୍ତା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କୁ ଭେଟିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚୀନ୍ ଗସ୍ତ ପୂର୍ବରୁ ୱାଙ୍ଗ ଭାରତ ଆସିବାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି । ୨୦୨୦ରେ ଗଲୱାନ ଘାଟିରେ ଦୁଇ ଦେଶର ସୈନିକଙ୍କ ସଂଘର୍ଷ ଫଳରେ ସମ୍ପର୍କର ଅବନତୀ ହୋଇଥିଲା । ଦୁଇ ଦେଶ ମଧ୍ୟରେ ସୀମା ବିବାଦ ଓ କୂଟନୈତିକ ସମ୍ପର୍କରେ ଉନ୍ନତ ପାଇଁ ୱାଙ୍ଗ ଓ ଡୋଭାଲ ଆଲୋଚନା କରିବେ ବୋଲି ଆଶା କରାଯାଉଛି । ଗତମାସରେ ମଧ୍ୟ ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଚୀନ୍ ଗସ୍ତ କରି ଏସ୍‌ସିଓ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ । ଏହାପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ଚୀନ୍ ଗସ୍ତ କରି ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେଇଥିଲେ । ସେହିପରି ମୋଦୀ ଅଗଷ୍ଟ ୩୧ରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବାକୁ ଚୀନ୍ ଯିବେ ।

## ବିଦେଶୀ ଅପରାଧୀଙ୍କୁ ବିଦା କରିବ ବ୍ରିଟେନ

ଲଣ୍ଡନ, ୧୩।୮ (ଏଜେନ୍ସି): ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାର୍ମର ଦେଶରେ ଥିବା ବିଦେଶୀ ଅପରାଧୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛନ୍ତି । ଦେଶରୁ ସବୁ ବିଦେଶୀ ଅପରାଧୀଙ୍କୁ ଡିପୋର୍ଟ ଅର୍ଥାତ ଦେଶରୁ ବାହାର କରିବାକୁ ସେ ନିଷ୍ପତ୍ତି ନେଇଛନ୍ତି । ସେ ଏହିକ୍ରମରେ 'ପ୍ରଥମେ ଡିପୋର୍ଟ, ପୁଣି ଅପିଲ୍' ନୀତିର ଘୋଷଣା କରିଛନ୍ତି । ଅର୍ଥାତ ବ୍ରିଟେନରେ ଅପରାଧ କରୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ଦେଶରୁ ବାହାର କରାଯାଇ ତାଙ୍କ ଦେଶକୁ ପଠାଯିବ । ପୂର୍ବରୁ ଏଥିପାଇଁ ପ୍ରଥମେ ଅପିଲ କରିବାକୁ ପଡୁଥିଲା । କିନ୍ତୁ ଏବେ ଏହାର ସୁଯୋଗ ମିଳିବ ନାହିଁ । ଏବେ ନିଜ ଦେଶକୁ ଯାଇ ସମ୍ପୃକ୍ତ ଅପରାଧୀ ଅପିଲ୍ କରିବେ । ଏ ସଂକ୍ରାନ୍ତରେ ଜାରି ହୋଇଥିବା ନୂଆ ସୂଚୀରେ ଭାରତ, କାନାଡା ଓ ଅଷ୍ଟ୍ରେଲିଆ ଭଳି ଦେଶକୁ ସାମିଲ କରାଯାଇଛି । କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ପାକିସ୍ତାନକୁ ସାମିଲ କରାଯାଇ ନାହିଁ । କିଛି ଦିନତଳେ କୁଖ୍ୟାତ ଗ୍ରୁମିଂ ଗ୍ୟାଙ୍ଗ୍ ମାମଲାରେ ପାକିସ୍ତାନର କେତେଜଣ ନାଗରିକଙ୍କୁ ଗିରଫ କରାଯାଇଥିଲା । ଜାରି ହୋଇଥିବା ନୂଆ ଆଇନ୍‌ର ଦୁର୍ବ୍ୟବହାର କରିବୁ ନାହିଁ ବୋଲି ବ୍ରିଟେନ ଗୃହମନ୍ତ୍ରୀ ୟେଭେଟ୍ କୁପର କହିଛନ୍ତି । କିନ୍ତୁ ଅପିଲକୁ ବାହନା କରି ଅପରାଧୀମାନେ ବ୍ରିଟେନରେ ଆଉ ରହିପାରିବେ ନାହିଁ ବୋଲି ସେ କହିଛନ୍ତି । ଉଲ୍ଲେଖଥାଉ କି, ବ୍ରିଟେନ ଜେଲ୍‌ରେ ଏବେ ୧୦୦ ପ୍ରତିଶତରୁ ଅଧିକ ଅପରାଧୀ ରହୁଛନ୍ତି । ବ୍ରିଟେନର ଜେଲ୍‌ରେ ଏବେ ୩୨୦ ଭାରତୀୟ ଅପରାଧୀ ରହୁଥିବା ବେଳେ ୩୧୭ ପାକିସ୍ତାନୀ ରହୁଛନ୍ତି । ପୂର୍ବରୁ ଏହି ତାଲିକାରେ ନାଇଜେରିଆ, ଇସ୍ତୋନିଆ, ଫିନ୍‌ଲ୍ୟାଣ୍ଡ, ଅଲବାନିଆ, ବେଲିଜ, ମରିସସ୍, ତାଞ୍ଜାନିଆ ଓ କୋସୋଭୋ ଭଳି ଦେଶ ସାମିଲ ରହିଥିଲେ ।

## ଟ୍ରକ୍‌କୁ ଧକ୍କା ଦେଲା ପିକ୍-ଅପ୍; ୧୧ ମୃତ

ଜୟପୁର, ୧୩।୮ (ଏଜେନ୍ସି): ରାଜସ୍ଥାନ ଦୌସା ସୈନ୍ଥଲ ଥାନା ଅନ୍ତର୍ଗତ ବାପି ଗ୍ରାମ ନିକଟସ୍ଥ ଏନଏଚ-୧୪୮ରେ ବୁଧବାର ବଡି ଭୋରରେ ବଡ଼ ଦୁର୍ଘଟଣା ଘଟିଛି । ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ ପିକ୍-ଅପ୍ ଧକ୍କା ଦେଇଛି । ଏଥିରେ ୭ ଶିଶୁଙ୍କ ସହିତ ୧୧ ଜଣଙ୍କ ମୃତ୍ୟୁ ହୋଇଛି । ୪ ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ଜୟପୁରର ସବାଇ ମାନସିଂହ ହସ୍ପିଟାଲରେ ଏମାନଙ୍କର ଚିକିତ୍ସା ଚାଲିଛି । ସମସ୍ତେ ଉତ୍ତର ପ୍ରଦେଶ ଏଟା ଏବଂ ଫିରୋଦାବାଦର ବାସିନ୍ଦା ଥିଲେ । ଜିଲ୍ଲାଧିକାରୀ ପ୍ରେମରଞ୍ଜନ ସିଂହଙ୍କ ସୂଚନା ଅନୁଯାୟୀ ଏଟାର ଅସରୌଲି ଗ୍ରାମରୁ ଦୁଇଟି ପିକ୍-ଅପ୍ ଭ୍ୟାନରେ ୪୫ ଶ୍ରଦ୍ଧାଳୁ ଖଟୁଶ୍ୟାମଙ୍କ ଦର୍ଶନ କରିବାକୁ ଯାଇଥିଲେ । ତେବେ ଦର୍ଶନ ସାରି ଫେରିବା ସମୟରେ ଶିଶୁ ଏବଂ ମହିଳାଙ୍କୁ ନେଇ ଆସୁଥିବା ପିକ-ଅପ୍‌ଟି ଦୁର୍ଘଟଣାର ଶିକାର ହୋଇଥିଲା । ଏଥିରେ ମୋଟ ୨୨ ଜଣ ଶ୍ରଦ୍ଧାଳୁ ଥିଲେ । ସୂଚନାଯୋଗ୍ୟ ଯେ ଦେଶରେ ସଡ଼କ ଦୁର୍ଘଟଣାରେ ରାଜସ୍ଥାନ ୬ ନମ୍ବର ସ୍ଥାନରେ ରହିଛି । ୨୦୨୨ର ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣାରେ ପ୍ରତି ବର୍ଷ ରାଜସ୍ଥାନରେ ୧୧ ହଜାର ଲୋକଙ୍କ ଜୀବନ ଯାଉଛି ।

# ଟ୍ରମ୍ପଙ୍କୁ ଭେନଜୁଏଲା ରାଷ୍ଟ୍ରପତିଙ୍କ ଚାଲେଞ୍ଜ





### ଅପେକ୍ଷା କରିଛି; ଗିରଫ କରି ଦେଖାଅ

**ରାଷ୍ଟ୍ରପତି ମାଦୁରୋଙ୍କ ଉପରେ ୪୨୦ କୋଟି ପୁରସ୍କାର**

**୨ଟି ଜେଟ୍ ସମେତ ୭୦୦ ନିୟୁତ ଡଲାରର ସମ୍ପତ୍ତି ଜବତ**

**ଦଖଲ ଦେଲେ ଆମେରିକା ସାମ୍ରାଜ୍ୟର ପତନ ହେବ: ମାଦୁରୋ**

**ଭେନଜୁଏଲାକୁ ସମର୍ଥନ ଦେଲେ କଲମ୍ବିଆ ରାଷ୍ଟ୍ରପତି**

କାରାକସ୍, ୧୩।୮ (ଏଜେନ୍ସି): ମନଇଚ୍ଛା ଧମକ ଦେଇ ସାରା ବିଶ୍ୱରେ ଆତଙ୍କର ବାତାବରଣ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଆହ୍ୱାନ ମିଳିଛି । ନୋବେଲ ଶାନ୍ତି ପୁରସ୍କାର ପାଇଁ ଦାବି କରୁଥିବା ଟ୍ରମ୍ପଙ୍କୁ ଭେନଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି । 'ଯଦି ପାରିବ ମୋତେ ଗିରଫ କରି ଦେଖାଅ । ଏଥିପାଇଁ ରାଷ୍ଟ୍ରପତି ଭବନ ମିରାଫ୍ଲୋରେସରେ ଅପେକ୍ଷା କରି ରହିଛି । କାପୁରୁଷମାନେ ଏହି କାର୍ଯ୍ୟରେ ଜମାରୁ ବିଳମ୍ବ କରନାହିଁ ବୋଲି ମାଦୁରୋ କହିଛନ୍ତି ।


ସୂଚନା ଅନୁଯାୟୀ ଆମେରିକା ଗତ ୭ ତାରିଖରେ ମାଦୁରୋଙ୍କୁ ଗିରଫ କରିବା ଲାଗି ୨.୫ କୋଟି ଡଲାର ଅର୍ଥାତ୍ ପ୍ରାୟ ୪୨୦ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିଲା । ଏହାବ୍ୟତୀତ ତାଙ୍କ ସହ ଜଡ଼ିତ ୭୦୦ ନିୟୁତ ଡଲାର (ପ୍ରାୟ ୬୧୨୭ କୋଟି ଟଙ୍କା)ରୁ ଅଧିକ ସମ୍ପତ୍ତି ମଧ୍ୟ ଜବତ କରାଯାଇଛି । ଏଥିରେ ଦୁଇଟି ଘରୋଇ ବିମାନ ସାମିଲ ରହିଛି । ଆମେରିକା ମାଦୁରୋଙ୍କ ବିରୋଧରେ ଗୁରୁତର ଅଭିଯୋଗ ଲଗାଇଛି । ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବିଗିଡିବାରେ ଲାଗିଛି । ଟ୍ରମ୍ପ ପ୍ରଶାସନ ଅଭିଯୋଗ କରିଛି ଯେ ମାଦୁରୋ ନିଶା ଚାଲାଣ କରୁଛନ୍ତି ଏବଂ ନିଶା କାରବାର କରୁଥିବା ଗୋଷ୍ଠୀ ସହ ମିଶି ଆମେରିକାକୁ ଫେଣ୍ଟାନାଇଲ ମିଶ୍ରିତ କୋକେନ ପଠାଉଛନ୍ତି । ଏବେ ମାଦୁରୋଙ୍କ ପାଖରେ ୭ ଟନ୍ କୋକେନ ରହିଛି । ସେ ଏହାକୁ ଆମେରିକା ପଠାଇବାକୁ ପ୍ରସ୍ତୁତି କରୁଛନ୍ତି ।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମାଦୁରୋ । ଦେଶର ଘରୋଇ ମାମଲାରେ ହସ୍ତକ୍ଷେପ ନକରିବାକୁ ଟ୍ରମ୍ପଙ୍କୁ ଚେତାବନୀ ଦେଇଛନ୍ତି । ଆମେରିକା ନେତା ଏଭଳି ପ୍ରୟାସ କଲେ ଦୃଢ଼ ଜବାବ ଦିଆଯିବ । ଏହାଦ୍ୱାରା ଆମେରିକା ସାମ୍ରାଜ୍ୟର ବି ଅନ୍ତ ହୋଇପାରେ । ଭେନଜୁଏଲା ସେନାମୁଖ୍ୟ ଡୋମିଙ୍ଗୋ ହର୍ଣ୍ଣାଣ୍ଡିଜ ଲାରେଜ ମଧ୍ୟ ମାଦୁରୋଙ୍କୁ ସମର୍ଥନ ଦେଇଛନ୍ତି । ସେନା ତାଙ୍କ ସହ ଅଛି ବୋଲି କହିଛନ୍ତି । ହଲିଉଡ ଚଳଚ୍ଚିତ୍ର ପରି ଆମେରିକା ଆମ ରାଷ୍ଟ୍ରପତିଙ୍କ ଗିରଫ ପାଇଁ ପୁରସ୍କାର ଘୋଷଣା କରୁଛି । ଏହା ଦେଶ ପାଇଁ ଅପମାନ । ସେହିପରି ରାଷ୍ଟ୍ରପତିଙ୍କ ଉପରେ ପୁରସ୍କାର ରାଶି ବୃଦ୍ଧି ଘୋଷଣା କରି ଆମେରିକା ରାଜନୈତିକ ଅପପ୍ରଚାର କରୁଛି ବୋଲି ବିଦେଶମନ୍ତ୍ରୀ ଇଭାନ ଗିଲ୍ କହିଛନ୍ତି ।

୨୦୨୦ରେ ଆମେରିକାର ମ୍ୟାନହାଟନ ସଂଘୀୟ ଅଦାଲତରେ ମାଦୁରୋଙ୍କ ବିରୋଧରେ ନାର୍କୋ-ଟେରରିଜିମ ଏବଂ କୋକେନ ଚାଲାଣ ମାମଲାର ଅଭିଯୋଗ କରାଯାଇଥିଲା । ସେ ସମୟରେ ଟ୍ରମ୍ପ ପ୍ରଶାସନ ଭେନଜୁଏଲା ରାଷ୍ଟ୍ରପତିଙ୍କ ଗିରଫ ପାଇଁ ୧.୫ କୋଟି ଡଲାର ପୁରସ୍କାର ଘୋଷଣା କରିଥିଲା । ଏହା ପରେ ଟ୍ରମ୍ପ ପ୍ରଶାସନ ଗତ ଗୁରୁବାର ଏହାକୁ ୨.୫ କୋଟି ଡଲାରକୁ ବୃଦ୍ଧି କରିଥିଲେ । ସୂଚନାଯୋଗ୍ୟ ଯେ ମାଦୁରୋ ୨୦୧୩ରୁ ଭେନଜୁଏଲାରେ କ୍ଷମତାରେ ଅଛନ୍ତି । ଆମେରିକା, ୟୁରୋପୀୟ ସଂଘ ଏବଂ ଲାଟିନ ଆମେରିକୀୟ ଦେଶଗୁଡ଼ିକ ତାଙ୍କ ବିରୋଧରେ ନିର୍ବାଚନରେ ଜାଲିଆତି ଅଭିଯୋଗ ଲଗାଇଛନ୍ତି । ଭେନଜୁଏଲାକୁ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାବୋ ପେଟ୍ରୋ ସମର୍ଥନ ଦେଇଛନ୍ତି । ଭେନଜୁଏଲା ଉପରେ ଆକ୍ରମଣକୁ କଲମ୍ବିଆ ଉପରେ ଆକ୍ରମଣ ଭାବେ ଧରାଯିବ ବୋଲି କହିଛନ୍ତି । ଭେନଜୁଏଲା ସାର୍ବଭୌମତ୍ୱର ରକ୍ଷା କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି । ସାର୍ବଭୌମତ୍ୱ ସହ ସାଲିସ ନ କରି ନିଶା କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି ।

## ସେନାମୁଖ୍ୟଙ୍କ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଧମକ

ଇସଲାମାବାଦ, ୧୩।୮ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର'ରେ ଭୟଭୀତ ହୋଇ ଅସ୍ତ୍ରବିରତି ଅନୁରୋଧ କରିଥିବା ପାକିସ୍ତାନ ନିଜର ପୁରୁଣା ଦୋଷକୁ ଛାଡ଼ି ପାରୁନି । ଖାଲି ବୃଥା ପ୍ରଳାପ କରି ଚାଲିଛି । ଭାରତ ସିନ୍ଧୁ ଚୁକ୍ତି ସ୍ଥଗିତ କରିବା ଦିନଠାରୁ ପାକିସ୍ତାନର ନିଦ ହଜି ଯାଇଛି । ପାଣି ପାଇଁ ଚାତକ ପରି ଚାହିଁ ରହିଥିବା ପାକିସ୍ତାନ ପାଇଁ ଏହା ଅସହ୍ୟ ହୋଇଯାଇଛି । ପାକିସ୍ତାନ ସେନାମୁଖ୍ୟ, ପୂର୍ବତନ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ପରେ ଏବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ମଧ୍ୟ ଭାରତକୁ ଧମକ ଦେଇଛନ୍ତି । ସିନ୍ଧୁ ନଦୀର ପାଣି ରୋକିଲେ ନିର୍ଣ୍ଣାୟକ ଉପାୟରେ ଭାରତକୁ ଏହାର ଜବାବ ଦିଆଯିବ ବୋଲି କହିଛନ୍ତି । ଇସଲାମାବାଦରେ ମଙ୍ଗଳବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶାହବାଜ ସରିଫ ଏହି ଧମକ ଦେଇଛନ୍ତି ।



ଶାହବାଜ କହିଥିଲେ ଯେ ଭାରତ ଖାଲି ପାଣି ବନ୍ଦ କରିବାକୁ ଧମକ ଦେଉଛି । କିନ୍ତୁ ପାକିସ୍ତାନର ବୁନ୍ଦେ ପାଣିକୁ ବି ଭାରତ ଛଡ଼ାଇ ନେଇପାରିବ ନାହିଁ । ଯଦି ଏଭଳି କରିବାକୁ ପ୍ରୟାସ କରାଯାଏ, ତେବେ ତାହା ସିନ୍ଧୁ ଚୁକ୍ତିର ଉଲ୍ଲଙ୍ଘନ ହେବ । ପାକିସ୍ତାନ ଏହାର ଦୃଢ଼ ଜବାବ ଦେବ । ପାଣି ହେଉଛି ପାକିସ୍ତାନର ଜୀବନ ରେଖା । ଅନ୍ତର୍ଜାତୀୟ ଚୁକ୍ତି ଅଧୀନରେ ଦେଶକୁ ମିଳିଥିବା ଅଧିକାର ସହ କେବେ ବି ସାଲିସ କରାଯିବ ନାହିଁ ।

ଏହାକୁ ମିଶାଇ ଗତ ୪୮ ଘଣ୍ଟା ମଧ୍ୟରେ ପାକିସ୍ତାନର ତିନି ପ୍ରମୁଖ ବ୍ୟକ୍ତି ଭାରତକୁ ଏଭଳି ଧମକ ଦେଲେଣି । ପ୍ରଥମେ ସେନାମୁଖ୍ୟ ଅସିମ ମୁନୀର ଆମେରିକାରେ ରହି ଏହି ଦେଶର ନିୟମକୁ ଉଲ୍ଲଙ୍ଘନ କରି ଭାରତକୁ ପରମାଣୁ ଧମକ ଦେଇଥିଲେ । ପରେ ଗତକାଲି ବିଲାୱଲ ଭୁଟ୍ଟୋ ସିନ୍ଧୁ ଜଳ ରୋକିଲେ ଯୁଦ୍ଧ ହେବ ବୋଲି କହିଥିଲେ । ଆମେରିକା ବଳରେ ପାକିସ୍ତାନ ଏଭଳି ଭାରତ ବିରୋଧୀ ମନ୍ତବ୍ୟ ଦେଇଚାଲିଛି ବୋଲି କୁହାଯାଉଛି ।

## ରିପୋର୍ଟ ପାଇଁ ସାମ୍ବାଦିକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ହୋଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୩।୮: ସାମ୍ବାଦିକମାନଙ୍କ ଦ୍ୱାରା ପ୍ରକାଶିତ କୌଣସି ଖବର ଆଲେଖ୍ୟ ବା ଭିଡିଓ ପାଇଁ ସେମାନଙ୍କ ବିରୋଧରେ ଦେଶଦ୍ରୋହ ମାମଲା ଦାଏର କରାଯାଇପାରିବ ନାହିଁ । ଭାରତୀୟ ନ୍ୟାୟ ସଂହିତା ବା ବିଏନ୍‌ଏସ୍‌ର ଧାରା ୧୫୨ ସେମାନଙ୍କ ବିରୋଧରେ ପ୍ରୟୋଗ କରାଯାଇପାରିବ ନାହିଁ । ନ୍ୟୁଜ ୱେବସାଇଟ୍ 'ଦି ୱାୟାର'ର ସଂପାଦକ ସିଦ୍ଧାର୍ଥ ବର୍ଦ୍ଧରାଜନଙ୍କ ବିରୋଧରେ ଆଗତ ଏଭଳି ମାମଲାକୁ ଖାରଜ କରି ଏହା କହିଛନ୍ତି ସୁପ୍ରିମକୋର୍ଟ । ଆସାମ ପୁଲିସ ଏହି ମାମଲାରେ ତାଙ୍କୁ ଗିରଫ କରିପାରିବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି । ଅପରେସନ ସିନ୍ଦୂର ବେଳେ ଭାରତୀୟ ବାୟୁସେନା ଏହାର କିଛି ଯୁଦ୍ଧ ବିମାନ ହରାଇଛି ବୋଲି 'ଦି ୱାୟାର'ରେ ପ୍ରସାରିତ ହୋଇଥିଲା । ଏହା ଦେଶଦ୍ରୋହ ବୋଲି ଯୁକ୍ତି କରି ତାଙ୍କ ବିରୋଧରେ ଆସାମ ପୁଲିସ ବିଏନ୍‌ଏସ୍ ଧାରା ୧୫୨ ଲାଗୁ କରିଥିଲା । ଅନ୍ୟପକ୍ଷରେ ବର୍ଦ୍ଧରାଜନ କହିଥିଲେ ଯେ ଭାରତୀୟ ସେନା ଅଧିକାରୀ ଦେଇଥିବା ସୂଚନାକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ କରାଯାଇଥିଲା ।



ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ବେଳେ ପ୍ରଶ୍ନ କରିଥିଲେ ଯେ କୌଣସି ରିପୋର୍ଟ ବା ନ୍ୟୁଜ୍ ଭିଡିଓ ପାଇଁ ସାମ୍ବାଦିକଙ୍କୁ ଦେଶଦ୍ରୋହ ମାମଲାର ଫସାଇବା ଠିକ୍ କି? ସେମାନଙ୍କୁ କଣ ଏଥିପାଇଁ ଗିରଫ କରାଯିବ? ଜଷ୍ଟିସ ସୂର୍ଯ୍ୟକାନ୍ତ କହିଲେ ଯେ ସାମ୍ବାଦିକଙ୍କ ଦ୍ୱାରା ଲିଖିତ ରିପୋର୍ଟ କିପରି ଦେଶର ଏକତା ଓ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବ? ଏହା ହେଉଛି କେବଳ ନ୍ୟୁଜ ଆର୍ଟିକଲ । ଭାରତ ଭିତରକୁ ଚାଲାଣ ହୋଇଥିବା ବେଆଇନ ଅସ୍ତ୍ରଶସ୍ତ୍ର ନୁହେଁ ।

**ସାଭରକର ମାନହାନୀ ମାମଲା**

## 'ରାହୁଲଙ୍କ ଜୀବନ ପ୍ରତି ବିପଦ ଅଛି'

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ତାଙ୍କ ଓକିଲ ଅଭିଯୋଗ କରିଛନ୍ତି । ପୁଣେର ଏକ କୋର୍ଟରେ ସେ ଏହି ଅଭିଯୋଗ ଆଣିଛନ୍ତି । ବୀର ସାଭରକର ମାନହାନୀ ମୋକଦ୍ଦମା ଶୁଣାଣି ବେଳେ ରାହୁଲଙ୍କ ଓକିଲ କହିଲେ ଯେ ତାଙ୍କ ବିରୋଧରେ ମାନହାନୀ କେସ୍ ଦାଏର କରିଥିବା ଲୋକମାନେ ହେଉଛନ୍ତି ନାଥୁରାମ ଗଡ୍‌ସେଙ୍କ ବଂଶଧର । ଏହି ମାମଲାରେ ରାହୁଲ ଏମ୍‌ପି/ଏମ୍‌ଏଲଏ ସ୍ୱତନ୍ତ୍ର କୋର୍ଟରେ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ଓ ନିରପେକ୍ଷ ଭାବେ ଶୁଣାଣି କରିବାକୁ ସେ ଅପିଲ କରିଛନ୍ତି । ଏହା ରାଜ୍ୟର ସାମ୍ବିଧାନିକ ଦାୟିତ୍ୱ ବୋଲି ସେ କହିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୦ରେ ହେବ ।

ଭୋଟ ଚୋରି ଅଭିଯୋଗ କରିବା ପରେ ରାହୁଲ ଗାନ୍ଧୀଙ୍କ ପ୍ରତି ବିପଦ ବୃଦ୍ଧି ପାଇଛି ବୋଲି ତାଙ୍କ ଓକିଲ ମିଲିନ୍ଦ ପାୱାର କହିଛନ୍ତି । ବିଜେପି ନେତା ଆରଏନ୍ ବିଟ୍ଟୁ ରାହୁଲଙ୍କୁ ଆତଙ୍କବାଦୀ ବୋଲି କହିଥିବା କଥା ସେ କୋର୍ଟରେ କହିଛନ୍ତି । ସେହିପରି ଯଦି ରାହୁଲ ତାଙ୍କ ଆଚରଣ ନ ବଦଳାନ୍ତି ତେବେ ତାଙ୍କ ଅବସ୍ଥା ଜେଜେମା ଇନ୍ଦୀରା ଗାନ୍ଧୀଙ୍କ ଭଳି ହେବ ବୋଲି ବିଜେପିର ଅନ୍ୟଏକ ନେତା ତରବିନ୍ଦର ମାରବାହ କହିଥିଲେ ବୋଲି ସେ କୋର୍ଟଙ୍କୁ ଅବଗତ କରାଇଛନ୍ତି । ସେହିପରି ସାଭରକର ଓ ଗଡସେଙ୍କ ପରିବାର ସହ ମାନହାନୀ ମକଦ୍ଦମା କରିଥିବା ସାତ୍ୟକୀ ସାଭରକରଙ୍କ ସମ୍ପର୍କ ରହିଛି ବୋଲି ମିଳିନ୍ଦ କହିଛନ୍ତି । ଜଣେ ସଚ୍ଚା ହିନ୍ଦୁ କେବେବି ହିଂସକ ହୋଇପାରିବ ନାହିଁ ବୋଲି ରାହୁଲ କହିଛନ୍ତି । ଉଲ୍ଲେଖଥାଉ କି, ରାହୁଲ ୨୦୨୩ ମାର୍ଚ୍ଚରେ ତାଙ୍କ ଲଣ୍ଡନ ଭାଷଣରେ ଭିଡି ସାରଭରକରଙ୍କୁ ନେଇ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ ଓ ସାତ୍ୟକୀ ଏହା ବିରୋଧରେ ମାନହାନୀ ମକଦ୍ଦମା କରିଥିଲେ ।



ଅବଶ୍ୟ ରାହୁଲ ପୂର୍ବରୁ ଏକାଧିକ ବାର ସାଭରକରଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇ ଚର୍ଚ୍ଚା ସୃଷ୍ଟି କରିଥିଲେ । ତାଙ୍କୁ ଏଥିପାଇଁ ସୁପ୍ରିମକୋର୍ଟ ଗତ ଏପ୍ରିଲ ୨୬ରେ ତାଗିଦ ମଧ୍ୟ କରିଛନ୍ତି ।

## କଶ୍ମୀରରେ ଯବାନ ସହିଦ

ଶ୍ରୀନଗର, ୧୩।୮ (ଏଜେନ୍ସି): ଉତ୍ତର କଶ୍ମୀରର ଉରି କ୍ଷେତ୍ର ସ୍ଥିତ ଏଲଓସିରେ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମକୁ ସେନା ବିଫଳ କରିଦେଇଛି । ଏହି ଅଭିଯାନ ସମୟରେ ଜଣେ ଯବାନ ସହିଦ ହୋଇଛନ୍ତି । ସୁରକ୍ଷାବାହିନୀ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରଉ କରି ତଲାସୀ ଅଭିଯାନ ଆରମ୍ଭ କରିଦେଇଛି । ଗତ ୧୩ ଦିନ ମଧ୍ୟରେ ତୃତୀୟ ଥର ଆତଙ୍କବାଦୀ ସହ ସେନାର ସଂଘର୍ଷ ଜାରି ରହିଛି । ଏହା ପୂର୍ବରୁ ଅଗଷ୍ଟ ୧୦ରେ କିସ୍ତୱାଡର ଦୁଲ ଅଞ୍ଚଳରେ ଆତଙ୍କବାଦୀ ଲୁଚି ରହିଥିବାର ଖବର ପାଇ ସେନା ତଲାସୀ ଅଭିଯାନ ଆରମ୍ଭ କରିଥିଲା । ଏହି ସମୟରେ ଆତଙ୍କବାଦୀଙ୍କ ଯବାନଙ୍କ ଉପରେ ଗୁଳି ମାଡ଼ କରିଥିଲେ । ଏବେ ବି ଏଠାରେ ତଲାସୀ ଅଭିଯାନ ଜାରି ରହିଛି ।

## ତାମିଲନାଡୁ ରାଜ୍ୟପାଳଙ୍କଠାରୁ ଡିଗ୍ରୀ ନେବାକୁ ମନାକଲେ ପିଏଚ୍‌ଡି ଛାତ୍ରୀ





ଚେନ୍ନଇ, ୧୩।୮ (ଏଜେନ୍ସି): ତାମିଲନାଡୁର ମନୋନମନିୟମ ସୁନ୍ଦରନର ବିଶ୍ୱବିଦ୍ୟାଳୟ (ଏମ୍‌ଏସ୍‌ୟୁ)ରେ ବୁଧବାର ଆୟୋଜିତ ଦୀକ୍ଷାନ୍ତ ସମାରୋହରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଏଥିରେ ଜଣେ ପିଏଚ୍‌ଡି ଛାତ୍ରୀ ରାଜ୍ୟପାଳ ରବିଙ୍କ ଠାରୁ ଡିଗ୍ରୀ ।ନେବାକୁ ମନା କରିଦେଇଛନ୍ତି । ଅନ୍ୟପକ୍ଷରେ ସେ କୁଳପତିଙ୍କ ଠାରୁ ଏହି ଡିଗ୍ରୀ ଗ୍ରହଣ କରିଛନ୍ତି । ଜୀନ ଯୋଶେଫ ନାମକ ଏହି ଛାତ୍ରୀ ଅଭିଯୋଗ କରିଛନ୍ତି ଯେ ରାଜ୍ୟପାଳ ରବି ତାମିଲନାଡୁର ସ୍ୱାର୍ଥ ବିରୋଧରେ କାମ କରୁଥିବାରୁ ଏହାର ପ୍ରତିବାଦ ଜଣାଇ ତାଙ୍କ ଠାରୁ ଡିଗ୍ରୀ ନେଇନାହାନ୍ତି । ଏଭଳି ରାଜ୍ୟପାଳଙ୍କ ଠାରୁ ଡିଗ୍ରୀ ଗ୍ରହଣ କରିବାକୁ ସେ ଉଚିତ ମନେ କରୁନାହାନ୍ତି । ତାମିଲନାଡୁ ସରକାର ଓ ରାଜ୍ୟପାଳ ଆରଏନ୍ ରବିଙ୍କ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଚାଲିଥିବା ବେଳେ ଏହି ଛାତ୍ରୀଙ୍କ ଏଭଳି ଆଭିମୁଖ୍ୟ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ଯୋଶେଫ୍ ଜଣେ ଡିଏମକେ ନେତାଙ୍କ ପତ୍ନୀ ବୋଲି କୁହାଯାଉଛି ।

# ଡାକ୍ତର ଅଭାବ; ହଜାର ହଜାର ପିଜି-ୟୁଜି ସିଟ୍ ଖାଲି

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଦେଶରେ ଡାକ୍ତର ଅଭାବ ସମସ୍ୟା ଜଟିଳ ହେବାରେ ଲାଗିଛି । ଅନେକ ସରକାରୀ ହସ୍ପିଟାଲରେ ଧାର୍ଯ୍ୟ ପଦବୀରେ ଡାକ୍ତର ନାହାନ୍ତି । ଏପରି ସମୟରେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି । ଦେଶରେ ହଜାର ହଜାର ଡାକ୍ତରୀ ସିଟ୍ ଖାଲି ପଡ଼ିଛି । ଖୋଦ୍ କେନ୍ଦ୍ର ସରକାର ସଂସଦରେ ଏହି ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଦେଶରେ ଡାକ୍ତରୀ ପଢ଼ିବା ପାଇଁ ସୁଯୋଗ ମିଳୁ ନ ଥିବାବେଳେ ପିଲା ବିଦେଶକୁ ଯାଉଛନ୍ତି । ସେଠାରେ ଭାରତଠାରୁ ବହୁତ କମ୍ ଅର୍ଥରେ ପାଠ ପଢୁଛନ୍ତି । ମାତ୍ର ସେମାନେ ଅନେକ ସମସ୍ୟା ଦେଇ ଗତି କରୁଛନ୍ତି । କେବେ ଯୁଦ୍ଧ ଲାଗି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତ ଆଉ କେବେ ବର୍ଣ୍ଣବୈଷମ୍ୟବାଦର ଶିକାର ହୋଇ ପ୍ରାଣ ହରାଇଥିବା ମଧ୍ୟ ନଜିର ରହିଛି । ଏପରି ସ୍ଥଳେ ଦେଶରେ ମେଡିକାଲ ସିଟ୍ ଖାଲି ରହିବା ଚିନ୍ତା ବଢ଼ାଉଛି ।

**ସରକାରୀ ଅନୁଷ୍ଠାନରେ ସିଟ୍ ନ ମିଳିବାରୁ ପଢିବାକୁ ବିଦେଶ ଯାଉଛନ୍ତି ପିଲା**

୨୦୨୨-୨୩ ଶିକ୍ଷା ବର୍ଷରେ ଦେଶରେ ସର୍ବାଧିକ ୪,୧୪୬ ୟୁଜି ସିଟ୍ ଖାଲି ରହିଥିଲା । ସେହିପରି ୨୦୨୧-୨୨ରେ ୨,୦୧୨ କୋଟି, ୨୦୨୩-୨୪ରେ ୨,୯୫୯ ଏବଂ ୨୦୨୪-୨୫ରେ ୨, ୮୪୯ ସିଟ୍ ଖାଲି ଥିଲା । ଟିଡିପି ସାଂସଦ ପୁଟା ମହେଶ କୁମାରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଅନୁପ୍ରିୟା ପଟେଲ ଗତ ୧ ତାରିଖରେ ଏହି ସୂଚନା ଦେଇଥିଲେ । ନ୍ୟାସନାଲ ମେଡିକାଲ କମିସନ ପକ୍ଷରୁ ଦିଆଯାଇଥିବା ତଥ୍ୟ ସେ ସଂସଦରେ ରଖିଥିଲେ । ଏମ୍ସ ଏବଂ ଜେଆଇପିଏମଇଆରକୁ ଛାଡ଼ି ଅନ୍ୟ ମେଡିକାଲ କଲେଜରେ ସିଟ୍ ଖାଲି ଥିବା କହିଥିଲେ । କେନ୍ଦ୍ର ସରକାର ବିଗତ କିଛି ବର୍ଷ ମଧ୍ୟରେ ଚାହିଦାକୁ ଦେଖି ଦେଶରେ ମେଡିକାଲ ସିଟ୍ ଗୁଡିକ ବୃଦ୍ଧି କରିଥିଲେ । ଅନେକ ବ୍ୟବସ୍ଥାଗତ ତ୍ରୁଟି ଏବଂ ଗଠନମୂଳକ ସମସ୍ୟା ପାଇଁ ଅଣ୍ଡର ଗ୍ରାଜୁଏଟ ମେଡିକାଲ ସିଟ୍‌ଗୁଡିକ ଖାଲି ରହୁଛି । ଏହା ପଛରେ ମୁଖ୍ୟ ସମସ୍ୟା ରହୁଛି ଘରୋଇ ମେଡିକାଲ କଲେଜର ଫି ବ୍ୟବସ୍ଥା । ଦେଶରେ ଘରୋଇ ମେଡିକାଲ କଲେଜରେ ପଢିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଏଥିପାଇଁ ଧନୀ ଘରର ପିଲା ଏହି ସବୁ କଲେଜରେ ପଢୁଛନ୍ତି । କିନ୍ତୁ ଗରିବ ଶ୍ରେଣୀର ପିଲା ସରକାରୀ ସିଟ୍ ନ ପାଇଲେ ଅତ୍ୟଧିକ ଖର୍ଚ୍ଚ ପାଇଁ ଘରୋଇ କଲେଜରେ ନ ପଢିବାକୁ ଉଚିତ ମଣୁଛନ୍ତି । ରାଜ୍ୟସ୍ତରର ଜଟିଳ କାଉନସେଲିଂ ବ୍ୟବସ୍ଥା ମଧ୍ୟ ଏଥିପାଇଁ ଦାୟୀ । କିଛି ଛାତ୍ର ମଧ୍ୟ ଠିକ୍ ସମୟରେ ନିଷ୍ପତ୍ତି ନେଇପାରୁ ନାହାନ୍ତି । ଆଉ କିଛି ଶେଷ ମୁହୂର୍ତ୍ତରେ ଆବଣ୍ଟନ ପ୍ରକ୍ରିୟାରୁ ଓହରି ଯାଉଥିବାରୁ ସିଟ୍ ଖାଲି ରହୁଛି ।



# ବ୍ରହ୍ମପୁରରେ 'ମନ୍ତ୍ରମୁଗ୍ଧ' ଟିମ୍



ଭୁବନେଶ୍ୱରରେ ପ୍ରଥମ ପର୍ଯ୍ୟାୟ ସୁଟିଂ ଶେଷ ହେବା ପରେ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ଟିମ୍ ଏବେ ବ୍ରହ୍ମପୁର ସହରରେ ଡେରା ପକାଇଛି । ଆସ୍କା, ବ୍ରହ୍ମପୁର, ଗୋପାଳପୁର ଓ ଏହାର ଆଖ ପାଖ ଅଞ୍ଚଳରେ ସୁଟିଂ ଜାରି ରହିଛି । ୟୁନିଟ୍‌ରେ ୧୦୦ରୁ ୧୫୦ ସଦସ୍ୟ ରହିଥିବା ବେଳେ ୪୦ ଜଣ ସ୍ଥାନୀୟ ଲୋକ ସାମିଲ ଅଛନ୍ତି । ଦିନରାତି ସୁଟିଂ ଜାରି ରହିଛି । ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ଏପରି ଅନେକ ସୁନ୍ଦର ଓ ଆକର୍ଷଣୀୟ ଲୋକେସନ୍ ବାଛିଛନ୍ତି, ଯାହା ଆଗରୁ କେବେ ପରଦାକୁ ଆସି ନାହିଁ । ମୋଟାମୋଟି ଏହାର ୩୦ ଦିନର ସୁଟିଂ ସିଡ୍ୟୁଲ୍ ରହିଛି । 'ପ୍ରତୀକ୍ଷା' ଓ 'କର୍ମ' ପରି ସଫଳ ଚଳଚ୍ଚିତ୍ର ପରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କର ଏହା ହେଉଛି ତୃତୀୟ ଚଳଚ୍ଚିତ୍ର । ଅମିୟ ପଟ୍ଟନାୟକ ପ୍ରଡକ୍ସନ୍ ନିବେଦିତ ଏହି ଚଳଚ୍ଚିତ୍ରର ପ୍ରଯୋଜିକା ଅଛନ୍ତି ବର୍ଷା ପଟ୍ଟନାୟକ । ପ୍ରମୁଖ ଭୂମିକାରେ ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ସୂର୍ଯ୍ୟମୟୀ ମହାପାତ୍ର, ଭୂମିକା ଦାଶ, ଦୀପନ୍ୱିତ ଦାଶମହାପାତ୍ର, ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଠିଆ, ସୋମା ହୋତା, ଭକ୍ତି ଦାସ, ପିହୁ ମହାପାତ୍ର ଓ ମିଷ୍ଟର ରାଉତ ପ୍ରମୁଖ କଳାକାର ଅଭିନୟ କରୁଛନ୍ତି । ଏହାର କାହାଣୀ ଲେଖିଛନ୍ତି ଅନୁପମ ଓ ରୋଶନ ବିଶୋଇ । ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହଲୋଟ ଏବଂ ଅନୁପମ । ପ୍ରଣବ ରଥ ସଂଳାପରେ ଥିବା ବେଳେ ଅତିରିକ୍ତ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ନିଶାନ୍ତ ମଜିଠିଆ । ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ରୌମ୍ୟ ରାଜ ପ୍ରଧାନ ୫ ଜଣ ସଙ୍ଗୀତ ନିର୍ଦ୍ଦେଶକଙ୍କୁ ସଙ୍ଗୀତର ଭାର ନ୍ୟସ୍ତ କରାଯାଇଛି । ଅନୁପମଙ୍କ ଏହି ଚଳଚ୍ଚିତ୍ର ସବୁ ବର୍ଗର ଦର୍ଶକଙ୍କୁ ପସନ୍ଦ ଆସିବ ବୋଲି ପ୍ରଯୋଜନା ଟିମ୍ ଆଶା କରିଛି ।

# ଦେବୀ -ବିଶାଲଙ୍କୁ ଆଇକନିକ୍ ଫିଲ୍ମ ମେକର ପୁରସ୍କାର



ନିର୍ମଳ ପାଣ୍ଡେ ସ୍ମାରକୀ ଚଳଚ୍ଚିତ୍ର ମହୋତ୍ସବର ଷଷ୍ଠ ସଂସ୍କରଣରେ ନିର୍ଦ୍ଦେଶକ ଯୋଡ଼ି ଦେବୀ ପ୍ରସାଦ ଲେଙ୍କା ଓ ବିଶାଲ ମୌର୍ଯ୍ୟଙ୍କୁ ଆଇକନିକ୍ ଫିଲ୍ମ ମେକର ସମ୍ମାନରେ ସମ୍ମାନିତ କରାଯାଇଛି । ପ୍ରଖ୍ୟାତ ବଲିଉଡ୍ ଅଭିନେତା ଗୋବିନ୍ଦ ନାମଦେବ ଏବଂ ବର୍ଷିଆନ କ୍ୟାମେରାମ୍ୟାନ ସୁରେନ୍ଦ୍ର ସାହୁଙ୍କ ହାତରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । 'ଦମନ' ଚଳଚ୍ଚିତ୍ର ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି । ୨୦୨୨ରେ ମୁକ୍ତିଲାଭ କରିଥିବା 'ଦମନ' ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିଲା । କେବଳ ସେତିକି ନୁହେଁ, 'ଦମନ'କୁ ଶ୍ରେଷ୍ଠ ଓଡ଼ିଆ ସିନେମା ଭାବେ ରାଷ୍ଟ୍ରୀୟ ପୁରସ୍କାର ମଧ୍ୟ ମିଳିଥିଲା । ତେବେ ଏହି ପୁରସ୍କାର ସମ୍ପର୍କରେ ଦେବୀ ଓ ବିଶାଲ କହିଛନ୍ତି ଯେ, "ଏହା ପରବର୍ତ୍ତୀ ପିଢ଼ିର ନିର୍ମାତା ଓ ନିର୍ଦ୍ଦେଶକଙ୍କୁ ଭଲ ସିନେମା ନିର୍ମାଣ ପାଇଁ ପ୍ରୋତ୍ସାହିତ କରିବ ।" ୨୦୨୫ରେ ଦେବୀ ଓ ବିଶାଲଙ୍କ ନିର୍ଦ୍ଦେଶନାରେ 'ମୁରବି'ର ସୁଟିଂ ଶେଷ ହୋଇଥିବା ବେଳେ ୨୦୨୬ ମସିହାରେ 'ଲ୍ୟାଣ୍ଡଫଲ' ନିର୍ମିତ ହେବାର ଯୋଜନା ରହିଛି ।

# ଅର୍ଦ୍ଧେନ୍ଦୁଙ୍କୁ ଲିପି ବାନ୍ଧିଲେ ରାକ୍ଷୀ

ଓଡ଼ିଆ ସିନେମା ଇତିହାସରେ ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ମମତାକୁ ନେଇ ପ୍ରସ୍ତୁତ ଫିଲ୍ମ ଓ ଗୀତ ଉଭୟ ସୁପରହିଟ୍ ହୋଇଥିବା ଅନେକ ଦୃଷ୍ଟାନ୍ତ ରହିଛି। ଦର୍ଶକ ଏଥିପ୍ରତି ଆକର୍ଷିତ ମଧ୍ୟ ହେଉଛନ୍ତି । ଏହି କ୍ରମରେ ଆଗାମୀ ନୂଆ ବଡ଼ ବଜେଟ୍‌ର ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ରେ ସ୍ଥାନିତ ହୋଇଛି ଭାଇ ଭଉଣୀଙ୍କ ଅନାବିଳ ସ୍ନେହ ସମ୍ପର୍କକୁ ନେଇ ରାକ୍ଷୀ ଗୀତ। ଅଭିନେତା ଅର୍ଦ୍ଧେନ୍ଦୁ ସାହୁ ଏବଂ ନାୟିକା ଲିପି ମହାପାତ୍ର ପ୍ରଥମଥର ପାଇଁ ଏଥିରେ ଭାଇ-ଭଉଣୀ ଭୂମିକାରେ ନଜର ଆସୁଛନ୍ତି । ଏହାର ପୋଷ୍ଟର ରାକ୍ଷୀ ପୂର୍ଣ୍ଣିମା ଦିନ ସୋସିଆଲ୍ ମିଡିଆରେ ମୁକ୍ତିଲାଭ କରିଛି । ଆଗାମୀ ଦିନରେ ଅନ୍ୟ ଚଳଚ୍ଚିତ୍ର ଭଳି ଏହି ଚଳଚ୍ଚିତ୍ରର ରାକ୍ଷୀ ଗୀତ ବି ଦର୍ଶକାଦୃତ ହେବ ବୋଲି ଆଶା କରାଯାଉଛି । ଏହାର 'ରାକ୍ଷୀ ର ଗୀତ ସୂତା ଖିଅର ଡୋର' ଗୀତକୁ ରଚନା କରିଛନ୍ତି ସ୍ମିତ ପଟ୍ଟନାୟକ ଓ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ସାଇକିରଣ ମଙ୍ଗରାଜ ଓ ଚିତ୍ରୋତ୍ତଳନ ଦାୟିତ୍ୱରେ ଅଛନ୍ତି ପ୍ରତାପ ପ୍ରଧାନ । ସିନେମାଟି ଆସନ୍ତା ଦୁର୍ଗାପୂଜାରେ ମୁକ୍ତିଲାଭ କରିବ ।




## ସାକ୍ଷାତକାର

# 'ପ୍ରଥମ ଶୋ' କ୍ୟାରିଅର୍ ଗଢ଼ିବାକୁ ସୁଯୋଗ ଦେଇଛି'

**ନେହା ନାଗେଶ୍ୱରୀ ମହାନ୍ତି, ଅଭିନେତ୍ରୀ**

ପିଲାଦିନେ ସେ ଓଡ଼ିଶୀ, ହିପ୍‌ପପ୍, କଣ୍ଟେମ୍ପୋରାରି ଆଦି ନୃତ୍ୟ ଶିଖୁଥିଲେ । ସେ ଜଣେ ଦକ୍ଷ ନୃତ୍ୟଶିଳ୍ପୀ । ନୃତ୍ୟ କରୁ କରୁ ତାଙ୍କର ଅଭିନୟ ପ୍ରତି ଆଗ୍ରହ ବଢ଼ିଥିଲା । ଏଥିପାଇଁ ୨୦୨୧ ମସିହାରେ ସେ 'ରଜ ସୁନ୍ଦରୀ'ରେ ଭାଗ ନେଇଥିଲେ । ଉକ୍ତ ପ୍ଲାଟଫର୍ମରେ ନିଜର ଦକ୍ଷତା ପ୍ରତିପାଦନ କରି ବିଜେତା ହୋଇଥିଲେ । ଭାଗ୍ୟ ତାଙ୍କୁ ଟାଣି ଆଣିଥିଲା ରଙ୍ଗିନ ପରଦାକୁ । 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଚିକି ଭୂମିକାରେ ହୃଦୟସ୍ପର୍ଶୀ ଅଭିନୟ କରି ସେ ଘରେ ଘରେ ପରିଚିତ । ସେ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବସ୍ତାର ନେହା ନାଗେଶ୍ୱରୀ ମହାନ୍ତି । ତେବେ କମ୍ ସମୟ ଭିତରେ ତାଙ୍କ ଅଭିନୟ ଯାତ୍ରା କିପରି ଥିଲା ଜାଣିବା ତାଙ୍କ ମୁହଁରୁ ।



**ପାଠପଢ଼ା ଆଉ ଅଭିନୟ ଭିତରେ କିପରି ସମନ୍ୱୟ ରଖନ୍ତି?**

କିଛି ପାଇବାକୁ ହେଲେ କିଛି ହରାଇବାକୁ ପଡ଼େ । ସୁଟିଂ ସେଟ୍‌ରେ ବ୍ୟସ୍ତ ରହୁଥିବାରୁ ଶୋଇବା କମ୍ ହେଉଛି । ତଥାପି ପଢ଼ାରେ କେବେ ମୁଁ ଅବହେଳା କରେନି । ପରୀକ୍ଷା ଦେବାକୁ ଯାଏ । ଧୀରେ ଧୀରେ ସବୁରେ ଅଭ୍ୟସ୍ତ ହୋଇଗଲିଣି ।

**ଆପଣଙ୍କ ଅଭିନୟ ଯାତ୍ରା କିପରି ଥିଲା?**

- ଘରେ ସମସ୍ତେ ଚାହୁଁଥିଲେ ମୁଁ ଅଭିନେତ୍ରୀ ହୁଏ ବୋଲି । ମୁଁ ପିଲାଦିନରୁ ଓଡ଼ିଶୀ ନୃତ୍ୟ ସହିତ ୱେଷ୍ଟର୍ଣ୍ଣ ଡ୍ୟାନ୍ସ ଶିଖୁଥିଲି । ସାଧାରଣତଃ ଯେଉଁମାନେ ନୃତ୍ୟ କରନ୍ତି, ସେମାନଙ୍କୁ ଅଭିନୟ ଶିଖାଇଲେ ସେ ସହଜରେ ଶିଖି ଯାଆନ୍ତି । ଯେହେତୁ ମୋ ବଡ଼ ଭଉଣୀ ବି ଏହି ଲାଇନ୍‌ରେ ଥିଲେ, ତେଣୁ ତାଙ୍କୁ ଦେଖି ମୁଁ ବି କଳାକାରଟିଏ ହେବାକୁ ଚାହିଁଥିଲି । ୨୦୨୧ ମସିହାରେ ସିଦ୍ଧାର୍ଥ ଟିଭିର ରିଆଲିଟି ଶୋ' ରଜ ସୁନ୍ଦରୀ'ରେ ବିଜେତା ହୋଇଥିଲି । ପଢ଼ା ପାଇଁ ଦୁଇବର୍ଷ ବ୍ୟସ୍ତ ରହିଥିଲି । ବର୍ତ୍ତମାନ ମୁଁ ଯୁକ୍ତ ତିନିରେ ପଢୁଛି । ୨୦୨୩ ମସିହାରେ ମୋତେ 'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଅଭିନୟ କରିବାକୁ ସୁଯୋଗ ମିଳିଥିଲା । ଏହି ପ୍ରଥମ ପ୍ରୋଜେକ୍ଟରେ ଓଡ଼ିଶାବାସୀଙ୍କ ଢେର ସାରା ଭଲପାଇବା ମୋତେ ଆଗକୁ ଆଗକୁ ନେଉଛି ।

**'ଚିକି' ଚରିତ୍ରରେ ଅଭିନୟ କରିବା କେତେ କଷ୍ଟକର ଥିଲା?**

- ଚିକି ହେଉଛି ବହୁତ ଚୁଲ୍‌ବୁଲି ଝିଅ । ସବୁବେଳେ ସେ ଚବର ଚବର ହେଉଥିବ । ଜଣେ ପଦେ କହିଲେ ସେ ଦଶ ପଦେ କହିବ । ହେଲେ ମୁଁ ଏମିତି ନୁହେଁ । ମୁଁ ବହୁତ ଚୁପ୍‌ଚାପ୍ ଥିଲି । ଏହି ଚରିତ୍ରରେ ଅଭିନୟ କରିବାକୁ ମୁଁ ବହୁତ ଚୁଲବୁଲି ଚରିତ୍ରକୁ ଅନୁକରଣ କରିଛି । ଦର୍ପଣ ସାମ୍ନାରେ ବି ଅଭିନୟ ଅଭ୍ୟାସ କରିଛି । ଯେତେବେଳେ ଚିକି ଚରିତ୍ରରେ ପଶିଗଲି ଏହା ପରେ ନେହା ପୂରା ଚିକି ହୋଇଗଲା । ଚିକି ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହି ନାଁ ମୋ ଜୀବନକୁ ପୂରା ପରିବର୍ତ୍ତନ କରିଦେଇଛି । ଯେଉଁଠିକୁ ବି ଗଲେ, ସମସ୍ତେ ମୋତେ ଚିହ୍ନି ଯାଉଛନ୍ତି । ଏବେ ଷ୍ଟେଜ୍‌ରେ ବି ସ୍କ୍ରିପ୍ଟ ଦେଲେ, ମୁଁ ଥରେ ପଢ଼ି ମନେ ରଖିଦେଉଛି ।

**ପ୍ରଥମ ଧାରାବାହିକରୁ ସଫଳତାର ରାଜ୍ କ'ଣ?**

- ତରଙ୍ଗ ଚ୍ୟାନେଲକୁ ଧନ୍ୟବାଦ ଦେବି ମୋତେ ଏମିତି ଗୋଟେ ଚରିତ୍ର ଦେଇଛନ୍ତି । ଏହାସହିତ ମୋ ନିର୍ଦ୍ଦେଶକ ଓ ସହ କଳାକାର ସମସ୍ତେ ଭଲ ଅଭିନୟ କରିବା କି କାମ ଶିଖିବାରେ ମୋତେ ବହୁତ ସହଯୋଗ କରିଛନ୍ତି । ମୁଁ ଏବେ ବି ବହୁତ ଆଗ୍ରହର ସହିତ କାମ ଶିଖେ । ମୋର ଗୋଟେ ସିନ୍ ଆସିଲେ, ସ୍କ୍ରିପ୍ଟକୁ ଆଗୁଆ ପଢ଼ି କେମିତି କ'ଣ କରିବି ଚିନ୍ତା କରିଥାଏ । କେବଳ ସେତିକି ନୁହେଁ, ଗୋଟେ ଟେକ୍‌ରେ କେମିତି ମୁଁ ସିନ୍ କରିବି ସେ ନେଇ ନିର୍ଦ୍ଦେଶକ ସାର୍‌ଙ୍କୁ ସହଯୋଗ କରିବାକୁ କୁହେ । ସେ ମଧ୍ୟ ସହଯୋଗ କରିଥାନ୍ତି । କେବଳ ମୁଁ ନୁହେଁ, ପୂରା ଟିମ୍ ଏହି ଧାରାବାହିକକୁ ସଫଳତା ପଥରେ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛନ୍ତି । ଧାରାବାହିକ ଆରମ୍ଭ ହେବା ଅଢ଼େଇ ବର୍ଷ ହୋଇଗଲାଣି । ଟିଆର୍‌ପି ସେମିତି ରହିଛି ।

**'ତୋରି ପାଇଁ ତୋ ପାଇଁ' ଧାରାବାହିକରେ ଆଗକୁ କ'ଣ ଟ୍ୱିଷ୍ଟ ରହିଛି?**

- ଏହି ଧାରାବାହିକ ସମ୍ପୂର୍ଣ୍ଣ ସସ୍‌ପେନ୍ସ । କେତେବେଳେ କ'ଣ ଘଟୁଛି, କାହା ସହ କ'ଣ ହେବ, ତାହା କେହି ଜାଣିପାରୁ ନାହାଁନ୍ତି । ଜୀବନ ଗୋଟିଏ ବୃତ୍ତ । ଡ୍ରାମା, ଇମୋସନ୍, କମେଡି, ଖୁସି ସବୁ କିଛି ସହିତ ଜଣେ ପୁଣି ତା'ର ସ୍ଥାନରେ କିପରି ପହଞ୍ଚିଯାଉଛି ତାହା ଦେଖିବାକୁ ମିଳିଛି ।

**ଆଗାମୀ ଯୋଜନା ?**

- ମୁଁ ବର୍ତ୍ତମାନରେ ବଞ୍ଚେ । ଭବିଷ୍ୟତ କଥା ବହୁତ କମ୍ ଭାବେ । ତେବେ ମୋତେ ଏବେ ଯେଉଁ କାମ ମିଳିଛି ତାହାକୁ କେମିତି ଭଲ କରିବି ତାହା ବିଷୟରେ ମୁଁ ଚିନ୍ତା କରୁଛି । କିନ୍ତୁ ହଁ, ଧାରାବାହିକ ସରିବା ପରେ ପୁଣି ଧାରାବାହିକ କିମ୍ବା ସିନେମାରେ ସୁଯୋଗ ମିଳିଲେ କାମ ଆରମ୍ଭ କରିବି ।

# 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌ର ଖୋଜ୍' ଆରମ୍ଭ

ଜୀ ସାର୍ଥକରେ ଅଗଷ୍ଟ ୯ ତାରିଖରୁ ଆରମ୍ଭ ହୋଇଛି ନୂଆ ରିଆଲିଟି ଶୋ' 'ଓଡ଼ିଶାର ବେଷ୍ଟ ସିନେଷ୍ଟାର୍'ର ଖୋଜ୍ । ଏହି ଶୋ' ପ୍ରତିଭା ଖୋଜିବାର ଅନନ୍ୟ ପ୍ରୟାସ । ଏହି ରିଆଲିଟି ଶୋ'ରେ ଆଶାୟୀ ଯୁବ ଅଭିନେତା ଓ ଅଭିନେତ୍ରୀମାନେ ସେମାନଙ୍କର ବହୁମୁଖୀ ଅଭିନୟ ପ୍ରତିଭା ଦେଖାଇଥାନ୍ତି । ଏଥର ଏହି ଶୋ'ରେ ନାଟକୀୟ ଦୃଶ୍ୟଠାରୁ ଆରମ୍ଭ କରି କମେଡି ଡ୍ରାମା ସହ ଆକ୍ସନ ସିକ୍ୱେନ୍ସ ପର୍ଯ୍ୟନ୍ତ ନିଜର ସବୁ ପ୍ରକାର ପ୍ରତିଭା ଦ୍ୱାରା ଏହି ମଞ୍ଚକୁ ଜୀବନ୍ତ କରିବ । ପ୍ରତିଯୋଗୀମାନେ ବିଭିନ୍ନ ପର୍ଯ୍ୟାୟରେ ନିଜର କଳା ପ୍ରଦର୍ଶନ କରିବା ସହ ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଗ୍ରାଣ୍ଡ ଫିନାଲେରେ ଜଣେ ଅଭିନେତା ଓ ଅଭିନେତ୍ରୀ ଭାବେ ବିଜୟୀ ମୁକୁଟ ପିନ୍ଧିବେ । ଏହାସହ ସେମାନଙ୍କୁ ଆଗାମୀ ଜୀ ସାର୍ଥକ ଫିଲ୍ମସ ଓ ମ୍ୟୁଜିକ ଭିଡିଓରେ ମୁଖ୍ୟ କଳାକାର ଭାବରେ ଲଞ୍ଚ କରାଯିବ । ଏହି ରିୟାଲିଟି ଶୋ ରେ ବିଚାରକ ଭାବରେ ଶ୍ରୀତମ, ଲିପି ଏବଂ ନମ୍ରତା ଥାପା ନଜର ଆସିଛନ୍ତି । ଆଙ୍କର ଭାବରେ ନଜର ଆସିଛନ୍ତି ଟିଭି ଇଣ୍ଡଷ୍ଟ୍ରିର ଅନନ୍ୟା ଏବଂ ରଞ୍ଜନ । ଏହି ଶୋ' ଶନିବାର ଓ ରବିବାର ରାତି ୯ ଟା୩୦ରେ ପ୍ରସାରିତ ହେଉଛି ।



# ସୁଟିଂ ସେଟ୍‌ରେ ଡୁପ୍ଲିକେଟ୍ ଶାହରୁଖ

**ପରଦା ପଛର କାହାଣୀ**

ବଲିଉଡ୍ ବାଦଶାହା ଶାହରୁଖ ଖାନ୍ ଅନେକ ସୁପରହିଟ୍ ଫିଲ୍ମ ଦେଇଛନ୍ତି । ୧୯୯୨ ମସିହାରେ 'ଦିୱାନା' ଫିଲ୍ମ ମାଧ୍ୟମରେ ବଲିଉଡ୍‌ରେ ପାଦ ଥାପିଥିବା ଏହି ଅଭିନେତା ଆଉ ପଛକୁ ଫେରି ଚାହିଁ ନାହାନ୍ତି । ସେ ହିନ୍ଦୀ ସିନେମା ଜଗତକୁ ଗୋଟିଏ ପରେ ଗୋଟିଏ ସୁପରହିଟ୍ ଫିଲ୍ମ ଦେଇ ଚାଲିଛନ୍ତି । ସେଥିମଧ୍ୟରୁ ଗୋଟିଏ ହେଉଛି 'ପରଦେଶ' । ୧୯୯୭ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ବେଶ୍ ଦର୍ଶକୀୟ ଆଦୃତି ଲାଭ କରିଥିଲା । ଏହି ସୁପରହିଟ୍ ଫିଲ୍ମର ଗୋଟିଏ ଗୀତକୁ ନେଇ ଏକ ରୋଚକୀୟ କାହାଣୀ ରହିଛି । ଏହି ଫିଲ୍ମରେ ଥିବା ଏକ ଗୀତ ଶାହରୁଖଙ୍କ ବଦଳରେ ଡୁପ୍ଲିକେଟ୍ ଶାହରୁଖଙ୍କ ଦ୍ୱାରା ସୁଟ୍ କରାଯାଇଥିଲା । ଯିଏ ଦେଖିବାକୁ ଅବିକଳ ଶାହରୁଖଙ୍କ ପରି । ଏହି ଫିଲ୍ମକୁ ଦର୍ଶକେ ଖୁବ୍ ଭଲପାଇବା ଦେଇଥିଲେ । ଶାହରୁଖ ଖାନ୍ ଓ ମହିମା ଚୌଧୁରୀ ଏହି ଫିଲ୍ମ ସୁଟିଂ କରୁଥିବା ସମୟରେ ଶାହରୁଖଙ୍କ ପତ୍ନୀ ଗୌରୀ ଗର୍ଭବତୀ ଥିଲେ । ସୁବାଷ ଘାଇଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସେ ସମୟରେ ସମ୍ପୂର୍ଣ୍ଣ ସୁଟିଂ ହୋଇଯାଇଥିଲା । ତେବେ ଗୋଟିଏ ଗୀତର କିଛି ଅଂଶ ସୁଟିଂ ପାଇଁ ବାକି ରହି ଯାଇଥିଲା । ସୋନୁ ନିଗମ ମଧ୍ୟ ଫିଲ୍ମର ଗୀତ 'ୟେ ଦିଲ୍ ଦିୱାନା...'ର ରେକର୍ଡିଂ ଶେଷ କରି ଦେଇଥିଲେ । ସେହିପରି ଶାହରୁଖ୍ ମଧ୍ୟ ଦେଢ଼ ଦିନ ଧରି ଏହି ଗୀତ ସୁଟିଂ କରିଦେଇଥିଲେ । କିନ୍ତୁ ଏହାରି ମଧ୍ୟରେ ଗୌରୀଙ୍କ ଅବସ୍ଥା ଗୁରୁତର ହେବାରୁ ଶାହରୁଖଙ୍କୁ ସୁଟିଂ ଅଧାରେ ଛାଡ଼ି ଦିଲ୍ଲୀ ଆସିବାକୁ ପଡ଼ିଥିଲା । ଫଳରେ ସେତେବେଳେ ତାଙ୍କ ଅନୁପସ୍ଥିତିରେ ସୁବାଷ ଘାଇ ଶାହାରୁଖ୍‌ଙ୍କ ଡୁପ୍ଲିକେଟ୍‌ଙ୍କୁ ନେଇ ଗୀତର ବାକି ଥିବା ଅଂଶ ସୁଟିଂ କରିଥିଲେ ।



# ପୋଲ୍ ଭଲ୍ଟରେ ଡୁପ୍ଲାଣ୍ଟିସଙ୍କ ୧୩ତମ ବିଶ୍ୱରେକର୍ଡ




ବୁଦାପେଷ୍ଟ, ୧୩।୮ (ଏଜେନ୍ସି): ସ୍ୱିଡେନର ପୋଲ୍ ଭଲ୍ଟ ଖେଳାଳି ଆର୍ମଣ୍ଡ ଡୁପ୍ଲାଣ୍ଟିସ ପୁଣିଥରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। କ୍ୟାରିୟରରେ ୧୩ଥର ଲାଗି ସେ ପୁରୁଷ ପୋଲ୍ ଭଲ୍ଟରେ ବିଶ୍ୱରେକର୍ଡ ସ୍ଥାପନ କରି ସ୍ମରଣୀୟ ସଫଳତା ପାଇଛନ୍ତି। ବୁଦାପେଷ୍ଟରେ ଅନୁଷ୍ଠିତ ଗୁଲାଇ ଇସ୍ତଭାନ ମେମୋରିଆଲ ପ୍ରତିଯୋଗିତାରେ ଡୁପ୍ଲାଣ୍ଟିସ ୬.୨୯ ମିଟର ଉଚ୍ଚକୁ ଡେଇଁଥିଲେ। ଏହିକ୍ରମରେ ସେ ନିଜ ନାମରେ ଥିବା ପୂର୍ବ ରେକର୍ଡକୁ ଭଙ୍ଗ କରିଥିଲେ। ଗତ ଜୁନରେ ଅନୁଷ୍ଠିତ ଷ୍ଟକହୋଲମ ଡାଇମଣ୍ଡ ଲିଗରେ ଡୁପ୍ଲାଣ୍ଟିସ ୬.୨୮ ମିଟର ଡେଇଁ ୧୨ଥର ଲାଗି ବିଶ୍ୱରେକର୍ଡ କରିଥିଲେ। ଏବେ

## ଅଲ୍ଟିମେଟ୍ ଚାମ୍ପିଅନସିପ୍ ଲାଗି 'ଷ୍ଟାର୍ ଆଥଲେଟ୍'

ସେ ଏହି ବିଶ୍ୱରେକର୍ଡକୁ ୧୩କୁ ବୃଦ୍ଧି କରାଇଛନ୍ତି। ଚଳିତ ବର୍ଷ ଡୁପ୍ଲାଣ୍ଟିସ ୩ୟଥର ଲାଗି ବିଶ୍ୱରେକର୍ଡ କରିଛନ୍ତି। ଫେବୃଆରୀରେ ସେ ୬.୨୭ ମିଟର ଉଚ୍ଚକୁ ଲମ୍ଫ ମାରିଥିଲେ।

୨୫ ବର୍ଷୀୟ ଡୁପ୍ଲାଣ୍ଟିସ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୬.୨୫ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହା ପରଠାରୁ ସେ ୪ଥର ପୋଲ୍ ଭଲ୍ଟରେ ବିଶ୍ୱରେକର୍ଡ ଭଙ୍ଗ କରିଛନ୍ତି। ଅପରପକ୍ଷରେ ଆସନ୍ତାବର୍ଷଠାରୁ ଆରମ୍ଭ ହେବାକୁ ଥିବା ଦୌଡ଼କୁଦ ପ୍ରତିଯୋଗିତା 'ୱାର୍ଲ୍ଡ ଆଥଲେଟିକ୍ସ ଅଲ୍ଟିମେଟ୍ ଚାମ୍ପିଅନସିପ୍' ଲାଗି ଡୁପ୍ଲାଣ୍ଟିସଙ୍କୁ 'ଷ୍ଟାର୍ ଆଥଲେଟ୍' ମାନ୍ୟତା ଦିଆଯାଇଛି। ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏହି ନୂତନ ବିଶ୍ୱସ୍ତରୀୟ ଇଭେଣ୍ଟ ଆରମ୍ଭ ହେବାକୁ ଯାଉଛି। ପ୍ରତି ୨ ବର୍ଷ ବ୍ୟବଧାନରେ ଏହା ଆୟୋଜିତ ହେବ। ବୁଦାପେଷ୍ଟରେ ହେବାକୁ ଥିବା ଏହାର ଉଦ୍‌ଘାଟନୀ ସଂସ୍କରଣ ଲାଗି ଡୁପ୍ଲାଣ୍ଟିସ ବ୍ରାଣ୍ଡ ଆମ୍ବାସଡର ଭୂମିକାରେ ଅବତୀର୍ଣ୍ଣ ହେବେ। ଏଥିରେ ମୋଟ୍ ପୁରସ୍କାର ରାଶି ୧୦ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୮୭ କୋଟି ୪୭ ଲକ୍ଷ ଟଙ୍କା) ରଖାଯାଇଛି। ବିଶ୍ୱ ଦୌଡ଼କୁଦର ସର୍ବୋଚ୍ଚ ସଂସ୍ଥା ୱାର୍ଲ୍ଡ ଆଥଲେଟିକ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି।

# ରାଇନାଙ୍କୁ ଇଡିର ଜେରା

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନାଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବେଆଇନି ବେଟିଂ ମାମଲାରେ ଜେରା କରିଛି।



ରାଇନା ବୁଧବାର ନୂଆଦିଲ୍ଲୀସ୍ଥିତ ଇଡି ଅଫିସରେ ହାଜର ହୋଇଥିଲେ। ଅନ୍‌ଲାଇନ୍ ବେଟିଂ ଆପ୍ '୧ଗୁଣାବେଟ୍' ମାମଲାରେ ତାଙ୍କୁ ଇଡି ଅଧିକାରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପୂର୍ବରୁ ତାଙ୍କୁ ଇଡିରେ ହଜାର ହେବା ପାଇଁ ନୋଟିସ ଜାରି କରାଯାଇଥିଲା। ରାଇନା ଏହି ଆପ୍‌ର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ରାଇନା ୨୦୨୦ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଏହି ବେଟିଂ ଆପ୍ ଜରିଆରେ ମନି ଲଣ୍ଡରିଂ ହେଉଥିବା ସନ୍ଦେହ କରି ଇଡି ଯାଞ୍ଚ କରୁଛି। ରାଇନାଙ୍କୁ ବାଦ୍ ଦେଲେ ଇଡି ଏହି ମାମଲାରେ ହରଭଜନ ସିଂହ, ଯୁବରାଜ ସିଂହ, ବଲିଉଡ ଅଭିନେତା ସୋନୁ ସୁଦ୍, ଅଭିନେତ୍ରୀ ଉର୍ବସୀ ରୌତେଲାଙ୍କୁ ମଧ୍ୟ ପୂର୍ବରୁ ଜେରା କରିସାରିଛି।

### ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍

# ଷ୍ଟୋଏଭା ଭଗିନୀଙ୍କୁ ଭେଟିବେ ପଣ୍ଡା ଭଗିନୀ

ପ୍ୟାରିସ, ୧୩।୮ (ଏଜେନ୍ସି): ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍‌ର ଆଗାମୀ ୨୯ତମ ସଂସ୍କରଣ ଅଗଷ୍ଟ ୨୫ରୁ ପ୍ୟାରିସରେ ଆରମ୍ଭ ହେବ। ବିଶ୍ୱ ବ୍ୟାଡ୍‌ମିଣ୍ଟନର ଏହି ସର୍ବଶ୍ରେଷ୍ଠ ପ୍ରତିଯୋଗିତା ଲାଗି ବୁଧବାର ଡ୍ର' ତଥା କେଉଁ ଖେଳାଳି କାହା ସହିତ ଓପନିଂ ରାଉଣ୍ଡରେ ଖେଳିବେ ତାହା ଘୋଷଣା କରାଯାଇଛି। ଓଡ଼ିଶାର ଦୁଇ ଉଦୀୟମାନ ବ୍ୟାଡ୍‌ମିଣ୍ଟନ




ଖେଳାଳି ତଥା ପଣ୍ଡା ଭଗିନୀ ରତ୍ନପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଏହି ମେଗା ଇଭେଣ୍ଟରେ ମହିଳା ଡବଲ୍ସରେ ଅଂଶଗ୍ରହଣ କରିବେ। ଶ୍ୱେତପର୍ଣ୍ଣା-ରତ୍ନପର୍ଣ୍ଣା ଯୋଡ଼ି ବର୍ତ୍ତମାନ ବିଶ୍ୱ ମହିଳା ଡବଲ୍ସ ତାଲିକାର ୩୮ତମ ସ୍ଥାନରେ ରହିଛନ୍ତି। କୌତୁହଳର କଥା ହେଉଛି ପଣ୍ଡା ଭଉଣୀ ଯୋଡ଼ି ପ୍ରଥମ ରାଉଣ୍ଡରେ ବୁଲଗେରିଆର ଦୁଇ ଭଉଣୀ ଗାବ୍ରିଏଲ ଷ୍ଟୋଏଭା ଓ ଷ୍ଟିଫାନି ଷ୍ଟୋଏଭା ଯୋଡ଼ିଙ୍କୁ ଭେଟିବେ। ଷ୍ଟୋଏଭା ଭଉଣୀ ଯୋଡ଼ି ବିଶ୍ୱ ମାନ୍ୟତାର ୧୭ତମ ସ୍ଥାନରେ ରହିଥିବାବେଳେ ସେମାନେ ୪ଥର ୟୁରୋପିଆନ ଚାମ୍ପିଅନ ଓ ଦୁଇଥର ୟୁରୋପିଆନ ଗେମ୍ସରେ ଚାମ୍ପିଅନ ହୋଇଛନ୍ତି। ତେଣୁ ଶ୍ୱେତପର୍ଣ୍ଣା ଓ ରତ୍ନପର୍ଣ୍ଣାଙ୍କ ଲାଗି ପ୍ରଥମ ରାଉଣ୍ଡ କଷ୍ଟସାଧ୍ୟ ମୁକାବିଲା ହେବ ବୋଲି ଆକଳନ କରାଯାଉଛି।

ଭାରତର ଅନ୍ୟ ଖେଳାଳିଙ୍କ ମଧ୍ୟରେ ଲକ୍ଷ୍ୟ ସେନ, ଏଚଏସ୍ ପ୍ରଣୟ, ମହିଳାରେ ପିଭି ସିନ୍ଧୁ, ପୁରୁଷ ଡବଲ୍ସରେ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ିଙ୍କୁ ମଧ୍ୟ ୱାର୍ଲ୍ଡ ଚାମ୍ପିଅନସିପ୍‌ରେ ଦେଖିବାକୁ ମିଳିବ। ସିନ୍ଧୁ ମଧ୍ୟ ଏକ କଷ୍ଟସାଧ୍ୟ ଡ୍ର'ରେ ରହିଛନ୍ତି। ପ୍ରଥମ ରାଉଣ୍ଡରେ ସେ ୨ୟ ସିଡ୍ ତଥା ଦୁଇଥରର ଏସୀୟ ଚାମ୍ପିଅନ ଚାଇନାର ୱାଙ୍ଗ୍ ଝି ୟିଙ୍କୁ ଭେଟିବେ। ୨୦୧୯ରେ ସିନ୍ଧୁ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଚାମ୍ପିଅନ ହୋଇଥିଲେ। ଶେଷଥର ଲାଗି ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ୨୦୧୦ରେ ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା। ଭାରତ ଏହି ସଂସ୍କରଣରେ ପଦକଶୂନ୍ୟ ତଥା ଖାଲି ହାତରେ ସ୍ୱଦେଶ ଫେରିଥିଲା।

### ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଆୟୋଜନ ଆଶା ବଢ଼ିଲା

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି):


୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା (ସିଡବ୍ଲ୍ୟୁଜି) ପାଇଁ ବିଡ୍ ଦାଖଲ କରିବା ଲାଗି ଭାରତକୁ ଆନୁଷ୍ଠାନିକ ଭାବେ ଅନୁମୋଦନ ମିଳିଛି। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ଅନୁମୋଦନ ଦେଇଛି। ବୁଧବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଆଇଓଏର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ)ରେ ଏହି ନିଷ୍ପତ୍ତି ନିଆଯାଇଛି।

## ଭୁବନେଶ୍ୱରରେ ଭଲ ସୁବିଧା ରହିଛି: ପିଟି ଉଷା

ଏହି ମେଗା ଇଭେଣ୍ଟ ଆୟୋଜିତ ହେଲେ ସରକାର ସମ୍ପୂର୍ଣ୍ଣ ପାଣ୍ଠି ବହନ କରିବେ। ସିଡବ୍ଲ୍ୟୁଜି ଆୟୋଜନ ଦୌଡ଼ରେ ଅହମ୍ମଦାବାଦ ସର୍ବାଗ୍ରେ ରହିଛି। ନିକଟରେ ସିଡବ୍ଲ୍ୟୁଜିର ନିର୍ଦ୍ଦେଶକ ଡାରେନ ହଲ୍‌ଙ୍କ ନେତୃତ୍ୱରେ କିଛି ବରିଷ୍ଠ କର୍ମକର୍ତ୍ତା ଅହମ୍ମଦାବାଦରେ ଭିତ୍ତିଭୂମି ବୁଲି ଦେଖିଯାଇଛନ୍ତି। ତେବେ ଆଇଓଏ ସଭାପତି ତଥା ପୂର୍ବତନ ମହାନ ଧାବିକା ପିଟି ଉଷା କହିଛନ୍ତି, 'ମୁଁ ଖୁସି ଯେ ଆମେ ସମସ୍ତେ ଏକାଠି ରହିଛନ୍ତି। ଏହା ଏକ ସର୍ବସମ୍ମତି ନିଷ୍ପତ୍ତି ଥିଲା ଏବଂ ଆମର ପ୍ରସ୍ତୁତି ଆଗକୁ ବଢ଼ିବ। ଆମେ କେବଳ କହିପାରିବା ନାହିଁ ଯେ ଅହମ୍ମଦାବାଦ ଆୟୋଜକ ସହର ବୋଲି। ଭୁବନେଶ୍ୱର ଓ ଦିଲ୍ଲୀରେ ମଧ୍ୟ ଭଲ ସୁବିଧା ରହିଛି।' ଆଇଓଏର ଏସ୍‌ଜିଏମ୍ ପରେ ପିଟି ଉଷାଙ୍କ ଏହି ବିବୃତି କଳିଙ୍ଗ ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର କିଞ୍ଚିତ ଆୟୋଜନ ଆଶା ସଞ୍ଚାର କରିଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ବିଡ୍ ଦାଖଲର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ଭାରତ ବ୍ୟତୀତ ନାଇଜେରିଆ, କାନାଡା ଓ ଆଉ ୨ଟି ରାଷ୍ଟ୍ର ଏହି ମେଗା ଇଭେଣ୍ଟ ଆୟୋଜନ ଦୌଡ଼ରେ ରହିଛନ୍ତି। କିନ୍ତୁ ନିକଟରେ କାନାଡା ଆୟୋଜନ ଦୌଡ଼ରୁ ଓହରିଯାଇଥିଲା। ଏଠାରେ ସ୍ମରଣଯୋଗ୍ୟ, ୧୫ ବର୍ଷ ତଳେ ୨୦୧୦ରେ ଦିଲ୍ଲୀରେ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା।

# ରେସ୍‌ଲର୍ ସୁଶୀଲଙ୍କ ଜାମିନକୁ ବାତିଲ କଲେ ସୁପ୍ରିମକୋର୍ଟ


ନୂଆଦିଲ୍ଲୀ, ୧୩।୮ (ସମିସ): ଜୁନିଅର ରେସଲର ସାଗର ଧନକର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଦୁଇଥରର ଅଲିମ୍ପିକ ପଦକ ବିଜେତା ସୁଶୀଲ କୁମାରଙ୍କୁ ସୁପ୍ରିମ କୋର୍ଟରୁ ଜୋରଦାର ଝଟକା ଲାଗିଛି। ସର୍ବୋଚ୍ଚ ଅଦାଲତଙ୍କ ପକ୍ଷରୁ ବୁଧବାର ସୁଶୀଲଙ୍କ ଜାମିନକୁ ବାତିଲ କରିଦିଆଯାଇଛି। ଏଥିସହ ତାଙ୍କୁ ଏକ ସପ୍ତାହ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଷ୍ଟିସ ସଞ୍ଜୟ କାରୋଲ ଓ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି।



ଗତ ମାର୍ଚ୍ଚ ମାସରେ ଦିଲ୍ଲୀ ହାଇକୋର୍ଟ ସୁଶୀଲଙ୍କୁ ନିୟମିତ ଜାମିନ ପ୍ରଦାନ କରିଥିଲେ। ତେବେ ବୁଧବାର ଜଷ୍ଟିସ କାରୋଲ ଏହି ରାୟର ମୁଖ୍ୟ ଅଂଶ ପଢ଼ିବା ସମୟରେ ମୃତ ସାଗରଙ୍କ ପିତା ଅଶୋକ ଧନକରଙ୍କ ପକ୍ଷରୁ ଦାୟର ଆବେଦନକୁ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ସମ୍ପତ୍ତି ବିବାଦକୁ ନେଇ ୨୦୨୧ ମେ ୪ ତାରିଖରେ ଦିଲ୍ଲୀର ଛତ୍ରଶାଳା ଷ୍ଟାଡିୟମ ବାହାରେ ଅଲିମ୍ପିଆନ ସୁଶୀଲ ଓ ଜୁନିଅର ରେସଲର ସାଗରଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସୁଶୀଲଙ୍କ ଆକ୍ରମଣରେ ୨୩ ବର୍ଷୀୟ ସାଗରଙ୍କ ମୃତ୍ୟୁ ଘଟିଥିଲା। ରେସଲର ସୁଶୀଲ ୨୦୦୮ ବେଜିଂ ଅଲିମ୍ପିକରେ କାଂସ୍ୟ ଓ ୨୦୧୨ ଲଣ୍ଡନ ଗେମ୍ସରେ ରୌପ୍ୟ ପଦକ ଜିତିଥିଲେ।

# ଜମିଲଙ୍କୁ ୨୦୨୭ ପର୍ଯ୍ୟନ୍ତ ପ୍ରଶିକ୍ଷକ ଦାୟିତ୍ୱ

ନୂଆଦିଲ୍ଲୀ, ୧୩।୮ (ଏଜେନ୍ସି): ଖଲିଦ ଜମିଲ ଆଗାମୀ ୨ ବର୍ଷ ଅର୍ଥାତ୍ ୨୦୨୭ ପର୍ଯ୍ୟନ୍ତ ଭାରତୀୟ ବରିଷ୍ଠ ପୁରୁଷ ଫୁଟବଲ ଦଳର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱରେ ରହିବେ। ଏହି ଚୁକ୍ତି ମଧ୍ୟ ଆଉ ଗୋଟିଏ ବର୍ଷ ବଢ଼ିପାରେ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ପକ୍ଷରୁ ବୁଧବାର ଏହି ଘୋଷଣା କରାଯାଇଛି।



ଫଳରେ ଜମିଲ ଏବେ ପୂର୍ଣ୍ଣକାଳୀନ ଭାବେ ଜାତୀୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭୂମିକାରେ ନଜରକୁ ଆସିବେ। ଅଗଷ୍ଟ ୧୫ରୁ ବେଙ୍ଗାଲୁରୁସ୍ଥିତ ଦ୍ରାବିଡ-ପାଦୁକୋନ ସେଣ୍ଟର ଫର୍ ସ୍ପୋର୍ଟ୍ସ ଏକ୍ସଲେନ୍ସିରେ ଜାତୀୟ ଦଳର ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଜମିଲଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଚାଲିବ। ଅଗଷ୍ଟ ୨୯ରୁ ଆରମ୍ଭ ହେବାକୁ ଥିବା କାଫା (ସେଣ୍ଟ୍ରାଲ ଏସିଆନ ଫୁଟ୍‌ବଲ ଆସୋସିଏସନ) ନେସନ୍ସ କପ୍ ଟୁର୍ଣ୍ଣାମେଣ୍ଟ ପ୍ରଶିକ୍ଷକ ଭାବେ ଜମିଲଙ୍କ ପ୍ରଥମ ଦାୟିତ୍ୱ ହେବ। ଉଲ୍ଲେଖଯୋଗ୍ୟ, ଗତ ୧ ତାରିଖରେ ୪୮ ବର୍ଷୀୟ ଜମିଲଙ୍କୁ ଭାରତୀୟ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ମନୋଲା ମରକ୍ୟୁଜଙ୍କ ସ୍ଥାନରେ ସେ ଏହି ଗୁରୁଦାୟିତ୍ୱ ତୁଲାଇଥିଲେ। ଫଳରେ ୧୩ ବର୍ଷର ପ୍ରତୀକ୍ଷାର ଅନ୍ତ ପରେ ଜଣେ ଭାରତୀୟ ଜାତୀୟ ପୁରୁଷ ଫୁଟ୍‌ବଲ ଦଳର ପ୍ରଶିକ୍ଷକ ନିଯୁକ୍ତ ହୋଇଥିଲେ। ସେ ଆଇଏସ୍ଏଲ୍ ଦଳ ଜାମେଦେଦପୁର ଏଫ୍‌ସି ସହିତ ସମ୍ପର୍କ ତୁଟାଇବା ପରେ ଜାତୀୟ ଦଳ ସହିତ ତାଙ୍କର ଏହି ଦୁଇ ବର୍ଷିଆ ପୂର୍ଣ୍ଣକାଳୀନ ଚୁକ୍ତି ହୋଇଛି।

### ମହିଳା ଦିନିକିଆ ସିରିଜ

# ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ-ଏ'କୁ ହରାଇଲା ଭାରତ-ଏ'

ବ୍ରିସବେନ, ୧୩।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତ-ଏ ମହିଳା କ୍ରିକେଟ ଦଳ ପ୍ରଥମ ବିଜୟ ହାସଲ କରିଛି। ବୁଧବାରଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ଘରୋଇ ଅଷ୍ଟ୍ରେଲିଆ-ଏ ମହିଳା ଦଳକୁ ୩ ୱିକେଟ୍‌ରେ ଭାରତ-ଏ ହରାଇଦେଇଛି। ୨୧୫ ରନର ଲକ୍ଷ୍ୟକୁ ପିଛା କରିଥିବା ରାଧା ଯାଦବଙ୍କ ଦଳ ୪୨ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ୟସ୍ତିକା ଭାଟିଆ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ




ଶେଫାଳି ବର୍ମା (୩୬ ରନ) ଓ ଧାରା ଗୁଜ୍ଜର (୩୧) ଉପଯୋଗୀ ପାଳି ଖେଳି ୟସ୍ତିକାଙ୍କୁ ସହାୟତା କରିଥିଲେ। ଏଥିପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଅଷ୍ଟ୍ରେଲିଆ-ଏ ୨୧୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅନିକା ଲିଆରୋୟଡ ସର୍ବାଧିକ ୯୨, ରାଚେଲ ଟ୍ରିନାମାନ ୫୧ ରନ କରିଥିଲେ। ସିରିଜର ପରବର୍ତ୍ତୀ ୨ ଦିନିକିଆ ମ୍ୟାଚ୍ ଅଗଷ୍ଟ ୧୫ ଓ ୧୭ରେ ଖେଳାଯିବ। ଏହାପରେ ଦୁଇ ଦଳ ମଧ୍ୟରେ ଅଗଷ୍ଟ ୨୧ରୁ ଏକ ଚାରିଦିବସୀୟ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ।

# ଭେନସଙ୍କୁ ୱାଇଲ୍ଡ କାର୍ଡ

ନ୍ୟୁୟର୍କ, ୧୨।୮ (ଏଜେନ୍ସି): ୟୁଏସ୍ ଓପନ୍ ଅଗଷ୍ଟ ୨୪ରୁ ଆରମ୍ଭ ହେବ। ଏଥିଲାଗି ଭେଟେରାନ ଭେନସ ୱିଲିୟମ୍ସଙ୍କୁ ୱାଇଲ୍ଡ କାର୍ଡ ମିଳିଛି। ଫଳରେ ୪୫ ବର୍ଷରେ ଭେନସ ୟୁଏସ୍ ଓପନ୍ ଖେଳିବେ। ୧୯୮୧ରେ ରେନି ରିଚାର୍ଡ୍ସ ୪୭ ବର୍ଷରେ ୟୁଏସ୍ ଓପନ୍ ଖେଳିଥିଲେ।

### ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ୨୦ଜଣିଆ ଓଡ଼ିଶା ଦଳ ଘୋଷିତ

କଟକ,୧୩।୮ (ସମିସ): ଅଗଷ୍ଟ ୧୮ରୁ ତାମିଲନାଡୁର ଚେନ୍ନାଇଠାରେ ସର୍ବଭାରତୀୟ ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏଥି ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି। ତେବେ ୨୦ଜଣିଆ ରାଜ୍ୟ ଦଳରେ ଅଧିନାୟକ କାହାକୁ କରାଯିବ ତାହାକୁ ନେଇ ଦ୍ୱନ୍ଦ ଉପୁଜିଛି। ଫଳରେ

## ଅଧିନାୟକ ନାଁ ଘୋଷଣାକୁ ନେଇ ଦ୍ୱନ୍ଦ୍ୱ

ଅଧିନାୟକ ନାମ ଓସିଏ ପକ୍ଷରୁ ପ୍ରକାଶ କରାଯାଇନାହିଁ। ଅଭିଜ୍ଞ ଶୁଭ୍ରାଂଶୁ ଶେଖର ସେନାପତି ଓ ଗୋବିନ୍ଦ ପୋଦ୍ଦାରଙ୍କ ସମେତ ସନ୍ଦୀପ ପଟ୍ଟନାୟକ ଏବଂ ସ୍ୱସ୍ତିକ ସାମଲଙ୍କ ନାମ ଅଧିନାୟକ ନିମନ୍ତେ ଆଲୋଚନା ପରିସରକୁ ଆସିଥିଲା। ତେବେ କିଛି ନିର୍ଦ୍ଦିଷ୍ଟ କାରଣ ହେତୁ ଅଧିନାୟକ ଚୂଡ଼ାନ୍ତ ହୋଇ ପାରିନଥିବା କୁହାଯାଇଛି। ମଧ୍ୟପ୍ରଦେଶ ଛାଡ଼ି ଓଡ଼ିଶା ଫେରିବା ପରେ ରାଜ୍ୟ ଦଳ ପାଇଁ ଶୁଭ୍ରାଂଶୁଙ୍କ ଏହା ପ୍ରଥମ ମ୍ୟାଚ୍ ହେବ।

ବୁଚି ବାବୁ ଆମନ୍ତ୍ରଣୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ଗ୍ରୁପ-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପରେ ଭାରତୀୟ ରେଳବାଇ, ଜମ୍ମୁ-କଶ୍ମୀର ଏବଂ ବରୋଦା ଦଳ ରହିଛି। ତ୍ରିଦିବସୀୟ ଫର୍ମାଟରେ ପ୍ରତ୍ୟେକ ମ୍ୟାଚ୍ ଖେଳାଯିବ। ୧୮ ତାରିଖରୁ ବରୋଦା ବିପକ୍ଷରେ ଓଡ଼ିଶା ପ୍ରଥମ ମୁକାବିଲା ଲଢ଼ିବ। ଘୋଷିତ ୨୦ ଜଣିଆ ଦଳରେ କାର୍ତ୍ତିକ ବିଶ୍ୱାଳ, ସନ୍ଦୀପ ପଟ୍ଟନାୟକ, ସମ୍ବିତ ବରାଳ, ସୁମିତ ଶର୍ମା, ଅନୀଲ ପରିଡା, ସୁନୀଲ କୁମାର ରାଉଳ, ତାପସ କୁମାର ଦାସ, ସାଇଦୀପ ମହାପାତ୍ର, ରାଜେଶ ଧୂପର(ୱିକେଟ କିପର), ବାଦଲ ବିଶ୍ୱାଳ, ଓମ ଟି ମୁଣ୍ଡେ, ତରଣୀ




ସ, ଶୁଭ୍ରାଂଶୁ ଶେଖର ସେନାପତି, ପ୍ରଶାନ୍ତ ରଣା, ବିନୟ କୁମାର ପାଇକରାୟ(ୱିକେଟ କିପର), ଆଶୀର୍ବାଦ ସ୍ୱାଇଁ(ୱିକେଟ କିପର), ଆଶୁତୋଷ ଛୁରିଆ, ସ୍ୱସ୍ତିକ ସାମଲ, ଗୋବିନ୍ଦ ପୋଦ୍ଦାର, ପିୟୂଷ ପାଣିଗ୍ରାହୀ ସ୍ଥାନ ପାଇଛନ୍ତି। ସୁରେନ୍ଦ୍ର ଭାବେ-ମୁଖ୍ୟ କୋଚ୍, ସୌରଭ ସେହଗଲ-ସହକାରୀ କୋଚ୍, ଦିନେଶ ସାହୁ-ଫିଜିଓ, ସଂଗ୍ରାମ କେଶରୀ ଗୁମାନସିଂହ-ମ୍ୟାନେଜର, ଗୌରବ କୌଶକ-ଏସ ଆଣ୍ଡ ସି କୋଚ୍, ଶାରଦା ବିଶ୍ୱାଳ-ପର୍ଫମାନ୍ସ ଆନାଲିଷ୍ଟ, ସତ୍ୟବାନ ପ୍ରଧାନ- ସାଇଡଆର୍ମ ଥ୍ରୋଅର, କପିଳ ବୁନ୍ଦେଲା-ମାସେଜର ଭାବେ ଦଳରେ ରହିଛନ୍ତି।

### ୩୪ ବର୍ଷ ପ୍ରତୀକ୍ଷାର ଅନ୍ତ

# ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଜିତିଲା ୱେଷ୍ଟଇଣ୍ଡିଜ

ତ୍ରିନିଦାଦ, ୧୩।୮ (ଏଜେନ୍ସି):

ଭ୍ରମଣକାରୀ ପାକିସ୍ତାନ ବିପକ୍ଷରେ ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚରେ ୱେଷ୍ଟଇଣ୍ଡିଜ ୨୦୨ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଅଧିନାୟକ ସାଇ ହୋପ୍ସଙ୍କ ଦମ୍‌ଦାର ଅପରାଜିତ ଶତକ ଓ ଜେଡାନ ସେଲ୍ସଙ୍କ ଘାତକ ବୋଲିଂ କରି ଘରୋଇ ଦଳକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ପାକିସ୍ତାନ ୫ ୱିକେଟ୍‌ରେ ଓ ୱେଷ୍ଟଇଣ୍ଡିଜ ୨ୟ ଦିନିକିଆକୁ ଡିଏଲ୍ ପଦ୍ଧତିରେ ୫ ୱିକେଟ୍‌ରେ ଜିତିଥିଲା। ଏବେ ନିର୍ଣ୍ଣାୟକ ୩ୟ ମ୍ୟାଚ୍ ଜିତି ଘରୋଇ ୱେଷ୍ଟଇଣ୍ଡିଜ ଦିନିକିଆ ସିରିଜକୁ ୨-୧ରେ ହାତେଇନେଇଛି। ଫଳରେ ଦୀର୍ଘ ୩୪ ବର୍ଷର ବ୍ୟବଧାନ ପରେ କାରବୀୟାନ ଦଳ ପାକିସ୍ତାନ ବିପକ୍ଷରେ ଦିନିକିଆ ସିରିଜ ଜିତିବାର ସ୍ୱାଦ ଚାଖିଛି। ଶେଷଥର ଲାଗି ୧୯୯୧ରେ ପାକିସ୍ତାନ ଗସ୍ତରେ ଯାଇଥିବାବେଳେ ୱେଷ୍ଟଇଣ୍ଡିଜ ୨-୦ରେ ଦିନିକିଆ ସିରିଜ ବିଜୟୀ ହୋଇଥିଲା। ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ଗୋଟିଏ ମ୍ୟାଚ୍ ଟାଇ ରହିଥିଲା।




ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପାକିସ୍ତାନ ଅଧିନାୟକ ମହମ୍ମଦ ରିଜୱାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ଅଧିନାୟକଙ୍କ ଶତକୀୟ ଇନିଂସ ବଳରେ ୫୦ ଓଭରରେ ୬ ୱିକେଟ୍‌ରେ ୨୯୪ ରନର ସମ୍ମାନଜନକ ସ୍କୋର କରିଥିଲା। ହୋପ୍ସ ୧୦ ଚୌକା ଓ ୫ ଛକା ସହ ୯୪ ବଲରେ ୧୨୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଷ୍ଟନ ଚେଜ ୩୬, ଏଭିନ ଲୁଇସ ୩୭ ଓ ଜଷ୍ଟିସ ଗ୍ରେଭେସ ଅପରାଜିତ ୪୩ ରନ କରିଥିଲେ। ନସୀମ ଶାହ ଓ ଆବ୍ରାର୍ ଅହମ୍ମଦଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ ଦ୍ରୁତ ବୋଲର ଜେଡାନ ସେଲ୍ସଙ୍କ ବୋଲିଂକୁ ସାମ୍ନା କରି ନପାରି ପାକିସ୍ତାନ ୨୯.୨ ଓଭରରେ ୯୨ ରନ କରି ଲଜ୍ଜାଜନକ ପରାଜୟବରଣ କରିଥିଲା। ଦଳ ପକ୍ଷରୁ କେବଳ ସଲମନ ଆଘା (୩୦ ରନ) ଓ ମହମ୍ମଦ ନୱାଜ (୨୩) ଦୁଇଅଙ୍କ ଛୁଇଁପାରିଥିଲେ। ଜେଡାନ ୧୮ ରନରେ ସର୍ବାଧିକ ୬ଟି ୱିକେଟ୍ ନେଇଥିଲେ। ହୋପ୍ସ ମ୍ୟାଚର ଓ ଜେଡାନ ସିରିଜର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ଦିନିକିଆରେ ରନ ବ୍ୟବଧାନରେ ୱେଷ୍ଟଇଣ୍ଡିଜର ବଡ଼ ବିଜୟ**

| ବ୍ୟବଧାନ | ପ୍ରତିପକ୍ଷ | ବର୍ଷ | ଭେନ୍ୟୁ |
|---|---|---|---|
| ୨୧୫ | ନେଦରଲାଣ୍ଡସ | ୨୦୧୧ | ଦିଲ୍ଲୀ |
| ୨୦୮ | କାନାଡା | ୨୦୧୦ | କିଙ୍ଗ୍‌ସଟନ |
| ୨୦୩ | ନ୍ୟୁଜିଲାଣ୍ଡ | ୨୦୧୪ | ହାମିଲଟନ |
| ୨୦୨ | ପାକିସ୍ତାନ | ୨୦୨୫ | ତ୍ରିନିଦାଦ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS